


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ............

ବାଲେଶ୍ୱର ■ ବୁଧବାର ୦୮ ମଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 08 May 2024
Vol.No. 35 ■ No.123 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା



website : www.dhwanipratidhwani.net
email: pratidhwani.dhwani@gmail.com




# ଓଡ଼ିଶା ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି



## ମହିଳାଙ୍କ ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି

- **ସୁଭଦ୍ରା ଯୋଜନା:**
  ପ୍ରତ୍ୟେକ ମହିଳାଙ୍କୁ **୫୦,୦୦୦ ଟଙ୍କା**ର ଭାଉଚର ଯାହା ୨ ବର୍ଷ ମଧ୍ୟରେ ଉପଯୋଗ ହୋଇପାରିବ
- ଓଡ଼ିଶାରେ **୨୫ ଲକ୍ଷ ଲକ୍ଷପତି** ଦିଦି ଏବଂ ପ୍ରତ୍ୟେକ ୫୦୦ SHG ପାଇଁ ଶିଳ୍ପ କ୍ଲଷ୍ଟର
- **ମୋ ମେଧାବୀ ଝିଅ ଯୋଜନା:** ସମସ୍ତ ବିପିଏଲ୍ ଝିଅମାନଙ୍କ ପାଇଁ **୨,୦୦,୦୦୦ ଟଙ୍କାର** ର ଆଶ୍ୱାସନା ପ୍ରମାଣପତ୍ର
- **ମାତୃତ୍ୱ ସୁରକ୍ଷା ଯୋଜନା:** ୬ଟି ପୋଷଣ କିଟ୍ ପାଇଁ ୨୧,୦୦୦ ଟଙ୍କା ସହାୟତା



## ସୁଶାସନ ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି

- **ଦୁର୍ନୀତିର ଅନ୍ତ:** ଭ୍ରଷ୍ଟାଚାର ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି
- **ଚିଟ ଫଣ୍ଡ ସ୍କାମ**ର ଶିକାର ବ୍ୟକ୍ତିଙ୍କୁ **ଟଙ୍କା ଫେରସ୍ତ,** ଡିଏମଏଫ ଫଣ୍ଡର ସଠିକ ବ୍ୟବହାର
- **ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର:** ରତ୍ନଭଣ୍ଡାର ଚାବି ଠାବ, ରତ୍ନ ଭଣ୍ଡାର ହିସାବର ତଥ୍ୟ ସାର୍ବଜନୀନ
- ପ୍ରତ୍ୟେକ ଗ୍ରାମରେ ଇଣ୍ଟରନେଟ୍, ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସେବା ସୁବିଧା



## ସ୍ୱାସ୍ଥ୍ୟ ଏବଂ ପୁଷ୍ଟି ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି

- ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂତନ **୩୬,୦୦୦ ଶଯ୍ୟା** ଉପଲବ୍ଧ ହେବ
- ପ୍ରତ୍ୟେକ ଜିଲ୍ଲାରେ **ମେଡିକାଲ କଲେଜ, ନର୍ସିଂ କଲେଜ ଏବଂ ସୁପର ସ୍ପେସିଆଲିଟି ହସ୍ପିଟାଲ** ପ୍ରତିଷ୍ଠା
- ସୁନ୍ଦରଗଡ଼, କେନ୍ଦୁଝର ଏବଂ ଜୟପୁରରେ ୬୦୦ **ଶଯ୍ୟା ବିଶିଷ୍ଟ ସୁପର ସ୍ପେସିଆଲିଷ୍ଟ ହସ୍ପିଟାଲ**



## ସମୃଦ୍ଧ ଓଡ଼ିଶା ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି

- **ଏମ୍. ଏସ୍. ଏମ୍. ଇ.** ଗୁଡ଼ିକୁ ପ୍ରୋତ୍ସାହନ
- **୪ଟି ସହରରେ** ନୂଆ ଆଇ. ଟି. ପାର୍କର ନିର୍ମାଣ
- **ଶିଳ୍ପ କ୍ଷେତ୍ରରେ ଓଡ଼ିଶା ହେବ ଅଗ୍ରଣୀ**
- **ଉତ୍କର୍ଷ ଉଦ୍ୟମ ଯୋଜନା:** ରପ୍ତାନୀରେ ଓଡିଶା ୫ମ ବୃହତ ରାଜ୍ୟ ହେବ
- ସମସ୍ତ ଜୋନ୍ **ରେ ମେଗା ଫୁଡ ପାର୍କ** ସ୍ଥାପନ



## ଯୁବଗୋଷ୍ଠୀଙ୍କୁ ମୋଦୀଙ୍କ ଗ୍ୟାରେଣ୍ଟି

- **୧.୫ ଲକ୍ଷ** ସରକାରୀ ପଦବୀରେ ନିଯୁକ୍ତି
- ନୂତନ **୩.୫ ଲକ୍ଷ** ପଦବୀ ସୃଷ୍ଟି କରାଯିବ
- **ଆଉ ଦାଦନ ଖଟିବାକୁ ଯିବେନି** ଶିକ୍ଷିତ ଯୁବପିଢ଼ି



## କୃଷକ ସମୃଦ୍ଧି ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି

- **ସମୃଦ୍ଧ କୃଷକ ନୀତି:** କୁଇଣ୍ଟାଲ ପିଚ୍ଛା ଧାନର କ୍ରୟ ମୂଲ୍ୟ **୩,୧୦୦ ଟଙ୍କା**
- DBT ମାଧ୍ୟମରେ କେବଳ **୪୮ ଘଣ୍ଟା ଭିତରେ** ମିଳିବ ପ୍ରାପ୍ୟ, **କଟନି-ଛଟନି ସମାପ୍ତ** କରିବୁ
- **୧୦ଟି ନୂଆ ଜଳସେଚନ ପ୍ରକଳ୍ପ** ଏବଂ ତିନିଗୁଣ ହେବ ଜଳସେଚନଯୁକ୍ତ ଚାଷ ଜମି
- **ମତ୍ସ୍ୟଜୀବୀଙ୍କ** ମାନ୍ଦା ଅବସ୍ଥାରେ ବାର୍ଷିକ ୧୦,୦୦୦ ଟଙ୍କାର ଭତ୍ତା



## ଜନଜାତି କଲ୍ୟାଣ ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି

- **କେନ୍ଦୁ ପତ୍ର ତୋଳାଳୀ କଲ୍ୟାଣ ଯୋଜନା:**
  କେରୀ ପିଛା ୨ ଟଙ୍କା, କେନ୍ଦୁପତ୍ର ତୋଳାଳୀ ଓ ବନ୍ଧାଳୀଙ୍କୁ ବୋନସ
- **ମାଧୋ ସିଂ ହାତ ଖର୍ଚ୍ଚ:** ଡ୍ରପ୍‌ଆଉଟ୍ ହାର ହ୍ରାସ ପାଇଁ **ଆଦିବାସୀ ଛାତ୍ରଙ୍କୁ ବାର୍ଷିକ ୫,୦୦୦ ଟଙ୍କା**
- ମହୁଲ ପାଇଁ ସର୍ବନିମ୍ନ ସହାୟକ ରାଶି, ମହୁଲ ଚାଷୀଙ୍କୁ ବୋନସ ଏବଂ ନୂଆ ମହୁଲ ବ୍ୟବସାୟ ଉଦାରୀକରଣ ନୀତି



## ସମାଜ କଲ୍ୟାଣ ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି

- **ପିଏମ ଆବାସ ଯୋଜନା**ରେ ୧୫ ଲକ୍ଷ ଗରିବଙ୍କୁ ପକ୍କା ଘର
- **ଜଳ ଜୀବନ ମିଶନ**ରେ ୨୬ ଲକ୍ଷ ପରିବାରଙ୍କୁ ପାନୀୟ ଜଳ ଯୋଗାଣ
- ସମସ୍ତ ବୟସ୍କ ବ୍ୟକ୍ତି, ଦିବ୍ୟାଙ୍ଗ, ବିଧବା ତଥା ନିରାଶ୍ରୟ ଲୋକଙ୍କୁ ମାସିକ **୩,୦୦୦ ଟଙ୍କା**
- ୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ଓ ୮୦% ରୁ ଅଧିକ ଦିବ୍ୟାଙ୍ଗତା ଥିବା ବ୍ୟକ୍ତିଙ୍କୁ ମାସିକ **୩,୫୦୦ ଟଙ୍କା**ର ଭତ୍ତା
- **ପିଏମ-ସୂର୍ଯ୍ୟ ଘର** ଅନ୍ତର୍ଗତ ସମସ୍ତ ଗ୍ରାମୀଣ ଓ ସହରୀ ପରିବାରକୁ **ମାଗଣା ବିଜୁଳି ଯୋଜନା**
- **ବୁଣାକାର ସମ୍ମାନ ନିଧି:** ୪୦ ରୁ ୬୦ ବର୍ଷ ବୟସ୍କ ବୁଣାକାରମାନଙ୍କୁ ମାସିକ **୩,୦୦୦ ଟଙ୍କା**
  ଏବଂ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୁଣାକାରଙ୍କୁ ମାସିକ **୩,୫୦୦ ଟଙ୍କା**ର ସହାୟତା ରାଶି

ଓଡ଼ିଆ

## ଆମ ଓଡ଼ିଶା, ଆମ ଅସ୍ମିତା, ଆମ ପରିଚୟ

- ପର୍ଯ୍ୟଟନ ଅର୍ଥନୀତିର ବିକାଶ ହୋଇ
  **ଓଡ଼ିଶା ତୃତୀୟ ସର୍ବବୃହତ ପର୍ଯ୍ୟଟନ ସ୍ଥଳୀରେ ପରିଣତ** ହେବ
- ଶୁଖିଲା ମହାପ୍ରସାଦ ବିତରଣ ପାଇଁ **ପ୍ରତି ଜିଲ୍ଲାରେ ମହାପ୍ରସାଦ ବିତରଣ କେନ୍ଦ୍ର**
- ସ୍ୱୀକୃତିପ୍ରାପ୍ତ ମଠଗୁଡିକୁ ଜମି ଆବଣ୍ଟନ ଏବଂ ମଠ ଗୁଡ଼ିକର ପୁନରୁଦ୍ଧାର ପାଇଁ
  **୫ ଲକ୍ଷ ଟଙ୍କା ସହାୟତା ରାଶି**



## ଓଡ଼ିଶା ନିର୍ମାଣ ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି

- ସମ୍ପୂର୍ଣ୍ଣ ଓଡ଼ିଶା ସଂଯୋଗୀକରଣ ପାଇଁ **୭୫,୦୦୦ କିମି**ର ଗ୍ରାମୀଣ ଓ ରାଜ୍ୟ ରାଜପଥ ନିର୍ମାଣ
- **ସେତୁ ବନ୍ଧନ ଯୋଜନା:** କାଠ ପୋଲ ବଦଳରେ **୫୦୦** ନୂଆ କଂକ୍ରିଟ ପୋଲ ନିର୍ମାଣ

ଦୁଇଥର ପଦ୍ମ ● ଦୁଇଗୁଣା ବିକାଶ

# ଓଡ଼ିଶାରେ ହେବ ବିଜେପି ସରକାର


Published by: Bharatiya Janata Party, 6 A, Pandit Deen Dayal Upadhyaya Marg, New Delhi

# ନୀଳାଚଳ ସାରସ୍ୱତ ସଙ୍ଘର ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ: ଦେଶବିଦେଶରୁ ଯୋଗଦେବେ ଶ୍ରଦ୍ଧାଳୁ



ଭୁବନେଶ୍ୱର, ୦୭/୫ (ନି.ପ୍ର): ପରମହଂସ ସଦଗୁରୁ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ପ୍ରତିଷ୍ଠିତ ପୁରୀସ୍ଥିତ ନୀଳାଚଳ ସାରସ୍ୱତ ସଙ୍ଘ ଦ୍ୱାରା ଅନୁଷ୍ଠିତ ହେଉଥିବା ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀର ୭୪ତମ ଅଧିବେଶନ ପାଇଁ ଏକ ପ୍ରସ୍ତୁତି ବୈଠକ ଏକ ଆଧାତ୍ମିକ ପରିବେଶରେ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ୨୦୨୫ ମସିହାରେ ଏହି ସମ୍ମିଳନୀ ବାଲେଶ୍ୱର ଜିଲ୍ଲା ସୋରଠାରେ ଅନୁଷ୍ଠିତ ହେବ। ସଙ୍ଘର ସଭାପତି ସନ୍ତୋଷ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଭାପତିଙ୍କ ପ୍ରାରମ୍ଭିକ ଅଭିଭାଷଣ ପରେ ସଙ୍ଘର ପରିଚାଳକ ଶରତ ଚନ୍ଦ୍ର ସିଂଦେଓ ସମ୍ମିଳନୀର ବିଭିନ୍ନ ସେବା ବିଭାଗ ସମ୍ପର୍କରେ ଆଲୋଚନା କରିଥିଲେ। ଆସନ୍ତାବର୍ଷ ଫେବୃଆରୀ ମାସ ମାଘ ପୂର୍ଣ୍ଣିମା ସମୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଭକ୍ତ ସମ୍ମିଳନୀରେ ଦେଶ ବିଦେଶରୁ ପ୍ରାୟ ଦଶ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ସମ୍ମିଳନୀରେ ଭକ୍ତମାନଙ୍କର ରହିବା ଓ ପ୍ରସାଦ ପାଇବାର ସମସ୍ତ ଆୟୋଜନ ସଙ୍ଘ ପକ୍ଷରୁ କରାଯିବ। ଏଥିପାଇଁ ସମ୍ମିଳନୀର ବିଭିନ୍ନ ସେବା ବିଭାଗର ମୁଖ୍ୟ ସେବକମାନେ ମିଳିତ ହୋଇ ସମସ୍ତ ଆୟୋଜନର ସମୀକ୍ଷା କରିଥିଲେ।

ସଦଗୁରୁ ସ୍ୱାମୀ ନିଗମାନନ୍ଦଙ୍କଙ୍କ ପ୍ରତିଷ୍ଠିତ ନୀଳାଚଳ ସାରସ୍ୱତ ସଙ୍ଘ ଅଧୀନରେ ଥିବା ବାଲେଶ୍ୱର ଜିଲ୍ଲା ସାରସ୍ୱତ ସଙ୍ଘର ଆନୁକୂଲ୍ୟରେ ସୋର ସାରସ୍ୱତ ସଙ୍ଘଠାରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ସମ୍ମିଳନୀ ସମୟରେ ସ୍ଥାନୀୟ ଜନ ସାଧାରଣଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ । ସମ୍ମିଳନୀର ୨ୟ ଦିବସରେ ଏକ ରକ୍ତ ଦାନ ଶିବିର ମଧ୍ୟ ଅନୁଷ୍ଠିତ ହେବ। ପବିତ୍ର ଅକ୍ଷୟ ତୃତୀୟାରେ ସ୍ଥାନୀୟ ଲୋକଙ୍କୁ ଫଳ ଚାରା ବଣ୍ଟନ କରାଯିବ । ଆଗାମୀ ସରସ୍ୱତୀ ପୂଜା ଦିନ ସ୍ଥାନୀୟ ମେଡିକାଲରେ ରୋଗୀ ମାନଙ୍କୁ ଫଳ ବଣ୍ଟନର ବ୍ୟବସ୍ଥା କରାଯାଇଛି।

ଭାରତ ସନାତନ ଧର୍ମର ଦେଶ। ସନାତନ ଧର୍ମର ମହାଯଜ୍ଞ ଏହି ଭକ୍ତ ସମ୍ମିଳନୀରେ ବହୁ ସାଧୁ ସନ୍ଥ ଯୋଗ ଦେଇ ସଦଗୁରୁ ସ୍ୱାମୀ ନିଗମାନନ୍ଦଙ୍କ ଜୀବନ ଦର୍ଶନ ଓ ଆର୍ଯ୍ୟାବର୍ତ୍ତ ଭାରତ ବର୍ଷର ବେଦାନ୍ତ ଦର୍ଶନ ସମ୍ପର୍କିତ ଆଲୋଚନାରେ ଅଂଶଗ୍ରହଣ କରିବେ। ଏହି ସମ୍ମିଳନୀର ସଫଳ ରୂପାୟନ ପାଇଁ ଆବଶ୍ୟକ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ସଙ୍ଘ ପକ୍ଷରୁ ନିବେଦନ କରାଯାଇଛି।

ଏହି ସମ୍ମିଳନୀ ପ୍ରସ୍ତୁତି ବୈଠକରେ କେନ୍ଦ୍ର ସଙ୍ଘର ସଭାପତି, ପରିଚାଳକଙ୍କ ସହିତ ସୋରୋ ମ୍ୟୁନସିପାଲଟିର ଭାଇସ୍ ଚେୟାରମ୍ୟାନ ସୁସ୍ମିତା ଦାସ, ସୋରୋ ମହୋତ୍ସବ କମିଟିର ସମ୍ପାଦକ ଅଜିତ କୁମାର ନାୟକ, ସୋର ନାଗରିକ ମଞ୍ଚର ସମ୍ପାଦକ ପ୍ରଫେସର ନେତ୍ରାନନ୍ଦ ନାୟକ, ସ୍ଥାନୀୟ ସମାଜସେବୀ ଆଡ୍‌ଭୋକେଟ ନିରୋଦ ଚନ୍ଦ୍ର ପଟ୍ଟନାୟକ, ସମାଜସେବୀ ଚନ୍ଦ୍ର କୁମାର ମହାନ୍ତି, ଫାୟାର ଅଫିସର ଯମୁନା ପ୍ରସାଦ ମହନ୍ତ, କିଶୋର ଚନ୍ଦ୍ର ଦାଶ, ସଭାପତି ସୋରୋ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ, ସମାଜସେବୀ ନିତ୍ୟାନନ୍ଦ କର, କେନ୍ଦ୍ର ସଙ୍ଘର ସମ୍ପାଦକ ନରେଶ ଚନ୍ଦ୍ର ପତି, ଉପ ସଭାପତି କମ୍ବୁ ଚରଣ ଧର, କୋଷାଧ୍ୟକ୍ଷ କୀର୍ତ୍ତନ ବିହାରୀ ପାତ୍ର, ସଭ୍ୟ ସଂଗ୍ରାମ କେଶରୀ ସିହ୍ନା, ମନ୍ମଥ ଚନ୍ଦ୍ର ଜେନା, ଜଗନ୍ନାଥ ଦାଶ, କାନନ ବିହାରୀ ସାହୁ, କେନ୍ଦ୍ର ପରାମର୍ଶଦାତା ମଣ୍ଡଳୀ ସମ୍ପାଦକ ସଂଗ୍ରାମ କେଶରୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲା ସଙ୍ଘର ସଭାପତି କୃଷ୍ଣ ଚନ୍ଦ୍ର ଖିଲାର, ସମ୍ପାଦକ ରବୀନ୍ଦ୍ର କୁମାର ନାୟକ, ସୋରୋ ଶାଖା ସଙ୍ଘର ସଭାପତି ଜୟନ୍ତ କୁମାର ପଟନାୟକ, ସମ୍ପାଦକ ବାସୁକୃଷ୍ଣ ମହାପାତ୍ରଙ୍କ, ଉପ ସଭାପତି ଅନନ୍ତ ଚନ୍ଦ୍ର ପାତ୍ର ସମେତ ୫୦୦ ଭକ୍ତ ଯୋଗ ଦେଇ ସମ୍ମିଳନୀର ସଫଳତା ପାଇଁ ବିଭିନ୍ନ ବିଷୟରେ ଏକ ସଫଳ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସୋରୋ ସଙ୍ଘ ପକ୍ଷରୁ ସଭ୍ୟ ରାଧାକୃଷ୍ଣ ମହାପାତ୍ର ସମସ୍ତ ଆୟୋଜନର ସୁପରିଚାଳନା କରିଥିଲେ।

# ସ୍ୱର୍ଗତ ପ୍ରଭୁଦାନ ଭତ୍ରାଙ୍କ ୯୨ତମ ଜୟନ୍ତୀ ପାଳିତ

ଜୟପୁର, ୦୭/୫ (ନି.ପ୍ର): ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଜୟପୁର ଠାରେ ସ୍ୱର୍ଗତ ପ୍ରଭୁଦାନ ଭତ୍ରା ସ୍ମୃତି ସଂସଦ ଜୟପୁର ତରଫରୁ ସଭାପତି ଯଜ୍ଞେଶ୍ୱର ପଣ୍ଡାଙ୍କ ସଭାପତିତ୍ୱରେ ସ୍ୱର୍ଗତ ପ୍ରଭୁଦାନ ଭତ୍ରାଙ୍କ ୯୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ୱର୍ଗତ ଭତ୍ରାଙ୍କୁ ଶ୍ରଦ୍ଧା ସୁମନ ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗବେଷକ ଡ. ପରେଶ ରଥ ,ମୁଖ୍ୟବକ୍ତା ଭାବେ ପ୍ରକାଶ ଚନ୍ଦ୍ର ଦାଶ, ସମ୍ମାନିତ ବକ୍ତାଭାବେ ବିଶିଷ୍ଟ ଶିକ୍ଷାବିତ ଡ. ପ୍ରଦୀପ କୁମାର ମିଶ୍ର ଓ ଡ. ପ୍ରମୋଦିନୀ ହୋତା ଏବଂ ସମ୍ମାନିତ ଅତିଥିଭାବେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ରୂପଚନ୍ଦ୍ର ସୋରେନ ଯୋଗଦେଇ ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସ୍ୱର୍ଗତ ପ୍ରଭୁଦାନ ଭତ୍ରାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅଧାପକ ଡ. ସୁଧାଂଶୁ ଶେଖର ପଟ୍ଟନାୟକ ଅତିଥିମାନଙ୍କ ପରିଚୟ କରିଥିବା ବେଳେ କବି କୃଷ୍ଣଚନ୍ଦ୍ର ହୋତା ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ ଏବଂ ଫ୍ଲୋରେନ୍ସ ନାଇଟିଙ୍ଗେଲ ଏ. ଏନ. ଏମ.ପ୍ରଶିକ୍ଷଣ କେନ୍ଦ୍ରର ଛାତ୍ରୀମାନେ ସମବେତ ସଂଗୀତ ଗାନ କରିଥିଲେ । ସମ୍ପାଦକ ପ୍ରକାଶ ମହାନନ୍ଦିଆ ବିବରଣୀ ପାଠ କରିଥିଲେ।ଏହି ଅବସରରେ ପ୍ରକାଶ ମହାନନ୍ଦିଆଙ୍କ ଦ୍ୱାରା ରଚିତ ପ୍ରଭୁଦାନ ଭତ୍ରାଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକ 'ଦୁଇପାଦ ଆଗରେ' ଏବଂ ଏକପଦୀ କବିତା ପୁସ୍ତକ 'ଦିନଟିଏ :ବାର୍ତାଟିଏ' ପାଠକାର୍ପଣ କରାଯାଇଥିଲା। ବିଶିଷ୍ଟ ଗବେଷକ ଓ ସାମ୍ବାଦିକ ଡ. ପରେଶ ରଥଙ୍କୁ ପ୍ରଭୁଦାନ ସ୍ମୃତି ସଂସଦ ତରଫରୁ ପ୍ରଭୁଦାନ ସ୍ମୃତି ସମ୍ମାନ-୨୦୨୪ ରେ ସମ୍ମାନିତ କରାଯାଇଥିଲା। ଶେଷରେ ଅନୁଷ୍ଠାନର ଉପସଭାପତି ଗୌରବ ଭତ୍ରା ଧନ୍ୟବାଦ ଅର୍ପଣ କରିଥିଲେ।କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ସାହିତ୍ୟିକ ଉଦୟ ଶଙ୍କର ଜାନିଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ଅଶୋକ ମହାରଣା ଓ କବୟିତ୍ରୀ ଶୋଭାଗିନୀ ନନ୍ଦ କବିତାଗୁଡିକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମକୁ ସରସ ସୁନ୍ଦର ଓ ମହିମାମଣ୍ଡିତ କରିଥିବା କବି, କବୟିତ୍ରୀ ଏବଂ ସହିତ୍ୟାନୁରାଗୀଗଣ ହେଲେ - ଅଶୋକ କୁମାର ପୋଲେଇ, ଆଲୋକ ମହାରଣା, ପ୍ରମୋଦ ରାଉଳ, ନାରାୟଣ ପାତ୍ର, ନାରାୟଣ ସଗର, ଅନସୂୟା ସାମନ୍ତରାୟ, ସଂଯୁକ୍ତା ରାଉତ, ଅଜୟ କୁମାର ମଲିକ, ଜି. ମହେଶ, ତପସ୍ୱିନୀ କୁମାରୀ ସାହୁ, ତାରିଣୀ ପ୍ରସାଦ ମିଶ୍ର, ନବକିଶୋର ଭତ୍ରା, ପୁଷ୍ପାଞ୍ଜଳି ଦେବୀ, ମଦନ ମୋହନ ନାୟକ, କାହ୍ନୁଚରଣ ପ୍ରଧାନ,ଚନ୍ଦ୍ରକାନ୍ତ ସୁତାର, ପ୍ରତୀତ କାଂଚନ ସାହୁ, ଆକାଂକ୍ଷା ନାୟକ, ଜିତେନ୍ଦ୍ର ଭତ୍ରା, ଦେବାଶିଷ ପଟ୍ଟନାୟକ, ଅଭିମନ୍ୟୁ ବେନ୍ୟାଙ୍କ ସମେତ ଅନୁଷ୍ଠାନର ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ଛାତ୍ରୀଗଣ। କବୟିତ୍ରୀ ବିଜୟଲକ୍ଷ୍ମୀ ପାଣିଗ୍ରାହୀ ଦ୍ୱିତୀୟ ପର୍ଯ୍ୟାୟରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା

ପୁରୀ, ୦୭/୫ (ନି.ପ୍ର): ପୁରୀ ଜିଲ୍ଲାର ୪ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ମଦନ ପାଲ ସିଂ ନିର୍ବାଚନ ଖର୍ଚ୍ଚର ସମୀକ୍ଷା କିପରି ଭାବେ ପରିଚାଳନା କରାଯାଉଛି ତାହାର ନିରୀକ୍ଷଣ ଆଜି ଅପରାହ୍ନରେ ସର୍କିଟ ହାଉସ ଠାରେ କରିଛନ୍ତି। ଶ୍ରୀ ପାଲ ୧୦୭ ପୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀ, ୧୦୮ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ, ୧୦୯ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ ଓ ୧୧୦ ପିପିଲି ନିର୍ବାଚନ ମଣ୍ଡଳୀ ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ତଦାରଖ ଦାୟିତ୍ୱରେ ଅଛନ୍ତି। ତେଣୁ ଏହି ନିର୍ବାଚନ ମଣ୍ଡଳୀର ଫ୍ଲାଇଙ୍ଗ ସ୍କ୍ୱାର୍ଡ଼ ଟିମ ବା ଏଫ ଏସ ଟି, ଭିଡିଓ ସର୍ଭିଲାନ୍ସ ଟିମ ବା ଭିଏସଟି ଓ ଷ୍ଟାଟିକ ସର୍ଭିଲାନ୍ସ ଟିମ ବା ଏସ ଏସ ଟି ର ଅଧିକାରୀ ଓ କର୍ମଚାରୀ ମାନଙ୍କ ସହ ଆଲୋଚନା କରିଥିଲେ।ଭାରତର ନିର୍ବାଚନ କମିଶନ ଙ୍କ ମାର୍ଗଦର୍ଶିକା ଆଧାରରେ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀ ମାନେ ସର୍ବାଧିକ ୪୦ ଲକ୍ଷ ଟଙ୍କା ବ୍ୟୟ କରିବାର ନିୟମ ଥିବାରୁ ପ୍ରତିଟି ଖର୍ଚ୍ଚର ହିସାବ ସଠିକ ଭାବେ ରଖିବାକୁ ପରାମର୍ଶ ଦେଇଥିଲେ।

ପୂର୍ବରୁ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ସହ ଆଲୋଚନା ମାଧ୍ୟମରେ ବିଭିନ୍ନ ଦ୍ରବ୍ୟ, ସାମଗ୍ରୀ ଇତ୍ୟାଦି ର ଦାମ ଧାର୍ଯ୍ୟ ହୋଇଛି। ତେଣୁ ସେମାନେ କରୁଥିବା ପ୍ରଚାର ବୈଠକ, ଶୋଭାଯାତ୍ରା ଇତ୍ୟାଦି ଉପରେ ଦୃଷ୍ଟି ରଖି ତାହାର ହିସାବ ରଖିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଉପରୋକ୍ତ ଟିମର ଅଧିକାରୀ ଓ କର୍ମଚାରୀ ମାନେ ଯୋଗ ଦେଇଥିଲେ।

# ଦୋଷୀଙ୍କୁ ଜାମିନ ଦେବା ସହ ଆମ୍ବ ଓ ତେନ୍ତୁଳି ଗଛ ଲଗାଇବାକୁ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

କଟକ, ୦୭/୫ (ନି.ପ୍ର): ଓଡିଶା ହାଇକୋର୍ଟ ୩ଟି ଗୁରୁତ୍ୱପୂର୍ଣ୍ଣ ଜାମିନ ଆବେଦନର ଶୁଣାଣି କରି ଆବେଦନକାରୀମାନଙ୍କୁ ୫୫୦ଟି ବୃକ୍ଷରୋପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।ଏହା ସହ ଆବେଦନକାରୀ ମାନଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ତିନୋଟି ମାମଲା ମଧ୍ୟରୁ ଦୁଇଟି ପକସୋ ମାମଲା ହୋଇଥିବାବେଳେ ଗୋଟିଏ ହତ୍ୟା ମାମଲା ରହିଛି। ୨୦୧୯ ମସିହା ନଭେମ୍ବର ମାସରେ ଚାନ୍ଦବାଲି ଥାନା ଅଧିନରେ କାଳିପଡିଆକୁ ଯାତ୍ରା ଦେଖିବାକୁ ଯାଇଥିବାବେଳେ ପୀଡିତା ଗଣଦୁଷ୍କର୍ମର ଶିକାର ହୋଇଥିଲେ। ଏହି ମାମଲାରେ ଆରୋପୀ ପିଣ୍ଟୁ ମହାଲିକ ୨୦୧୯ ମସିହାରୁ ଜେଲରେ ଥିଲା। ତେବେ ଜେଲରେ ତାର ବ୍ୟବହାର ସନ୍ତୋଷଜନକ ଥିବାବେଳେ ତ୍ୱରିତ ଶୁଣାଣି ଜଣେ ବ୍ୟକ୍ତିର ମୌଳିକ ଅଧିକାର ବୋଲି ସୁପ୍ରିମକୋର୍ଟ କହିଥିବା ଆବେଦନକାରୀଙ୍କ ଓକିଲ ଖଣ୍ଡପୀଠକୁ କହିଥିଲେ।ତେବେ ସମସ୍ତ ପକ୍ଷରୁ ଶୁଣିବା ପରେ ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀଙ୍କ ଖଣ୍ଡପୀଠ ଆବେଦନକାରୀଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି।

ସର୍ତ୍ତରେ ସେ ନିଜ ଗାଁ ବେଏରିନପୁରରେ ୧୨୫ଟି ଆମ୍ବ ଓ ତେନ୍ତୁଳି ଗଛ ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷା ଋତୁ ଆସିବା ପୂର୍ବରୁ ଏହି କାମ ସାରିବାକୁ ନିର୍ଦ୍ଦେଶ ରହିଛି। ଜିଲ୍ଲା ନର୍ସରୀ ସମସ୍ତ ଗଛ ତାଙ୍କୁ ଯୋଗାଇଦେବା ସହ ଗଛ ଲଗାଇବା କାମ ଆବେଦନକାରୀ କରୁଛନ୍ତି କି ନା ତାହା ସ୍ଥାନୀୟ ଚାନ୍ଦବାଲି ପୁଲିସ ତଦାରଖ କରିବାକୁ ନିର୍ଦ୍ଦେଶ ରହିଛି। ସେହିଭଳି ପ୍ରତ୍ୟେକ ସୋମବାର ଦିନ ସ୍ଥାନୀୟ ଥାନାରେ ଦିନ ୧ଟା ସୁଦ୍ଧା ହାଜିରା ପକାଇବା ଭଳି ସର୍ତ୍ତ ରହିଛି। ଯଦି ଖିଲାପ ହୁଏ ତେବେ ଜାମିନ ଖାରଜ ହେବ ବୋଲି ଖଣ୍ଡପୀଠ କହିଛନ୍ତି।

ସେହିଭଳି କଳାହାଣ୍ଡି କୋକସରା ଥାନାରେ ଥିବା କାର୍ତ୍ତିକ ମାଝୀଙ୍କର ସମାନ ପକସୋ ମାମଲାର ଶୁଣାଣି କରି ନିଜ ଗାଁ ଆମପାଣି ଥାନା ଅନ୍ତର୍ଗତ ରେନିଗୁଡାଗାଁରେ ୨୦୦ ଗଛ ଲଗାଇବା ସହ ସମାନ ସର୍ତ୍ତ ରଖିଛନ୍ତି କୋର୍ଟ ।୨୦୨୦ ମସିହାରୁ କାର୍ତ୍ତିକ ମାଝୀ ଜେଲରେ ଅଛନ୍ତି। ସେହିଭଳି ୨୦୧୯ ମସିହାରୁ ଏକ ହତ୍ୟା ମାମଲାରେ ଜେଲରେ ଥିବା ମଂଚେଶ୍ୱର ଥାନା ଅନ୍ତର୍ଗତ ରଂଗମାଟିଆ ଗାଁର ସୌମ୍ୟରଂଜନ ପରିଡାଙ୍କୁ କୋର୍ଟ ୨୦୦ ଗଛ ଲଗାଇବା ସହ ସମାନ ସର୍ତ୍ତ ରଖି ଜାମିନ ପ୍ରଦାନ କରିଛନ୍ତି।

# ଗାଁରେ ଗଡୁନି ଶଗଡ଼: ହଜିଯାଉଛି ହଳବଳଦ



କଣିହାଁ, ୦୭/୫ (ନି.ପ୍ର): ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ୍ ଅଞ୍ଚଳରେ ବଦଳିଗଲାଣି ପାରମ୍ପରିକ ଚାଷ ପ୍ରଣାଳୀ। ଗାଁ ଦାଣ୍ଡରେ ଆଉ ଗଡୁନି ଶଗଡ଼। ଦିଶୁନାହାନ୍ତି ହଳ ବଳଦ। ଶୁଣାଯାଉନାହିଁ ଗୋରୁ, ବଳଦଙ୍କ ହମ୍ବା ରଡ଼ି। ପୁରୁଷ ପୁରୁଷ ଧରି ଚାଷରେ ବ୍ୟବହୃତ ହୋଇଆସୁଥିବା ଗୋ ସମ୍ପଦ, କାଠ ଲଙ୍ଗଳ, ଶଗଡ଼ ପ୍ରଭୃତିର ସ୍ଥାନ ନେଇଛି ଯନ୍ତ୍ରପାତି। ଅନେକ ସ୍ଥାନରେ ଜମି ଚାଷଠାରୁ ଫସଲ ଅମଳ ପର୍ଯ୍ୟନ୍ତ ସବୁ କାମ ହେଉଛି ଯନ୍ତ୍ରରେ। ପୂର୍ବରୁ ଶୁଣାଯାଉଥିବା ଶଗଡ଼ର କେଁ କଟର ଶବ୍ଦ, ଶଗଡ଼ିଆଙ୍କ ଗୀତ ଆଉ ନାହିଁ। ତା'ର ସ୍ଥାନ ନେଇଛି ଟ୍ରାକ୍ଟର। ଟ୍ରାକ୍ଟରର ବିକଟାଳ ଶବ୍ଦ କାନ ଅତଡ଼ା ପକାଉଛି। କାଁ ଭାଁ କିଛି ଚାଷୀଙ୍କ ପିଣ୍ଡାରେ ଅଲୋଡ଼ା ହୋଇ ପଡ଼ିଛି ଶଗଡ଼ର ଚକ, ଅଖ। ହଳ, ଲଙ୍ଗଳ, ଶଗଡ଼ ଇତ୍ୟାଦି ସ୍ମୃତି ପାଲଟିଲାଣି। ଶିଶୁମାନେ ତାଙ୍କ ପଢ଼ାବହିରେ ଏ ସବୁର ଚିତ୍ର ଯାହା ଦେଖୁଛନ୍ତି। ଯନ୍ତ୍ରପାତିର ବ୍ୟବହାର, ଫସଲରେ ରାସାୟନିକ ସାରର ବ୍ୟବହାର ମାଟି, ପାଣି ପବନକୁ ବିଷାକ୍ତ କରୁଛି। କଣିହାଁ ବ୍ଲକ୍‌ରେ ଜିନ୍ଦଲ ଥର୍ମାଲ ପାୱାର ପ୍ଲାଣ୍ଟ ସମେତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏନ୍‌ଟିପିସି ପ୍ଲାଣ୍ଟ, କୋଇଲା ଖଣି ଗଢ଼ି ଉଠିଛି। ଲୋକମାନେ ଚାଷରୁ ମୁହଁ ବୁଲାଇଲେଣି। ଜମି ଚାଷ କରିବା ପାଇଁ ମୂଲିଆ ମିଳୁ ନାହାନ୍ତି। ଶହ ଶହ ଏକର ଚାଷଜମି ପଡ଼ିଆ ପଡିଛି। କଳ କାରଖାନାରେ କାମ କରି ଗୁଜୁରାଣ ମେଣ୍ଟାଇବାକୁ ଲୋକେ ଅଧିକ ପସନ୍ଦ କରୁଛନ୍ତି। ଫଳରେ ଗାଁ ଗଣ୍ଡାରୁ ଶଗଡ଼, ହଳ ବଳଦ ଉଭାନ ହୋଇଯାଇଛି। ପୁରୁଷାନୁକ୍ରମେ ଭୋର ୪ଟାରୁ ଚାଷୀମାନେ ହଳ ଲଙ୍ଗଳ ନେଇ ବିଲରେ ଚାଷ କରୁଥିଲେ। ଶଗଡ଼ରେ ଜମିକୁ ଖତ ବୋହୁଥିଲେ। ସେଠାରୁ ଫସଲ ଆଣୁଥିଲେ। ଏ ସବୁ କାମ କରୁଛି ଟ୍ରାକ୍ଟର। ଯନ୍ତ୍ରପାତିର ବ୍ୟବହାର ଦ୍ୱାରା କମ୍ ସମୟରେ ଅଧିକ କାର୍ଯ୍ୟ ହୋଇପାରୁଛି ସତ, କିନ୍ତୁ ଏଥିଯୋଗୁଁ ଗାଁ ଗହଳିରେ ଏବେ ଲୋକେ କାମ ପାଉନାହାନ୍ତି। ଅନେକ ଚାଷୀ ଚାଷ କାର୍ଯ୍ୟ ଛାଡ଼ି ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି। କିଛି ଲୋକ ସରକାରଙ୍କଠାରୁ ମିଳୁଥିବା ମାଗଣା ଚାଉଳ ଉପରେ ଭରସାକରି ଚଳୁଛନ୍ତି ପଛେ ଚାଷ କରୁନାହାନ୍ତି। କଣିହାଁ ବ୍ଲକ୍‌ରେ ୨୭ଟି ପଞ୍ଚାୟତ ଥିବାବେଳେ ହେକ୍ଟର ହେକ୍ଟର ଚାଷ ଜମି ରହିଛି। ଅନେକ ଜାଗାରେ କିନ୍ତୁ ଜମି ପଡ଼ିଆ ପଡ଼ିଛି। ଚାଷୀମାନେ ଗାଈ, ବଳଦ ବିକ୍ରି କରିସାରିଲେଣି। ତେଣୁ ଅଞ୍ଚଳରୁ ଗୋ ସମ୍ପଦ ଲୋପ ପାଇବାକୁ ବସିଲାଣି।

# ତେଲକୋଇର ବିକାଶ ଧାରାକୁ ଆଗକୁ ନେବେ ମାଟିର ପୁଅ ଯୁବ ସାମ୍ବାଦିକ ନିର୍ମଳ ନାୟକ, ଗାଁ ଗାଁରେ ମିଳୁଛି ବିପୁଳ ସମର୍ଥନ

ହରିଚନ୍ଦନପୁର, ୦୭/୫ (ନି.ପ୍ର): ଏଥର ତେଲକୋଇ ମାଟିର ବିକାଶର ସୂତ୍ରଧର ହେବେ ଯୁବ ସାମ୍ବାଦିକ ନିର୍ମଳ ନାୟକ, ଜାତୀୟ କଂଗ୍ରେସ ପକ୍ଷରୁ ବିଧାୟକ ପ୍ରାର୍ଥୀ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଦୀର୍ଘ ୨୫ ବର୍ଷ ହେବ ଏ ମାଟିରେ କେବଳ ଦୁର୍ନୀତି ଉପରେ ଦୁର୍ନୀତି ଚାଲିଥିବା ବେଳେ କୌଣସି ବିକାଶର ଚିତ୍ର ଦେଖିବାକୁ ମିଳେନାହିଁ । ହେଲେ ଏମାଟିର ଲଢୁଆ ପୁଅ ଦୁର୍ନୀତି ହଟାଇ ବିକାଶ କରିବା ସହ ଲୋକଙ୍କ ସୁଖ ଦୁଃଖର ସାଥୀ ହେବା ପାଇଁ ଆଗକୁ ଦୌଡି ଆସିଛନ୍ତି । ପୂର୍ବରୁ ନିର୍ମଳଙ୍କ ବାପା ପ୍ରାଣ ବଲ୍ଲଭ୍ ନାୟକ ବିଧାୟକ ହୋଇ ତେଲକୋଇ ମାଟିର ବିକାଶ ଧାରାକୁ ଆଗକୁ ନେଇଥିଲେ । ହେଲେ ତାଙ୍କ ପରେ ଏଠାରେ କେବଳ କାଗଜ କଲମରେ ବିକାଶ ହୋଇଥିବା ସରକାରୀ ତଥ୍ୟରୁ ଜଣାପଡେ । ତେଲକୋଇ ନିର୍ବାଚନ ମଣ୍ଡଳୀର ପ୍ରାୟତଃ ଏମିତି ଗାଁ ରହିଛି ଯେଉଁଠି କି ସ୍ୱାଧୀନତାର ଦୀର୍ଘବର୍ଷ ବିତି ଯାଇଥିଲେ ମଧ୍ୟ ବିକାଶର ପାଦ ଚିହ୍ନ ପଡ଼ିନାହିଁ । ଲୋକଙ୍କ ପାଖରେ ସରକାରୀ ଯୋଜନା ପହଂଚି ପାରିଛି, ନା ପାନୀୟ ଜଳ, ଗମନାଗମନ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା କେବଳ ଅପହଂଚ ହୋଇ ରହିଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା ଉପରେ ଯୋଜନା ପ୍ରଣୟନ କରି ରାଜସ୍ୱ ପାଣ୍ଠି ଫାଙ୍କା କରି ଚାଲିଥିବା ବେଳେ ଏଠାରେ ବାସ୍ତବ ଚିତ୍ର ସବୁ ଓଲଟା । ଏଥର ଏ ଅଂଚଳର ଗରିବ ଲୋକଙ୍କ ପାଖରେ ମୌଳିକ ସୁବିଧା ସୁଯୋଗ ପହଂଚାଇବାକୁ ସେ ଅଂଟା ଭିଡ଼ି ସାମ୍ନାକୁ ଆସିଛନ୍ତି । ନିର୍ମଳ ନାୟକ ଜଣେ ଭଲ ଡାଇକାଣ୍ଡୁ ଖେଳାଳି ହୋଇଥିବା ବେଳେ ସାମ୍ବାଦିକ ଭାବେ ରାଜ୍ୟର ଜଣେ ବେଶ ପରିଚିତ ଚେହେରା । ତେଲକୋଇ ମାଟିର ପୁଅକୁ ଟିକେଟ ମିଳିଥିବାରୁ ହରିଚନ୍ଦନପୁର, ତେଲକୋଇ ଓ ବାଉଁଶପାଳ ବ୍ଲକର ଗାଁ ଗାଁରେ ବିପୁଳ ସମର୍ଥନ ମିଳୁଥିବା ଦେଖିବାକୁ ମିଳିଛି । ତେଲକୋଇ ମାଟିରେ ଲୋକଙ୍କ ହକ ଓ ମୌଳିକ ଅଧିକାର ପାଇବା ପାଇଁ ସ୍ୱାଭିମାନର ଲଢ଼େଇ ହେବ ବୋଲି ନିର୍ମଳ ନାୟକ ସୂଚନା ଦେଇଛନ୍ତି ।

ଅନ୍ୟପଟେ ଏହି ନିର୍ବାଚନ ମଣ୍ଡଳୀକୁ ଲଗାତାର ବିଜେଡ଼ି ଅକ୍ତିଆର କରୁଥିବା ବେଳେ ଆଜି ପର୍ଯ୍ୟନ୍ତ ରାସ୍ତା, ପାଣି, ବିଦ୍ୟୁତ ଓ ଶିକ୍ଷା କ୍ଷେତ୍ରରେ ସଠିକ ଭାବେ ବିକାଶ ହୋଇନଥିବା ବେଳେ ସାଧାରଣ ନିରୀହ ଲୋକଙ୍କୁ ଭ୍ରମିତ କରିଛନ୍ତି । ଯାହାର ଜବାବ ଏହି ନିର୍ବାଚନରେ ଲୋକେ ଦେବେ ବୋଲି ଶ୍ରୀ ନାୟକ କହିଛନ୍ତି ।

# ପଟୁଆପାଳି ରାସ୍ତାର ଶାଖା କେନାଲ ପୋଲ ନିମ୍ନମାନର କାମ ହୋଇଥିବା ଅଭିଯୋଗ

ବଲାଙ୍ଗୀର, ୦୭/୫ (ନି.ପ୍ର): ୨୦୨୪-ଆଗଲପୁର (ଡୁଡୁକା ) ବ୍ଲକ କୁଟାସିଂହା -ପଟୁଆପାଲି ରାସ୍ତାର ଶାଖା କେନାଲ ପୋଲ ନିମ୍ନମାନର କାମ ହୋଇଥିବା ଅଭିଯୋଗ ହୋଇଛି । ଗାଇଡଲାଇନ ଅନୁସାରେ ଯେତିକି ସିମେଣ୍ଟ, ବାଲି, ଗେଟି ପୂଣି ଖରାଦିନ ହୋଇଥିବାରୁ ଆବଶ୍ୟକ ପାଣି ଦେଇନଥିବାରୁ ଭଲ କାମ ହୋଇନାହିଁ । ଫଳରେ କଂକ୍ରିଟ ଭାଙ୍ଗି ରାସ୍ତା ଦବି ଯାଇଥିବାରୁ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି । ସୂଚନା ଅନୁସାରେ ୪୦ ବର୍ଷ ପୂର୍ବେ କେନାଲ ବିଭାଗ ପକ୍ଷରୁ ଏହି ପୋଲ ନିର୍ମାଣ ହୋଇଥିଲା । ତାହା ପୁରୁଣା ହୋଇ ଦୁର୍ବଳ ହୋଇ ପଡିବାରୁ ଆରଡି ପକ୍ଷରୁ ପୂଣି ନୁଆ ପୋଲ ମାସେ ହେବ ନିର୍ମାଣ ହୋଇଛି । ଯାହା ନିମ୍ନମାନର କାମ ହୋଇଥିବା ଅଂଚଳ ବାସି ଅଭିଯୋଗ ଆଣିଛନ୍ତି । ସପ୍ତାହେ ନ ପୂରୁଣୁ ଦବି ଯାଇଛି । ବିଭାଗୀୟ ଜେଇଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ଫୋନ ସୁଇଚ ଅପ ରହିଥିଲା । ଏ ସଂପର୍କରେ ସମ୍ପୃକ୍ତ ଠିକାଦାର ନିରଞ୍ଜନ ସାହୁଙ୍କୁ ପଚରାଯିବାରୁ ନିମ୍ନମାନର କାମ ହୋଇନାହିଁ । ଉଭୟ ପାର୍ଶ୍ୱହ ମାଟି ଖୋଲି କଂକ୍ରିଟ ହୋଇଥିବାରୁ ଦବି ଯାଇଛି । ତାହା କରିଦେବି ବୋଲି କହିଥିଲେ ।ବଲାଙ୍ଗୀର ଓ ସୋନପୁର ଉଭୟ ଜିଲ୍ଲାକୁ ସଂଯୋଗ କରୁଥିବା ବାଇପାସ ରାସ୍ତା ଭାବେ ଜଣାଶୁଣା ଏହି ରାସ୍ତାରେ ଦୈନିକ ଛୋଟ ବଡ଼ ଯାନବାହାନ ସମେତ ଭାରି ଯାନ ମଧ୍ୟ ଯିବାଆସିବା କରୁଥିବାରୁ ଧନ ଜୀବନ ହାନୀ ହେବା ଆଶଙ୍କା ରହିଛି । ଉପାନ୍ତ ତଥା ଜଙ୍ଗଲ ଅଂଚଳ ହୋଇଥିବାରୁ ବିଭାଗୀୟ ଅଧିକାରୀ କାର୍ଯ୍ୟର ମାନ ପରଖିବାକୁ ଆସନ୍ତି ନାହିଁ ଫଳରେ ଠିକାଦାର ନିଜ ମନମାନିରେ କାମ କରିଥାନ୍ତି । ଏଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ନିମ୍ନମାନର କାର୍ଯ୍ୟ କରୁଥିବା ଠିକାଦାରଙ୍କ ଠିକା ରଦ୍ଦ କରିବାକୁ ସ୍ଥାନୀୟ ଲୋକେ ଦାବୀ କରିଛନ୍ତି ।

## ବିଜେଡିରେ ସାମିଲ ହେଲେ ୫୦ରୁ ଉର୍ଦ୍ଧ୍ୱ ଲୋକ

ମାଲକାନଗିରି, ୦୭/୫ (ନି.ପ୍ର): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ୍ ଜୋନ ୧ର ଅଧକ୍ଷ ଶମ୍ଭୁ ବାଗଛି, ବରିଷ୍ଠ ବିଜେଡ଼ି ନେତା ଦୀପକ ଦତ୍ତ , ମଧୁସୂଦନ ରାଉତ, ସୁକୁମାର ମଣ୍ଡଳ ଏବଂ ଶଙ୍କର ବର୍ମନଙ୍କ ନେତୃତ୍ୱରେ ଭୁବନପାଳି ପଂଚାୟତ ଅନ୍ତର୍ଗତ ଏମପିଭି ୫୪ ଗ୍ରାମର ୫୦ରୁ ଅଧିକ ଲୋକ ଗତକାଲି ରାତ୍ରରେ ଏମଭି ୭୯ ସ୍ଥିତ ବିଜେଡ଼ି କାର୍ଯ୍ୟାଳୟ ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡ଼ିରେ ସାମିଲ ହୋଇଥିଲେ । ଦଳ ତରଫରୁ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଦେଇ ବିଜେଡିକୁ ସ୍ୱାଗତ କରାଯାଇଥିଲା ।

## ଫେରାର୍ ଅଭିଯୁକ୍ତ ଗିରଫ

ଜୟପୁର, ୦୭/୫ (ନି.ପ୍ର): ଫେରାର ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ସୁନାରିଗୁଡା ଗ୍ରାମର ଦାଶି ପରଜା (୫୫) ।

ପୋଲିସ ସୂଚନା ଅନୁଯାଇ, ସୁନାରିଗୁଡା ଗ୍ରାମର ଦାଶି ପରଜା (୫୫) ନାମରେ ସଦର ଥାନାରେ ଅପରାଧିକ ମାମଲା ରହିଥିଲା । ସେହିଦିନ ଠାରୁ ସେ ଫେରାର ଥିବା ବେଳେ ଆଜି ସୁନାରିଗୁଡାରେ ଚଢଉ କରି ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# ସରକାରୀ ଓକିଲଙ୍କୁ ବିଜେଡି ପ୍ରାର୍ଥୀଙ୍କ ଆଇନ ପରାମର୍ଶଦାତା ନିଯୁକ୍ତିକୁ ତୀବ୍ର ବିରୋଧ

କେନ୍ଦ୍ରାପଡ଼ା, ୦୭/୫ (ନି.ପ୍ର): କେନ୍ଦ୍ରାପଡା ରେ ସରକାରୀ ଓକିଲ ଭାବେ ନିଯୁକ୍ତି ପାଇଥିବା ଓକିଲ ମାନଙ୍କୁ ବିଜେଡି ଦଳ ପକ୍ଷରୁ ପ୍ରାର୍ଥୀଙ୍କର ଆଇନ ପରାମର୍ଶ ଦାତା ଭାବେ ନିଯୁକ୍ତି ଦେଇଥିବାରୁ ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୁର୍ଯ୍ୟୋଧନ ସାହୁ ଏହାର ତୀବ୍ର ବିରୋଧ କରି ଜିଲ୍ଲାପାଳ ଓ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ରରେ ସରକାରୀ ଓକିଲ(ଏପିପି) ଭାବେ କାର୍ଯ୍ୟ କରୁଥିବା ସଂଜୟ କୁମାର ଜେନା କେନ୍ଦ୍ରାପଡା ବିଧାନସଭା କ୍ଷେତ୍ର ପାଇଁ, ପାଟକୁରା ପାଇଁ ବ୍ରଜସୁନ୍ଦର ରାଉତ, ଆଳି କ୍ଷେତ୍ର ପଇଁ ବୃନ୍ଦାବନ ନନ୍ଦ ଓ ରାଜନଗର ପାଇଁ ସୁଶିଲ ଦାସଙ୍କୁ ଆଇନ ପରାମର୍ଶ ଦାତା ଭାବେ ନିଯୁକ୍ତି ଦିଆଯାଇଛି । ଯାହାକି ଆଦର୍ଶ ଆଚରଣ ବିଧି ଉଲଙ୍ଘନ ଓ ସଂପୂର୍ଣ୍ଣ ବେଆଇନ ଅଟେ । ଏହି ସରକାରୀ ଓକିଲ ମାନେ କୋର୍ଟ କାର୍ଯ୍ୟରେ ଯୋଗ ନଦେଇ ସେହି ସମୟରେ ପ୍ରତିଦ୍ୱନ୍ଦିତା କରୁଥିବା ବିଜେଡି ପ୍ରାର୍ଥୀ ମାନଙ୍କ ପାଇଁ ଆଇନ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିବା ଶ୍ରୀ ସାହୁ ଅଭିଯୋଗ କରିଛନ୍ତି ।

# ସ୍ମିତା ମହାନ୍ତିଙ୍କ ପ୍ରାର୍ଥୀପତ୍ର ଦାଖଲ

ପୁରୀ, ୦୭/୫ (ନି.ପ୍ର): ୧୦୭ ପୁରୀ ବିଧାନସଭା ପାଇଁ ମହିଳା ସ୍ୱାଧୀନ ପ୍ରାର୍ଥୀ ସ୍ମିତା ମହାନ୍ତି ଆଜି ଶେଷ ଦିନରେ ରିଟର୍ଣ୍ଣିଂ ଅଧିକାରୀ ତଥା ଉପଜିଲ୍ଲାପାଳ ଜିଲ୍ଲାପାଳ ଗୋପୀନାଥ କୁଅଁରଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଶହ ଶହ ମହିଳା ଏସସିଏସ କଲେଜ ସମ୍ମୁଖରୁ ଶୋଭାଯାତ୍ରାରେ ଯାଇ ଟାଉନହଲ ନିକଟରେ ଅଟକିଥିଲେ । ସେଠାରୁ ପ୍ରାର୍ଥୀନୀଙ୍କ ସହ ୩ ଜଣ ବ୍ୟକ୍ତି ନାମାଙ୍କନପତ୍ର ଦାଖଲ ଗୃହକୁ ପ୍ରବେଶ କରିଥିଲେ । ତାଙ୍କ ସହିତ ପ୍ରସ୍ତାବକ ମାନିନୀ ସିଂହ, ସବିତା ଦଳେଇ ଓ ଆଇନଜୀବୀ ବିଜୟ ମିଶ୍ର ଉପସ୍ଥିତ ରହିଥିଲେ । ଏକମାତ୍ର ମହିଳା ପ୍ରାର୍ଥୀନୀ ହୋଇଥିବାରୁ ନିର୍ବାଚନ ମଣ୍ଡଳୀର ମହିଳା ମାନଙ୍କ ସମର୍ଥନ ରହିବ ବୋଲି ସ୍ମିତା ମହାନ୍ତି ଗଣମାଧ୍ୟମକୁ କହିଛନ୍ତି।

নিরপেক্ষ দৈনিক সম্বাদপত্র




যা দেবী সর্ব্বভূতেষু............


# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୮ ମଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 08 May 2024

Vol.No. 35 ■ No.123 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# କମିବାରେ ଲାଗିଛି ଭୋଟିଂ ହାର: ୧୩୫୧ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍



ନୂଆଦିଲ୍ଲୀ, ୦୭/୫ : ଯେତେ ଯାହା କଲେ ମଧ୍ୟ ଗଣତନ୍ତ୍ରର ମହାନ ପର୍ବ ନିର୍ବାଚନ ଠାରୁ ଅନେକ ଲୋକ ଦୂରେଇ ରହୁଛନ୍ତି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଭଳି ଆଜି ମଧ୍ୟ ତୃତୀୟ ପର୍ଯ୍ୟାୟରେ ମତଦାନ ହାର ହ୍ରାସ ପାଇଛି। ବଡ଼ବଡ଼ ସେଲେବ୍ରିଟୀଙ୍କ ଠାରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀମାନେ ମତଦାନ କରିବାକୁ ଲୋକଙ୍କୁ ଅନୁରୋଧ କରୁଥିଲେ ହେଁ ଏହାର ପ୍ରଭାବ ଆଦୌ ପଡୁ ନାହିଁ। ଆଜି ତୃତୀୟ ପର୍ଯ୍ୟାୟରେ ଭୋଟିଂ ହାର ୬୦% ସାମାନ୍ୟ ଅଧିକ ରହିଛି। ସନ୍ଧ୍ୟା ୭ଟା ସୁଦ୍ଧା ୧୧ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ମୋଟ ଭୋଟିଂ ହାର ୬୦.୭୪% ରେକର୍ଡ ହୋଇଛି। କିଛି ସ୍ଥାନରେ ଧାର୍ଯ୍ୟ ସମୟ ପରେ ମଧ୍ୟ ଭୋଟିଂ ଚାଲିଛି। ତେଣୁ ଭୋଟିଂ ହାର ସାମାନ୍ୟ ବଢ଼ିପାରେ। ହେଲେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟର ଭୋଟିଂ ହାରକୁ ଅତିକ୍ରମ କରିବା ଆଶା ବହୁତ କମ। ପ୍ରଥମ ପର୍ଯ୍ୟାୟରେ ଭୋଟିଂ ହାର ୬୬.୧୪% ଓ ଦ୍ୱିତୀୟ ପର୍ଯ୍ୟାୟରେ ୬୬.୭୧% ମତଦାନ ହୋଇଥିଲା। ହେଲେ ଆଜି କେବଳ ୬୦.୭୪% ଭୋଟିଂ ହୋଇଛି। ୯୩ ଆସନ ପାଇଁ ହୋଇଥିବା ମତଦାନରେ ମୋଟ ୧୩୫୧ ଜଣ ପ୍ରାର୍ଥୀ ରହିଥିଲେ। ସେମାନଙ୍କ ଭାଗ୍ୟ ଏବେ ଇଭିଏମରେ ସିଲ୍ ହୋଇ ଯାଇଛି। ଜୁନ ୪ରେ ଭୋଟ ଗଣତି ସହ ରେଜଲ୍ଟ ପ୍ରକାଶ ପାଇବ। ଆଜି ସକାଳ ୭ଟାରେ ମତଦାନ ଆରମ୍ଭ ହୋଇଥିବା ବେଳେ ଏହା ପୂର୍ବରୁ ମକ୍ ପୋଲିଂ ହୋଇଥିଲା। ଆଜି ତୃତୀୟ ପର୍ଯ୍ୟାୟରେ ଉତ୍ତରପ୍ରଦେଶ, ଗୁଜରାଟ, ମହାରାଷ୍ଟ୍ର, କର୍ଣ୍ଣାଟକା, ମଧ୍ୟପ୍ରଦେଶ, ଆସାମ, ବିହାର, ଛତିଶଗଡ଼, ପଶ୍ଚିମବଙ୍ଗ, ଗୋଆ ଏବଂ ଦାଦ୍ରା ନଗର ହାବେଳୀ ଓ ଦାମନ ଡିଉ ପାଇଁ ଭୋଟ ଗ୍ରହଣ କରାଯାଇଛି। ଗୁଜରାଟର ୨୬ରୁ ୨୫ ଲୋକସଭା ଆସନରେ ନିଆଯାଇଛି ଭୋଟ। ସୁରଟ ସିଟରେ କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନ ଖାରଜ ହେବାରୁ ବିଜେପିର ମୁକେଶ ଦଲାଲ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି କର୍ଣ୍ଣାଟକାର ୧୪, ମହାରାଷ୍ଟ୍ରର ୧୧, ଉତ୍ତରପ୍ରଦେଶର ୧୦, ମଧ୍ୟପ୍ରଦେଶର ୮, ଛତିଶଗଡ଼ ୭, ବିହାର ୫, ଆସାମ ଓ ପଶ୍ଚିମବଙ୍ଗର ୪ଟି ଲେଖାଏ ସିଟରେ ଲୋକମାନେ ମତାଧିକାର ସାବ୍ୟସ୍ତ କରିଛନ୍ତି। ଆସାମରେ ୭୪.୮୬% ଭୋଟିଂ ହୋଇଥିବା ବେଳେ ବିହାରରେ ୫୬.୦୧%, ଛତିଶଗଡ଼ରେ ୬୬.୮୭%, ଦାଦ୍ରା ନଗର ହାବେଳୀ, ଡାମନ ଡ୍ୟୁରେ ୬୫.୨୩%, ଗୋଆରେ ୭୨.୫୨%, ଗୁଜରାଟରେ ୫୫.୨୨%, କର୍ଣ୍ଣାଟକାରେ ୬୬.୦୫%, ମଧ୍ୟପ୍ରଦେଶରେ ୬୨.୨୮%, ମହାରାଷ୍ଟ୍ରରେ ୫୩.୪୦%, ଉତ୍ତର ପ୍ରଦେଶରେ ୫୫.୧୩% ଓ ପଶ୍ଚିମବଙ୍ଗରେ ୭୩.୯୩% ମତଦାନ ହୋଇଛି। ତୃତୀୟ ପର୍ଯ୍ୟାୟ ଭୋଟିଂ ଶେଷ ହେବା ସହ ଇଭିଏମରେ କେନ୍ଦ୍ରମନ୍ତ୍ରୀ ଅମିତ ଶାହ, ପ୍ରହ୍ଲାଦ ଯୋଶୀ, ମନସୁଖ ମାଣ୍ଡଭୀୟ, ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ସମେତ ବହୁ ହେଭିୱେଟଙ୍କ ଭାଗ୍ୟ ସିଲ ହୋଇଛି। ଆଜି ଅହମଦାବାଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅମିତ ଶାହଙ୍କ ସମେତ ବହୁ ଭିଭିଆଇପି ମଧ୍ୟ ଭୋଟ୍ ଦେଇଛନ୍ତି। ମୋଦି ଅହମଦାବାଦର ଗୋଟିଏ ବୁଥରେ ସକାଳୁ ସକାଳୁ ପହଞ୍ଚି ମତାଧିକାର ସାବ୍ୟସ୍ତ କରିଛନ୍ତି। ବାହାରକୁ ଆସି କଳା ସ୍ୟାହି ଲଗା ଆଙ୍ଗୁଠି ଦେଖାଇଥିଲେ ମୋଦି। ମତଦାନ କରି ଫେରି ଯିବା ପୂର୍ବରୁ ବୁଥ୍ ନିକଟରେ ଅପେକ୍ଷାରତ ସାଧାରଣ ଲୋକମାନଙ୍କୁ ଭେଟିଥିଲେ ଓ ଅଟୋଗ୍ରାଫ୍ ବି ଦେଇଥିଲେ। ତା'ସହିତ ମତଦାନ ପ୍ରକ୍ରିୟାରେ ସମସ୍ତଙ୍କୁ ସାମିଲ ହେବାକୁ ଅପିଲ୍ କରିଥିଲେ। ସେହିପରି ▶▶ପୃଷ୍ଠା ୭

## ଖସିଲା ତାତି: ୩୫ ଡିଗ୍ରୀ ତଳେ ୨୦ ସହର

ଭୁବନେଶ୍ୱର, ୦୭/୫ (ନି.ପ୍ର): ବଦଳିଲା ପାଗ। ଖରା ତାତି ଓ ଅହସ୍ୟ ଗରମରୁ ଆଶ୍ୱସ୍ତି ଆଣିଦେଲା କାଳବୈଶାଖୀ। ଆଜି ରାଜ୍ୟରେ ୨୦ ସହରରେ ପାରଦ ୩୫ ଡିଗ୍ରୀ ତଳକୁ ଖସିଛି। ବଲାଙ୍ଗିର ଓ ଟିଟିଲାଗଡ଼ରେ ଦିନର ତାପମାତ୍ରରେ ସର୍ବାଧିକ ୧୦ ଡିଗ୍ରୀ ସେଲସିୟସ୍ ଯାଏ ହ୍ରାସ ପାଇଛି। ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ସ୍ଥାନରେ ୮ରୁ ୯ ଡିଗ୍ରୀ ଯାଏ ଖସିଛି ତାତି। ପାଣିପାଗ ବିଭାଗ ପୂର୍ବାନୁମାନ କରିଛି, ଦକ୍ଷିଣ ଝାଡଖଣ୍ଡରୁ ଉତ୍ତର ଓଡ଼ିଶା ଦେଇ ରାଜସ୍ଥାନ ଯାଏ ଏକ ଟ୍ରପ୍ ଲାଇନ୍ ଲମ୍ବିଛି। ଏହାର ପ୍ରଭାବରେ ରାଜ୍ୟରେ ଜାରି ରହିଛି ବର୍ଷା ପବନ। ଆସନ୍ତା ୫ ଦିନ ଯାଏ ଏଭଳି ପାଗ ରହିବ। ଆସନ୍ତା ୩-୪ଦିନ ଯାଏ ରାଜ୍ୟରେ ଝଡ଼ବର୍ଷା ସମ୍ଭାବନା ରହିଛି। ୨୪ ଘଣ୍ଟାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ପବନ ନେଇ ସାରା ରାଜ୍ୟକୁ ଆଲର୍ଟ ଜାରି ହୋଇଛି। କିଛି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ପବନର ବେଗ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ରହିପାରେ। ଆସନ୍ତାକାଲି ଝଡ଼ ବର୍ଷା ନେଇ ୭ ଜିଲ୍ଲା ଅନୁଗୋଳ, କେନ୍ଦୁଝର, ରାୟଗଡ଼ା, କନ୍ଧମାଳ, ମୟୂରଭଞ୍ଜ, ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ୧୫ ଜିଲ୍ଲାକୁ ପାଣିପାଗ ବିଭାଗ ଦେଇଛି ୟେଲୋ ସତର୍କତା। ୯ ତାରିଖରେ ମଧ ରହିବ କାଳବୈଶାଖୀ ପ୍ରଭାବ। ୧୦ ତାରିଖ ପରେ ପାଗରେ ପରିବର୍ତ୍ତନ ସମ୍ଭାବନା ରହିଛି। ୩୫ ଡିଗ୍ରୀ ତଳେ ୨୦ ସହର ରହିଛି। ମାଲକାନଗିରି ପାଲଟିଛି ଉତ୍ତପ୍ତ ସହର। ଏଠାରେ ତାପମାତ୍ରା ୩୯.୩ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି କେନ୍ଦ୍ରାପଡ଼ାରେ ୩୮.୬ ଡିଗ୍ରୀ, ସୁନ୍ଦରଗଡ଼ରେ ୩୮.୨ ଡିଗ୍ରୀ, ସମ୍ବଲପୁରରେ ୩୭.୫ ଡିଗ୍ରୀ, ଯାଜପୁରରେ ୩୭.୪ ଡିଗ୍ରୀ, ନୟାଗଡ଼ରେ ▶▶ପୃଷ୍ଠା ୭

## ଚେକିଂ ବେଳେ କାରରୁ ମିଳିଲା ୫ ଲକ୍ଷ



ବଲାଙ୍ଗିର, ୦୭/୫ (ନି.ପ୍ର): ଚେକିଂ ବେଳେ କାର ଭିତରୁ ମିଳିଲା ୫ ଲକ୍ଷ ଟଙ୍କା। ବଲାଙ୍ଗିର-ଦେଓଗାଁ ରାସ୍ତାର ବିଜାଖମନ ନିକଟରୁ ଏହି ଟଙ୍କା ଜବତ କରିଛି। ପୁଲିସ ଏହି ଟଙ୍କାକୁ ଫ୍ଲାଇଂ ସ୍କ୍ୱାଡକୁ ହସ୍ତାନ୍ତର କରିଛି। ନିର୍ବାଚନ ପାଇଁ ଚାରିଆଡେ କଡ଼ାକଡ଼ି ଭାବେ ଚେକିଂ ଚାଲିଛି। ଗତକାଲି ବଲାଙ୍ଗିର-ଦେଓଗାଁ ରାସ୍ତାର ବିଜାଖମନ ନିକଟରେ ଚେକି ଚାଲିଥିବା ବେଳେ ପୁଲିସ ଏକ କାରରୁ ୫ ଲକ୍ଷ ଟଙ୍କା ଜବତ କରିଥିଲା। ତେବେ କାରଟି କେଉଁଠାରୁ କେଉଁ ସ୍ଥାନକୁ ଯାଉଥିଲା, ସେଥିରେ ଏତେ ଟଙ୍କା କାହିଁକି ନିଆଯାଉଥିଲା, ସେନେଇ କାର୍ ଥିବା ଚାଳକ ସନ୍ତୋଜନକ ଉତ୍ତର ଦେଇ ପାରି ନଥିଲେ।ପରେ ପୁଲିସର ସନ୍ଦେହ ବଢ଼ିଥିଲା। ପୁଲିସ ଟଙ୍କାକୁ ଜବତ କରି ଫ୍ଲାଇଂ ସ୍କ୍ୱାଡକୁ ହସ୍ତାନ୍ତର କରିବା ସହ ନାଘନା ଚଳାଇଛି।

## ଡାକ୍ତରୀ ଛାତ୍ର ଗିରଫ: ୧୦ ଲକ୍ଷ ନେଇ ଅନ୍ୟ ଜଣଙ୍କ ପାଇଁ ଦେଉଥିଲେ ନିଟ୍

ଭଦ୍ରକ, ୦୭/୫ (ନି.ପ୍ର): ୧୦ ଲକ୍ଷ ଟଙ୍କା ନେଇ ଜଣେ ନିଟ୍ ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା ଦେବା ଜଣେ ଡାକ୍ତରୀ ଛାତ୍ରଙ୍କୁ ମହଙ୍ଗା ପଡ଼ିଛି। ତାଙ୍କୁ ପୁଲିସ୍ ଗିରଫ କରିଛି। ତାଙ୍କ ନାଁ ଅଙ୍କିତ ରାଜ୍। ତାଙ୍କ ଘର ବିହାରରେ। ସେ କୋଲକାତାର ଏକ ମେଡିକାଲ କଲେଜର ତୃତୀୟ



ବର୍ଷର ଛାତ୍ର। ତାଙ୍କ ସହିତ ପୁଲିସ୍ ଆଉ ଦୁଇ ଜଣ- ରାଜେଶ କୁମାର ମଧୁକର ଓ ପ୍ରେମ ଶଙ୍କର ପାଣ୍ଡେଙ୍କୁ ଗିରଫ କରିଛି। ଏହି ଅଭିଯୁକ୍ତମାନେ ମଧ ବିହାରର। ଏହି ମାମଲାର ଆଉ ୩ ଅଭିଯୁକ୍ତ ଫେରାର ଅଛନ୍ତି। ଘଟଣାଟି ଘଟିଛି ଭଦ୍ରକରେ। ଗତ ୫ ତାରିଖରେ ▶▶ପୃଷ୍ଠା ୭

## ଜୁନ୍ ୧ ଓଡ଼ିଶାର ଚତୁର୍ଥ ପର୍ଯ୍ୟାୟ ଭୋଟ: ପ୍ରକାଶ ପାଇଲା ବିଜ୍ଞପ୍ତି

ଭୁବନେଶ୍ୱର, ୦୭/୫ (ନି.ପ୍ର): ରାଜ୍ୟରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରକାଶ ପାଇଛି ବିଜ୍ଞପ୍ତି। ଏହି ପର୍ଯ୍ୟାୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଓ ଜଗତସିଂହପୁର ଓ ସମ୍ବଲପୁର ଲୋକସଭା ଆସନ ଓ ଏହା ଅଧିନରେ ଥିବା ବିଧାନସଭା ଆସନରେ ଜୁନ୍ ୧ ତାରିଖରେ ନିର୍ବାଚନ ହେବ। ସକାଳ ୭ଟାରୁ ସନ୍ଧ୍ୟା ୬ଟା ଯାଏ ମତଦାନ ହେବ। ସୂଚନାଯୋଗ୍ୟ,ଏପ୍ରିଲ ୨୯ ତାରିଖରେ ତୃତୀୟ ପର୍ଯ୍ୟାୟ ଭୋଟ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ପର୍ଯ୍ୟାୟରେ ସମ୍ବଲପୁର, କେନ୍ଦୁଝର,



ଢେଙ୍କାନାଳ, କଟକ, ପୁରୀ ଏବଂ ଭୁବନେଶ୍ୱର ଲୋକସଭା ଆସନ ଓ ଏହା ଅଧିନରେ ଥିବା ୪୨ଟି ବିଧାନସଭା ଆସନରେ ମେ' ୨୫ ତାରିଖରେ ନିର୍ବାଚନ ହେବ। ସେହିପରି ଏପ୍ରିଲ ୨୬ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମେ' ୨୦ରେ ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ହେବ। ସେହିପରି ପ୍ରଥମ ପର୍ଯ୍ୟାୟ ଭୋଟ ମେ' ୧୩ରେ ହେବ।

## ରୁଦ୍ର ମହାରଥୀଙ୍କ ବିରୋଧରେ ପ୍ରାର୍ଥୀ ହେଲେ ପତ୍ନୀ ଜାଗୃତି



ପୁରୀ , ୦୭/୫ (ନି.ପ୍ର): ନିର୍ବାଚନୀ ମଇଦାନରେ ମୁହାଁମୁହିଁ ହେବେ ସ୍ୱାମୀ-ସ୍ତ୍ରୀ। ପୁରୀ ଜିଲ୍ଲା ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଆସିଛି ଏମିତି ଚିତ୍ର। ବିଜେଡି ପ୍ରାର୍ଥୀ ରୁଦ୍ର ପ୍ରତାପ ମହାରଥୀଙ୍କ ବିରୋଧରେ ପ୍ରାର୍ଥୀ ହୋଇଛନ୍ତି ତାଙ୍କ ▶▶ପୃଷ୍ଠା ୭

## ଜମ୍ମୁ କଶ୍ମୀରରେ ଏନକାଉଣ୍ଟର: ୩ ଆତଙ୍କବାଦୀ ନିପାତ

ଜମ୍ମୁ କଶ୍ମୀର, ୦୭/୫: ଜମ୍ମୁ କଶ୍ମୀର କୁଲଗାମ ଏନକାଉଣ୍ଟରରେ ୩ ଆତଙ୍କବାଦୀ ନିପାତ। ଗତକାଲି ରାତିଠୁ ଚାଲିଥିବା ସର୍ଚ୍ଚ ଅପରେସନରେ ସୁରକ୍ଷାକର୍ମୀଙ୍କୁ ମିଳିଛି ସଫଳତା। ବିଶେଷ ସୂତ୍ରରୁ ଖବର ପାଇ ପୁଲିସ ଓ ସୁରକ୍ଷାକର୍ମୀ ମିଳିତ ଭାବେ ସର୍ଚ୍ଚ ଅପରେସନ ଜାରି ରଖିଥିଲେ। ସୂଚନା ଅନୁସାରେ, କୁଲଗାମରେ ଲଶ୍କର ଆତଙ୍କୀ ଲୁଚିଥିବା ନେଇ ବିଶେଷ ସୂତ୍ରରୁ ସୂଚନା ମିଳିବା ପରେ ସୁରକ୍ଷାକର୍ମୀ ଓ ପୁଲିସ ମିଳିତ ଭାବେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ଅପରେସନ ବେଳେ ଆତଙ୍କୀ ସୁରକ୍ଷାକର୍ମୀଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ଏହାର ପାଲଟା ଜବାବ ଦେଇଥିଲେ ସୁରକ୍ଷାକର୍ମୀ। ▶▶ପୃଷ୍ଠା ୭

## ଇଡିକୁ ପ୍ରଶ୍ନ ବାଣରେ ଘାଇଲା କଲେ: କିନ୍ତୁ କେଜ୍ରିୱାଲଙ୍କୁ ଜାମିନ ଦେଲେନି



ନୂଆଦିଲ୍ଲୀ, ୦୭/୫ : ଦୀର୍ଘ ସମୟ ଯାଏଁ ଶୁଣାଣି ଚାଲିଲା। ଇଡିକୁ ପ୍ରଶ୍ନ ବାଣରେ ଘାଇଲା ମଧ୍ୟ କଲେ କୋର୍ଟ। ଯୁକ୍ତିତର୍କ ମଧ୍ୟ ହେଲା। କିନ୍ତୁ କେଜ୍ରିୱାଲଙ୍କୁ ଜାମିନ ଦେଲେନି। ଭାବି ଚିନ୍ତି କହିବୁ କହି ଅରବିନ୍ଦ କେଜ୍ରିୱାଲଙ୍କ ଅନ୍ତରୀଣ ଜାମିନ ଆବେଦନ ଉପରେ ନିଷ୍ପତ୍ତି ନଶୁଣାଇ ଉଠିଗଲେ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ। ମଦ ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରୱାଲଙ୍କୁ ଆଜି ବି ମିଳିଲାନି ଆଶ୍ୱସ୍ତି। ଇଡିର ଗିରଫଦାରୀକୁ ବିରୋଧ କରିବା ସହ ଅନ୍ତରୀଣ ଜାମିନ ପାଇଁ ସେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଆଜି ଏହି ମାମଲାର ଶୁଣାଣି ହୋଇଥିଲା। ତେବେ ଶୁଣାଣି ବେଳେ ଇଡି ଉପରେ ବର୍ଷିଥିଲେ କୋର୍ଟ। ତାଙ୍କ ଗିରଫଦାରୀକୁ ନେଇ ଅନେକ ପ୍ରଶ୍ନ କରିଥିଲେ। ସୁପ୍ରିମକୋର୍ଟରେ ଉଭୟ ପକ୍ଷ ଗୋଟିଏ ପରେ ଗୋଟିଏ ଦଲିଲ ରଖିଥିଲେ। କୋର୍ଟ କେଜ୍ରିୱାଲଙ୍କ ସପକ୍ଷରେ କିଛି କଥା କହିଥିଲେ ମଧ୍ୟ ତାଙ୍କ ଜାମିନ ଆବେଦନ ଉପରେ କିନ୍ତୁ କିଛି ନିଷ୍ପତ୍ତି ଶୁଣାଇ ନାହାନ୍ତି। ମେ' ୯ ତାରିଖ ଅବା ଆସନ୍ତା ସପ୍ତାହରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଆଜି ଜଷ୍ଟିସ ସଞ୍ଜୀବ ଖନ୍ନା ଓ ଜଷ୍ଟିସ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ କେଜ୍ରିୱାଲଙ୍କ ଆବେଦନର ଶୁଣାଣି କରିଥିଲେ। ଏହି ସମୟରେ ଇଡିକୁ ଅନେକ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନ ପଚାରିଥିଲେ ଖଣ୍ଡପୀଠ। ଦିଲ୍ଲୀ ଅବକାରୀ ନୀତି ମାମଲର ତଦନ୍ତରେ କାହିଁକି ୨ ବର୍ଷ ସମୟ ଲାଗିଲା ବୋଲି କୋର୍ଟ ପ୍ରଶ୍ନ କରିଥଇଲେ। ଏଥିସହ ଏହି ମାମଲାର ସାକ୍ଷୀ ଓ ଅଭିଯୁକ୍ତଙ୍କୁ ସିଧାସଳଖ ରୂପେ କାହିଁକି ପ୍ରଶ୍ନ ପଚରାଗଲା ନାହିଁ। ଦୁଇ ବର୍ଷରେ ଏହା ୧୧୦୦ କୋଟି ଟଙ୍କା କିଭଳି ହେଲା ? ଆପଣ ପୂର୍ବରୁ ୧୦୦ କୋଟି ଟଙ୍କାର ଏହି ମାମଲା ବୋଲି କହିଥିଲେ। ୨-୩ ବର୍ଷରେ ଏହା କିପରି ୧୧୦୦ କୋଟି ଟଙ୍କା ରେ ପରିଣତ ହେଲା ? ବୋଲି ପ୍ରଶ୍ନ କରିଥିଲେ। ଏଥିସହ ଅରବିନ୍ଦ କେଜ୍ରିୱାଲ ଜଣେ ମୁଖ୍ୟମନ୍ତ୍ରୀ। ସେ ଜଣେ ଅଭ୍ୟାସଗତ ଅପରାଧୀ ନୁହନ୍ତି। ତାଙ୍କ ବିରୋଧରେ ପୂର୍ବରୁ କୌଣସି ଅପରାଧିକ ମାମଲା ମଧ୍ୟ ନାହିଁ। ତାଙ୍କୁ ଜାମିନ ଦେବା ଉପରେ ବିଚାର କରାଯାଇପାରେ ବୋଲି କୋର୍ଟ କହିଥିଲେ।

## ୧୦ରେ ଭୁବନେଶ୍ୱରରେ ମୋଦିଙ୍କ ବିଶାଳ ରୋଡ ଶୋ

■ଆଜି ଓଡ଼ିଶା ଆସିବେ ରାଜନାଥ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ, ଗୁରୁବାର ଆସିବେ ଗଡ଼କରୀ ଓ ଆସାମ ମୁଖ୍ୟମନ୍ତ୍ରୀ

■ଓଡ଼ିଶାରେ ପ୍ରଚାର କରିବେ ହେମା ମାଳିନୀ

■ଷ୍ଟାର ପ୍ରଚାରକ ତାଲିକାରୁ ଅପରାଜିତା ଓ ସମ୍ବିତ ବାଦ୍ ■ ବିମ୍ବାଧର ଓ ସୁରେଶ ପୂଜାରୀ ସାମିଲ



ଭୁବନେଶ୍ୱର, ୦୭/୫ (ନି.ପ୍ର): ଗତକାଲି ଓଡ଼ିଶା ଗସ୍ତରେ ଆସିଥିବା ମୋଦିଙ୍କ ଭାଷଣ ରାଜ୍ୟ ରାଜନୀତିରେ ହଲଚଲ ସୃଷ୍ଟି କରିଥିବା ବେଳେ ଆଉ ୨ ଦିନ ବ୍ୟବଧାନରେ ପୁଣି ଥରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆସନ୍ତା ୧୦ ତାରିଖରେ ଭୁବନେଶ୍ୱର ଆସିବେ ମୋଦି। ଉକ୍ତ ଦିନ ସେ ରାଜଧାନୀରେ ଏକ ବିଶାଳ ରୋଡ୍ ଶୋ'ରେ ଯୋଗ ଦେବେ । ଆସନ୍ତା ୧୦ ତାରିଖ ସନ୍ଧ୍ୟା ୬ଟାରୁ ଭୁବନେଶ୍ୱରେ ଆୟୋଜିତ ହେବ ମୋଦିଙ୍କ ରୋଡ ଶୋ'। ଏହି ଶୋ' ମାଷ୍ଟରକ୍ୟାଣ୍ଟିନରୁ ବାହାରି ବାଣୀବିହାର ପର୍ଯ୍ୟନ୍ତ ଚାଲିବ । ଏହି ସମୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ । ଏଥିରେ ବହୁ ସଂଖ୍ୟାରେ ନେତା ଓ କର୍ମୀ ଯୋଗ ଦେବେ। ଏହି ରୋଡ୍ ଶୋ'ରେ ବିପୁଳ ସଂଖ୍ୟାରେ ଯୋଗ ଦେବାକୁ ଲୋକଙ୍କଚ ନିବେଦନ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ। ଏକ ଅଡିଓ ବାର୍ତ୍ତା ମାଧମରେ ସେ ଲୋକଙ୍କୁ ଏହି ଅପିଲ୍ କରିଛନ୍ତି। ଉକ୍ତ ଦିନ ଭୁବନେଶ୍ୱରରେ ରାତ୍ରୀ ଯାପନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହାପରେ ୧୧ ତାରିଖରେ ସେ ବଲାଙ୍ଗିରରେ ଆୟୋଜିତ ହେବାକୁ ଥିବା ସମାବେଶରେ ଯୋଗ ଦେବେ । ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ରାଜଭବନରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜିତ ହୋଇଛି । ଭୁବନେଶ୍ୱର ବିମାନବନ୍ଦର ଅଧିକାରୀ, ଝଟଏଙ୍କ ସହ କମିଶନରେଟ ପୁଲିସର ବୈଠକ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ରୋଡ ଶୋ' ବେଳେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ କୁହାଯାଇଛି। ୨୦୧୯ ମସିହାରେ ଭୁବନେଶ୍ୱରେ ମୋଦି ଏକ ରୋଡ ଶୋ' କରିଥିଲ। ଏହା ପ୍ରଭାବରେ ନିର୍ବାଚନୀ ମାହୋଲ ବଦଳିଥିଲା। ଭୋଟ ପ୍ରତିଶତ ବଢ଼ିଥିଲା। ତେଣୁ ଚଳିତ ଥର ମଧ୍ୟ ମୋଦିଙ୍କ ରୋଡ ଶୋ' ନିମନ୍ତେ ବିଜେପିର ନେତା ଓ କର୍ମୀ ସମସ୍ତେ ଉତ୍ସାହିତ ଅଛନ୍ତି। ଗତକାଲି ▶▶ପୃଷ୍ଠା ୭

## ପତଞ୍ଜଳି ପରେ ଆଇଏମଏ ଉପରେ ବର୍ଷିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୦୭/୫ : ବାବା ରାମଦେବଙ୍କ ପତଞ୍ଜଳିଙ୍କୁ ଆଙ୍ଗୁଠି ଦେଖାଉଥିବା ଆଇଏମ୍ଏ (ଇଣ୍ଡିଆନ୍ ମେଡିକାଲ ଆସୋସିଏସନ୍) ଏବେ ନିଜେ ସେହି ଭୁଲ କରିଛି। କୋର୍ଟରେ ମାମଲା ବିଚାରଧୀନ ଥିବା ବେଳେ ଆଇଏମ୍ଏ ଏକ ସାକ୍ଷାତ୍କାରରେ ଉକ୍ତ ମାମଲାକୁ ନେଇ ତଥ୍ୟ ରଖିଛି। ଏହାକୁ ନେଇ କୋର୍ଟ ଆଇଏମ୍ଏ ଉପରେ ବର୍ଷିଛନ୍ତି। ପତଞ୍ଜଳିକୁ ବିରୋଧ କରୁଥିବା ଆଇଏମ୍ଏ ଏବେ ନିଜେ କ'ଣ କରିଛି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ପତଞ୍ଜଳି ଆର୍ୟୁବେଦର ବିଭ୍ରାନ୍ତିକର ବିଜ୍ଞାପନକୁ ବିରୋଧ କରି ଆଇଏମଏ ସୁପ୍ରିମକୋର୍ଟରେ ଆବେଦନ କରିଥିଲା। ଏହା ପରେ କୋର୍ଟ ▶▶ପୃଷ୍ଠା ୭

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ରାହୁଲ ଓ ରାୟବରେଲୀ...

ଉତ୍ତରପ୍ରଦେଶ– ଦେଶର ସର୍ବବୃହତ୍ ରାଜ୍ୟ ଓ ରାୟବରେଲୀ ଏହାର ବହୁଚର୍ଚ୍ଚିତ ସ୍ଥାନ । କାରଣ ଦୁଇଟି- ପ୍ରଥମତଃ ଏହି ସ୍ଥାନ ହେଉଛି ହିନ୍ଦୀଭାଷୀ ରାଜ୍ୟମାନଙ୍କର ହୃଦୟ ଭାବରେ କଥିତ ଏକ ପ୍ରମୁଖ ସ୍ଥାନ ଯାହା ରାଜ୍ୟର ରାଜଧାନୀ ଲକ୍ଷ୍ନୌଠାରୁ ଦକ୍ଷିଣ-ପୂର୍ବକୁ ମାତ୍ର ୮୦ କିଲୋମିଟର ଦୂରରେ ଅବସ୍ଥିତ; ଏବଂ ଦ୍ୱିତୀୟରେ ଏହା ହେଉଛି ଗାନ୍ଧୀ ପରିବାରର ରାଜନେତା/ ରାଜନେତ୍ରୀମାନଙ୍କ ନିର୍ବାଚନ ଲଢ଼ିବା ନିମନ୍ତେ ସର୍ବାଧିକ ପସନ୍ଦଯୋଗ୍ୟ ଆସନ । ଆଉ ଏଇ କାରଣରୁ ମାତା ସୋନିଆ ଯେତେବେଳେ ଏଇ ଆସନରୁ ଚଳିତ ଲୋକସଭା ନିର୍ବାଚନ ଲଢ଼ିବା ପାଇଁ ମନା କରିଦେଲେ, ନିର୍ବାଚନ ଶେଷ ହୋଇ ସାରିଥିବା ଦକ୍ଷିଣର ୱେୟନାଡ୍ ଆସନରୁ କଂଗ୍ରେସ ପ୍ରାର୍ଥୀ ଭାବରେ ପ୍ରତିଦ୍ୱନ୍ଦିତା କରୁଥିବା ରାହୁଲ ଗାନ୍ଧୀ ମେ' ୩ ତାରିଖରେ, ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନରେ ଏହି ଆସନରୁ ମଧ୍ୟ ପ୍ରତିଦ୍ୱନ୍ଦିତା କରିବା ନିମନ୍ତେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସୂଚନାଯୋଗ୍ୟ ଯେ ଏହି ଆସନରୁ ଶ୍ରୀଯୁକ୍ତ ଗାନ୍ଧୀଙ୍କ ଜେଜେବାପା, ଜେଜେମା' ଏବଂ ମା' ପ୍ରତିନିଧି କରି ଆସିଛନ୍ତି ଏବଂ ଏହାର ନିକଟବର୍ତ୍ତୀ ଆସନ ଆମେଥିରୁ ୨୦୧୯ରେ ଶ୍ରୀଯୁକ୍ତ ଗାନ୍ଧୀ ପରାଜିତ ହୋଇଥିଲେ, ଯଦିଓ ସେ ୱେୟନାଡ୍ ଆସନରୁ ବିଜୟୀ ହୋଇଥିଲେ। ୧୯୫୧ରୁ ଗାନ୍ଧୀ ପରିବାରର ଦଖଲରେ ରହି ଆସିଥିବା ଏହି ଆସନରେ ବର୍ତ୍ତମାନ ସୁଦ୍ଧା ଏହି ଆସନର ସାଂସଦ ରହିଥିବା ମାତା ସୋନିଆ ଏବଂ ଭଗିନୀ ପ୍ରିୟଙ୍କା ଭଦ୍ରାଙ୍କ ସହିତ ଶ୍ରୀଯୁକ୍ତ ଗାନ୍ଧୀ ଯାଇ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତେବେ ଏହି ପ୍ରକ୍ରିୟାରେ ଆମେଥି ନିର୍ବାଚନ ମଣ୍ଡଳୀକୁ ସେ କଂଗ୍ରେସର ଜଣେ ବିଶ୍ୱସ୍ତ କର୍ମୀ କିଶୋରୀଲାଲ ଶର୍ମାଙ୍କ ହାତକୁ ଟେକି ଦେଇଛନ୍ତି । ଏଥି ସହିତ ଦେଶର ଏହି ସର୍ବବୃହତ୍ ରାଜ୍ୟର ମୋଟ ୧୭ଟି ଆସନରେ ନିର୍ବାଚନ ଲଢୁଥିବା କଂଗ୍ରେସ ଦଳ ସମସ୍ତ ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରି ସାରିଛି । ଉଲ୍ଲେଖଯୋଗ୍ୟ କି, ଉତ୍ତରପ୍ରଦେଶ ସଂସଦର ନିମ୍ନ ସଦନ ଲୋକସଭାକୁ ମୋଟ ୮୦ ଜଣ ସଂସଦ ପଠାଇ ଥାଏ। ଗାନ୍ଧୀ ପରିବାରର ଏହି ପସନ୍ଦ ୨୦୧୯ରୁ ବିବାଦାସ୍ପଦ ହୋଇଛି, ଯେତେବେଳେ କି ଆମେଥ ନିର୍ବାଚନ ମଣ୍ଡଳୀରୁ ବିଜେପି ପ୍ରାର୍ଥନୀ ସ୍ମୃତି ଇରାନୀ ବିଜୟ ଲାଭ କରିଥିଲେ । ପୁନଶ୍ଚ, ବିଜେପି ଉପରୋକ୍ତ ନିର୍ବାଚନରେ ମୋଟ ଉପରେ ୩୦୦ରୁ ଅଧିକ ଆସନରେ ବିଜୟ ଲାଭ କରିଥିଲା ତଥା ଉତ୍ତରପ୍ରଦେଶର ଗତ ବିଧାନସଭା ନିର୍ବାଚନରେ ଲଗାତର ଦ୍ୱିତୀୟ ଥର ପାଇଁ ବିଜୟୀ ହେଲା। ୨୦୧୯ ନିର୍ବାଚନରେ ଆଉ ଏକ କଥା ମଧ୍ୟ ଦେଖିବାକୁ ମିଳିଥିଲା । ତାହା ହେଉଛି- କଂଗ୍ରେସର ଏପରି ବିପର୍ଯ୍ୟୟ ଘଟିଲା ଯେ ଏହା ଲୋକସଭାରେ ବିରୋଧୀ ଦଳର ନେତାଟିଏ ଦେବା ପାଇଁ ମଧ୍ୟ ଯେତିକି ସଂଖ୍ୟକ ଆସନରେ ଏହା ବିଜୟୀ ହେବା କଥା, ତାହା ହାସଲ କରିପାରି ନଥିଲା। ରାୟବରେଲୀ ଆସନ କଂଗ୍ରେସ ପାଇଁ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ସାତ ଦଶନ୍ଧିରୁ ଅଧିକ ସମୟ ହେଲାଣି କଂଗ୍ରେସ କବ୍‌ଜାରେ ରହି ଆସିଛି । ତେଣୁ ସ୍ୱାଭାବିକ ଭାବରେ ବିଜେପି ଏଠାରେ ଚଳିତ ଥର ଶ୍ରୀଯୁକ୍ତ ଗାନ୍ଧୀଙ୍କୁ ପରାଜିତ କରି ବିଜୟର ବାନା ଉଡ଼ାଇବାକୁ ନିଜର ସମସ୍ତ ଶକ୍ତି ଖଟାଇବ। ତେବେ ଏସବୁର ବର୍ତ୍ତମାନ ପରିସମାପ୍ତି ଘଟିଛି । ନାମାଙ୍କନ ପତ୍ର ଦାଖଲ କରି ସାରିବା ପରେ ଶ୍ରୀଯୁକ୍ତ ଗାନ୍ଧୀ କହିଛନ୍ତି ଯେ ବିଜେପିର ହିନ୍ଦୁତ୍ୱ ରାଜନୀତିକୁ ପ୍ରତିରୋଧ କରିବା ସହିତ ସାମାଜିକ ନ୍ୟାୟ ପ୍ରଦାନ ଉପରେ ଅଧିକ ଗୁରୁତ୍ୱାରୋପ କରିବା ତାଙ୍କ ଜୀବନର ଲକ୍ଷ୍ୟ । ଆଉ ଏଇ ଲଢ଼େଇ ବେଶୀ ହେଉଛି ଦେଶର ହିନ୍ଦୀଭାଷୀ ଏବଂ ପଶ୍ଚିମ ଭାଗରେ ଅବସ୍ଥିତ ରାଜ୍ୟମାନଙ୍କରେ। ନିର୍ବାଚନ ଦୃଷ୍ଟିରୁ ତଥା ଆଦର୍ଶବାଦ ଦୃଷ୍ଟିରୁ ବିଜେପି ଏହି ଅଞ୍ଚଳଗୁଡ଼ିକରୁ ନିଜର ସାମର୍ଥ୍ୟ ଲାଭ କରୁଛି । ଏବେ ବିଜେପି ଦେଶର ଦକ୍ଷିଣ ଭାଗରେ ଅବସ୍ଥିତ ରାଜ୍ୟମାନଙ୍କର ନିଜର ସ୍ଥିତିକୁ ସମ୍ପ୍ରସାରିତ କରିବାକୁ ଚାହୁଁଥିବା ବେଳେ କଂଗ୍ରେସ ହିନ୍ଦୀଭାଷୀ ରାଜ୍ୟମାନଙ୍କରେ ନିଜର ହରାଇ ଥିବା ଗୌରବକୁ ଫେରି ପାଇବା ନିମନ୍ତେ ଦଳର ରଣକୌଶଳ କ୍ଷେତ୍ରରେ ଦ୍ୱନ୍ଦରେ ପଡ଼ି ଯାଇଥିବା ମନେହୁଏ। ୨୦୧୯ରେ ଦକ୍ଷିଣର କେରଳରେ ପ୍ରତିଦ୍ୱନ୍ଦିତା କରିବାକୁ ନିଷ୍ପତ୍ତି ନେଇ ଶ୍ରୀଯୁକ୍ତ ଗାନ୍ଧୀ ନିର୍ବାଚନୀ ରଣକୌଶଳ କ୍ଷେତ୍ରରେ ଏକ ଭୁଲ୍ କରି ବସିଲେ, କାରଣ ସେ ଏକ ସୁହାଇବା କ୍ଷେତ୍ରରେ ଆଶ୍ରୟ ନେବାକୁ ପସନ୍ଦ କଲେ। ଚଳିତ ଥର ସେ ଚାହିଁଥିଲେ ଏହି ଭୁଲକୁ ସୁଧାରି ପାରିଥାନ୍ତେ କେବଳ ଉତ୍ତରପ୍ରଦେଶରୁ ନିର୍ବାଚନ ଲଢ଼ି । କିନ୍ତୁ ସେ ତାହା କରି ନାହାନ୍ତି ; ୱେ ୟନାରୁ ନିର୍ବାଚନ ଲଢ଼ିବା ପରେ ରାୟବରେଲୀକୁ ବାଛିଛନ୍ତି। ତାଙ୍କ ଦଳ ଏଥର ବାସ୍ତବବାଦୀ ସାବଧାନତାର ସହିତ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛି, ବିଶେଷକରି ଉତ୍ତରପ୍ରଦେଶରେ। ତାହା ହେଉଛି- ନିର୍ବାଚନର କେନ୍ଦ୍ରବିନ୍ଦୁ ହେଉଛି ପ୍ରସଙ୍ଗ; ବ୍ୟକ୍ତିତ୍ୱ ନୁହେଁ । ଉତ୍ତରପ୍ରଦେଶରେ କଂଗ୍ରେସ ସମାଜବାଦୀ ପାର୍ଟି (ଏସ୍‌ପି) ସହିତ ମେଣ୍ଟ କରିଛି । ଆଶା କରାଯାଉଛି ଯେ କନୌଜ ଆସନରୁ ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ ଲଢୁଥିବା ଦୃଷ୍ଟିରୁ ମେଣ୍ଟ ତଥା ଶ୍ରୀଯୁକ୍ତ ଗାନ୍ଧୀଙ୍କୁ କେତେକାଂଶରେ ସାହାଯ୍ୟ ମିଳିବ। ଏତଦ୍ ବ୍ୟତୀତ, ବିଜେପି ବର୍ତ୍ତମାନ ସୁଦ୍ଧା ମୁସଲମାନମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ବା ମଙ୍ଗଳସୂତ୍ର ଚୋରାଇ ନେବା ପାଇଁ ଷଡ଼ଯନ୍ତ୍ରର କଥା ଯେତେ କହିଲେ ମଧ୍ୟ କଂଗ୍ରେସ ଚାଷୀମାନଙ୍କ ଆୟ, ଚାକିରି, ନିର୍ବାଚନ, ଜାତିଗତ ଜନଗଣନା ଏବଂ ମୁଦ୍ରାସ୍ଫୀତି ଭଳି ମୌଳିକ ପ୍ରସଙ୍ଗଗୁଡ଼ିକଠାରୁ ଦୂରେଇ ଯାଇନାହିଁ । ତେଣୁ ଦଳ ନିଶ୍ଚିତ ଭାବରେ ଆଶା କରିବ ଏସବୁ ପ୍ରସଙ୍ଗ ଏହାକୁ ଫାଇଦାରେ ରଖିବ । ରହିଲା ଆସନ କଥା। ଶ୍ରୀଯୁକ୍ତ ଗାନ୍ଧୀ ଯଦି ଉଭୟ ୱେୟନାଡ ଏବଂ ରାୟବରେଲୀରୁ ବିଜୟୀ ହୁଅନ୍ତି, ତା'ହେଲେ ତାଙ୍କ ପାଇଁ ୱେୟନାଡକୁ ଛାଡ଼ି ରାୟବରେଲୀରେ ରହିବା ବିଜ୍ଞତାର କାର୍ଯ୍ୟ ହେବ।



ବିଶ୍ୱବିଜୟୀ ଦାଶ

## ବିଶ୍ୱ ରେଡ଼କ୍ରସ ଦିବସ

ମାନବ ସେବା ଓ ଶାନ୍ତି ପ୍ରତିଷ୍ଠା ଉଦ୍ଦେଶ୍ୟରେ ୧୮୬୩ ମସିହାରେ ରେଡ଼କ୍ରସ ସଂଗଠନ ସ୍ଥାପନ କରାଯାଇଥିଲା। ଏହା ଏକ ଆନ୍ତର୍ଜାତୀୟ ସଂଗଠନ ହୋଇଥିଲା ବେଳେ ଏହାର ମୁଖ୍ୟାଳୟ ସ୍ୱିଜରଲ୍ୟାଣ୍ଡର ଜେନେଭା ଠାରେ ଅବସ୍ଥିତ। ଏହି ସଂଗଠନ ର ପ୍ରତିଷ୍ଠାତା ହେଉଛନ୍ତି ବିଶିଷ୍ଟ ମାନନବବାଦୀ, ସମାଜ ସଂସ୍କାରକ ହେନେରୀ ଦ୍ୟୁନ୍ଦେଣ୍ଟ। ତାଙ୍କର ଜନ୍ମ ମେ ୮ ତାରିଖ ରେ ହୋଇଥିଲା, ସେଥିପାଇଁ ତାଙ୍କୁ ସମ୍ମାନ ଜଣାଇ ପ୍ରତିବର୍ଷ ମେ ୮ ତାରିଖକୁ ବିଶ୍ୱ ରେଡ଼କ୍ରସ ଦିବସ ରୂପେ ପାଳନ କରାଯାଇଥାଏ। ଏହି ସଂଗଠନ ବିଶ୍ୱର ସର୍ବ ପ୍ରଥମ ଏବଂ ସର୍ବ ବୃହତ ମାନବବାଦୀ ସଂଗଠନ।

ବିଶ୍ୱର କୋଣେ ଅନୁକୋଣେ ଅସଂଖ୍ୟ, ଅଗଣିତ କେବଳ ରେଡ଼କ୍ରସ ସ୍ୱେଚ୍ଛାସେବୀ, ସଦସ୍ୟ, କର୍ମକର୍ତ୍ତା ଏବଂ କର୍ମଚାରୀ ନୁହନ୍ତି ପରଂନ୍ତୁ ସାଧାରଣ ଲୋକେ ରେଡ଼କ୍ରସ ମାନନବାଦୀ କାର୍ଯ୍ୟ ତୁଲାଇଅଛନ୍ତି। ସଂପୂର୍ଣ୍ଣ ସ୍ୱେଚ୍ଛାକୃତ ଏବଂ ଉତ୍ସର୍ଗୀକୃତ ସେବା ଭାବାପନ୍ନ ହୋଇ ଜନତାଙ୍କ ସେବା କରିଥାନ୍ତି।

ସଲଫେରିନୋ ଯୁଦ୍ଧର ବିଭୀଷିକା ଓ ଭୟାବହ ଅନୁଭୂତିକୁ ପାଥେୟ କରି ହେନେରି ଡୁନାଂଟ ନିଜର ପ୍ରଗାଢ ଉଦ୍ୟମ ବଳରେ ୧୮୬୩ ମସିହାରେ ଆରମ୍ଭ କରିଥିଲେ ଏକ ମାନବବାଦୀ ସେବା ସଂଗଠନ ଯାହା **International Committee of the Red Cross** ଭାବରେ ନାମିତ ହୋଇଥିଲା । ଏହି ସଂଗଠନର ମୂଳ ଉଦେଶ୍ୟ ଥିଲା ଯୁଦ୍ଧରେ ଆହତ ବ୍ୟକ୍ତି ମାନଙ୍କୁ ସେବା ଓ ସହାଯ୍ୟ ପ୍ରଦାନ କରି ମାନବ ସମାଜର ଦୁଃଖ ଲାଘବ କରିବା । ସେହି ଦିନ ଠାରୁ ଦୀର୍ଘ ୧୫୩ ବର୍ଷ ଧରି ରେଡ଼କ୍ରସ୍ର ସ୍ୱେଚ୍ଛାସେବୀ ଓ ସଦସ୍ୟମାନେ ସକ୍ରିୟ ମାନବ ସେବାରେ ସ୍ଥାନୀୟ ଓ ବିଶ୍ୱ ସ୍ତରରେ ସକ୍ରିୟ । ସ୍ୱେଚ୍ଛାସେବୀ ଓ ସଦସ୍ୟ/ସଦସ୍ୟା ମାନଙ୍କର ତ୍ୟାଗ, ନିଷ୍ଠା ଓ ନିରବଚ୍ଛିନ୍ନ ସେବା ଯୋଗୁ ଆଜି ବିଶ୍ୱର ପ୍ରାୟ ସବୁ ଦେଶରେ ରେଡ଼କ୍ରସ୍ ଜନସେବାରେ କାର୍ଯ୍ୟରତ ।

ଭାରତୀୟ, ସଂସଦର ଆଇନ ୧୯୨୦ ଏବଂ ଓଡିଶା ବିଧାନ ସଭାର ଆଇନ ୧୯୩୬ ଅନୁଯାୟୀ ଭାରତ ଓ ଓଡିଶାରେ ରେଡ଼କ୍ରସ୍ କାର୍ଯ୍ୟକରି ଆସୁଅଛି। ଯଦିଓ ପ୍ରାରମ୍ଭିକ ସ୍ତରରେ ଏହି ମାନବବାଦୀ ଅନୁଷ୍ଠାନ ଆହତ ସୈନିକ, ରୋଗୀ ଓ ଦୁଃଖିଙ୍କ ସେବା ପାଇଁ ପ୍ରତିଷ୍ଠିତ ହୋଇଥିଲା; ପରବର୍ତ୍ତୀ ସମୟରେ ଏହାର କାର୍ଯ୍ୟକ୍ଷେତ୍ର ବିପର୍ଯ୍ୟୟ ସହାୟତା, ବିପର୍ଯ୍ୟୟ ପ୍ରସ୍ତୁତି, ଗୋଷ୍ଠୀଗତ ସ୍ୱାସ୍ଥ୍ୟସେବା, ରକ୍ତ ଭଣ୍ଡାର ପରିଚାଳନା, ଭିନ୍ନକ୍ଷମ ମାନଙ୍କୁ ସାହାଯ୍ୟ ପ୍ରଦାନ ଏବଂ ସର୍ବୋପରି ରେଡ଼କ୍ରସର ୭ଟି ମୌଳିକ ନୀତି ଯଥା - ମାନବିକତା, ନିରପେକ୍ଷତା,



ସମଦର୍ଶିତା, ସ୍ୱାଧୀନତା, ସ୍ୱେଚ୍ଛାକୃତ ସେବା, ଏକତା ଓ ବିଶ୍ୱଜନୀନତାର ପ୍ରଚାର ଓ ପ୍ରସାର ଦିଗରେ ପ୍ରସାରିତ ହୋଇଛି ।

୧୯୩୬ ମସିହା ଠାରୁ ଭାରତୀୟ ରେଡକ୍ରସ ସୋସାଇଟି, ଓଡିଶା ରାଜ୍ୟ ଶାଖା ନିରବଚ୍ଛିନ୍ନ ଭାବେ ଏହାର ୩୦ ଗୋଟି ଜିଲ୍ଲା ଶାଖା, ଆଂଚଳିକ ଶାଖା, ନଗର ଶାଖା ଏବଂ ଶାଖା ମାଧ୍ୟମରେ ରାଜ୍ୟର ଜନସାଧାରଣଙ୍କୁ ରେଡ଼କ୍ରସ୍ର ମାନବବାଦୀ ମୌଳିକ ନୀତି ଏବଂ ଚାରିଗୋଟି ପ୍ରମୁଖ କାର୍ଯ୍ୟକ୍ରମ ଯଥା - ବିପର୍ଯ୍ୟୟ ସହାୟତା, ବିପର୍ଯ୍ୟୟ ପ୍ରସ୍ତୁତି, ଗୋଷ୍ଠୀଗତ ସ୍ୱାସ୍ଥ୍ୟସେବା ଓ ଯତ୍ନ ଏବଂ ରେଡ଼କ୍ରସ୍ର ମୌଳିକ ନୀତିର ପ୍ରଚାର ଓ ପ୍ରସାର ମାଧ୍ୟମରେ ବିଭିନ୍ନ ସମୟପୋଯୋଗୀ ଜନ ହିତକର କାର୍ଯ୍ୟକ୍ରମ ଆୟୋଜନ ପାଇଁ ପଦକ୍ଷେପ ନେଉଅଛି । ରାଜ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନକୁ ଶତପ୍ରତିଶତ କରିବା ଲକ୍ଷ୍ୟରେ ରେଡ଼କ୍ରସ୍ ଏହାର ପ୍ରଚେଷ୍ଟା ଜାରି ରଖିଛି । ରାଜ୍ୟରେ 'ଜନ ଔଷଧି' ଅଭିଯାନକୁ ପ୍ରଚାର ଓ ପ୍ରସାର କରିବା ପାଇଁ ଏବଂ ଜନ ସାଧାରଣଙ୍କୁ ସୁଲଭ ମୂଲ୍ୟରେ ଗୁଣାତ୍ମକ ଔଷଧ ସହଜ ଭାବରେ ଯୋଗାଇଦେବା ଲକ୍ଷ୍ୟରେ ରେଡ଼କ୍ରସ୍ ରାଜ୍ୟ ଶାଖା ଭାରତ ଏବଂ ଓଡିଶା ସରକାରଙ୍କ ସହାୟତାରେ ଏହାର ଜିଲ୍ଲା ଶାଖା ମାଧ୍ୟମରେ ରାଜ୍ୟରେ ଜନ ଔଷଧି କେନ୍ଦ୍ର ଖୋଲାଯାଇ ଜେନେରିକ୍ ଔଷଧ ଯୋଗାଇବା ଭଳି ଏକ ଯୁଗାନ୍ତକରୀ ପଦକ୍ଷେପ ନେଇଛନ୍ତି ।ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ରାଜ୍ୟର ଅଗମ୍ୟ ଓ ଅପହଂଚ ଅଂଚଳ ମାନଙ୍କରେ ତଥା ସହରାଂଚଳର ଗରିବ ଲୋକମାନଙ୍କ ନିମନ୍ତେ ନିୟମିତ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଜେନେରିକ ଔଷଧ ପ୍ରଦାନ କରାଯାଉଛି ।

ଜନସେବା କ୍ଷେତ୍ରରେ ଏହି ସଂଗଠନ ୧୯୧୭, ୧୯୪୪ ଓ ୧୯୬୩ ମସିହାରେ ନୋବେଲ ଶାନ୍ତି ପୁରସ୍କାର ପାଇସାରିଛି। ଏହି ସଂଗଠନ ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟ ଗୁଡ଼ିକ ରେ କାର୍ଯ୍ୟ କରିଆସୁଛି। ମହାବିଦ୍ୟାଳୟର ରେଡ଼କ୍ରସ ସ୍ୱେଚ୍ଛାସେବୀ ମାନେ ବିଭିନ୍ନ ଜନହିତକର କାର୍ଯ୍ୟ କରିଥାନ୍ତି।

ଯୁବ ସ୍ୱେଚ୍ଛାସେବୀ ବିଭିନ୍ନ ରେଡ଼କ୍ରସ କ୍ୟାମ୍ପରେ ଯୋଗ ଦେଇ ରେଡ଼କ୍ରସ ସଂଗଠନରେ ବିଭିନ୍ନ ଜ୍ଞାନ ଅର୍ଜନ କରନ୍ତି ଓ କ୍ୟାମ୍ପରୁ ସମାଜସେବା ଓ ଜନସେବା ପାଇଁ ପ୍ରେରଣା ମିଳେ।

ମୁଁ ବି.ଏସ୍.ସି ଗୋଦାବରୀଶ ମହାବିଦ୍ୟାଳୟ, ବାଣପୁର ରେ ପଢୁଥିଲି। ଗୋଦାବରୀଶ ମହାବିଦ୍ୟାଳୟରେ ମଧ ରେଡ଼କ୍ରସ ସଂଗଠନ କାର୍ଯ୍ୟ କରିଆସୁଛି। ମୁଁ ସେହି ରେଡ଼କ୍ରସ ସଂଗଠନ ରେ ଯୋଗ ଦେଇଥିଲି। ତା'ପରେ ଜିଲ୍ଲାସ୍ତରୀୟ ରେଡ଼କ୍ରସ କ୍ୟାମ୍ପରେ ଯୋଗ ଦେଇଥିଲି। ସେହି କ୍ୟାମ୍ପରୁ ମୁଁ ବହୁତ କିଛି ଶିଖିଛି। ସେହି କ୍ୟାମ୍ପରେ ଓଡ଼ିଶାରୁ ଆସିଥିବା ବିଶିଷ୍ଟ ସ୍ୱେଚ୍ଛାସେବୀ ଗଣ ତାଙ୍କ ଉଦବୋଧନ ରେ ରେଡ଼କ୍ରସ ସଂଗଠନର ବିଭିନ୍ନ ତଥ୍ୟ ଉପସ୍ଥାପନା କରିଥିଲେ ଓ ରେଡ଼କ୍ରସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ କହିଥିଲେ, ଯାହା ଶୁଣି ମୁଁ ଆନନ୍ଦିତ ହୋଇଥିଲି ଓ ବହୁତ କିଛି ଶିଖିଥିଲି।

ବିଶ୍ୱ ରେଡ଼କ୍ରସ ଦିବସରେ ସମସ୍ତ ସ୍ୱେଚ୍ଛାସେବୀ ବନ୍ଧୁମାନଙ୍କୁ ଶୁଭେଚ୍ଛା ଜଣାଉଛି।


ସମ୍ପାଦକ
ବ୍ରଜବିଳାସ ସାହିତ୍ୟ ପତ୍ରିକା
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍ ନଂ- ୭୫୨୦୩୫
ମୋ: ୬୩୭୦୨୦୮୪୨୮




ବିଷ୍ଣୁ ପ୍ରସାଦ ଦାସ

## ଅପରାଧ ମୁକ୍ତ ସମାଜ ଦେଶ ପାଇଁ ଏକ ଆହ୍ୱାନ

ପରିସଂଖ୍ୟନରୁ ଜଣାଯାଏ ଯେ ପୃଥିବୀ ପୃଷ୍ଠରେ ଅଦ୍ୟାବଧି ଆଠଶହ କୋଟିରୁ ଉର୍ଦ୍ଧ୍ୱ ମନୁଷ୍ୟ ବସବାସ କରୁଛନ୍ତି ତନ୍ମଧ୍ୟରୁ କେତେ ପ୍ରତିଶତ ଶୋଷଣ ମୁକ୍ତ ଜୀବନ ଯାପନ କରୁଛନ୍ତି? ହୁଏତ ଏହାର ସଠିକ ଉତ୍ତର କାହାରି ପାଖରେ ମିଳିବ ନାହିଁ, ଆଉ ଯାହା ମିଳିବ ତାହା କେବଳ ଆନୁମାନିକ । ତେବେ ଶୋଷଣ ଅନେକ ପ୍ରକାର ଅଛି, ମାନସିକ, ଶାରୀରିକ, ଆର୍ଥିକ, ବ୍ୟବସାୟିକ, ଯୌନ, ଶିକ୍ଷା, ଆଇନ କାନୁନ, ନାବାଳକ ଶିଶୁ, ଗୋଟି ଶ୍ରମିକ, ପୋଲିସ, ସ୍ୱାସ୍ଥ୍ୟ ସେବା ଠାରୁ ଆରମ୍ଭ କରି ପ୍ରାୟ ସବୁ କ୍ଷେତ୍ରରେ ଏହି ଶୋଷଣ ପ୍ରକ୍ରିୟା ଅଳ୍ପେ ବହୁତେ ପରିଲକ୍ଷିତ ହେଉଛି । ବିଭିନ୍ନ ଦେଶରେ ବିଭିନ୍ନ ପ୍ରକାର ଶୋଷଣର ଶିକାର ହେଉଥିବା ଲକ୍ଷ ଲକ୍ଷ ମନୁଷ୍ୟ ଆଜି ନିଜ ଭାଗ୍ୟକୁ ଦୋଷ ଦେଇ ଅସହ୍ୟ ଯନ୍ତ୍ରଣା ମଧ୍ୟ ଦେଇ କାଳାତିପାତ କରୁଛନ୍ତି, ସେମାନଙ୍କ ଜୀବନ ନର୍କ ଠାରୁ ମଧ୍ୟ ଭୟଙ୍କର ହୋଇ ଯାଉଛି । ମିଳିତ ଜାତିସଂଘର ମାନବାଧିକାର ଉପରେ କହିବା କଥା ହେଲା ଯେ, 'ଜାତି, ଲିଙ୍ଗ, ଜାତୀୟତା, ଭାଷା, ଧର୍ମ କିମ୍ବା ଅନ୍ୟ କୌଣସି ସ୍ଥିତିକୁ ଖାତିର ନ'କରି ମାନବିକ ଅଧିକାର ସମସ୍ତ ମାନବ ସମାଜ ପାଇଁ ଅନ୍ତର୍ନିହିତ ଅଧିକାର ଅଟେ'। ମାନବିକ ଅଧିକାର ମଧ୍ୟରେ ଜୀବନ, ସ୍ୱାଧୀନତା, ଦାସତ୍ୱ ତଥା ନିର୍ଯାତନାରୁ ମୁକ୍ତି, ମତ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା, ଜୀବିକାର୍ଜନ ନିମନ୍ତେ କାର୍ଯ୍ୟ, ଶିକ୍ଷା ଅଧିକାର ଏବଂ ଅନ୍ୟାନ୍ୟ ମୌଳିକ ଅଧିକାର ଗୁଡିକ ଅନ୍ତର୍ଭୁକ୍ତ । ଭେଦଭାବ ବିନା ସମସ୍ତେ ଏହି ଅଧିକାର ପାଇବାକୁ ହକଦାର କିନ୍ତୁ ଏହା ଦ୍ୱାରା କ'ଣ ପ୍ରକୃତରେ ନିର୍ଯାତିତ ମନୁଷ୍ୟ ତା'ର ହକ୍/ଅଧିକାର ପାଉଛି କି ? ନାଁ ଭାଇ ! ଅନେକ ଚେଷ୍ଟା ସତ୍ତ୍ୱେ ଏହି ପ୍ରଥାର ବିଲୋପ ଅତୀତରେ ହୋଇ ପାରି ନାହିଁ, ଇଚ୍ଛା ଶକ୍ତିର ଅଭାବରୁ ବର୍ତ୍ତମାନ ହୋଇ ପାରୁନାହିଁ କିମ୍ବା ଭବିଷ୍ୟତରେ ମଧ ହୋଇ ପାରିବାର ସମ୍ଭାବନା ଅସ୍ପଷ୍ଟ ଜଣା ଯାଉଛି। ଏହି ଅମାନୁଷିକ ପରିସ୍ଥିତିରେ ସୁଧାର ଆଣିବାକୁ ଅନେକ କର୍ମକର୍ତ୍ତା କାର୍ଯ୍ୟରତ, ଅଜସ୍ର ବ୍ୟୟ ବରାଦ ହୁଏ କିନ୍ତୁ ସେଥିରୁ କେତେ ପ୍ରତିଶତ ସୁଫଳ ମିଳେ ? ଭାରତୀୟ କାରାଗାର/ଜେଲ୍ ବିଷୟରେ କିଛିଟା ଉପସ୍ଥାପନା କରିବାକୁ ଚେଷ୍ଟା କରିଛି ହୁଏତ ସଂଗୃହିତ ତଥ୍ୟ ମଧ୍ୟରେ କିଛି ତ୍ରୁଟି ରହି ଯାଇ ଥାଇ ପାରେ ସେଥିପାଇଁ ଦୁଃଖିତ ।

ଜେଲ୍ ବା ବନ୍ଦୀ ଗୃହ ନାମ ଶୁଣିଲେ ଯେ କେହି ଭୟଭୀତ ହୋଇଯିବେ ଏହା ଏକ ସ୍ୱାଭାବିକ କଥା, କେବଳ ମନୁଷ୍ୟ ନୁହନ୍ତି ପଶୁ ପକ୍ଷୀମାନେ ମଧ ପଞ୍ଜୁରୀ ମଧ୍ୟରେ ବନ୍ଦୀ ଜୀବନ ଯାପନ କରିବାକୁ ପସନ୍ଦ କରି ନ'ଥାନ୍ତି। ସମସ୍ତେ ସ୍ୱାଧୀନତା ଚାହାନ୍ତି, ଅନେକ ବ୍ୟକ୍ତି କୌଣସି ଦୋଷ ନ'କରି ମଧ ମାସ ମାସ ଧରି ସରକାରୀ ଉଦାସୀନତା ପାଇଁ ଜେଲ୍ ଭିତରେ ସେମାନଙ୍କୁ ବନ୍ଦୀ ଜୀବନ ବିତାଇବାକୁ ପଡ଼ିଥାଏ । ୨୦୨୧ ଏନ:ସି:ଆର:ବିର ସଂଗୃହିତ ତଥ୍ୟ ଅନୁଯାୟୀ, ଭାରତୀୟ ଜେଲ୍ ର ସମୁଦାୟ କଏଦୀଙ୍କ ମଧ୍ୟରୁ ୭୭ % ବିଚାରାଧୀନ କଏଦୀ ଥିବାବେଳେ ମାତ୍ର ୨୨ % ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡିତ ହୋଇଛନ୍ତି, ଅର୍ଦ୍ଧେକ ବ୍ୟକ୍ତି ୨ ବର୍ଷରୁ ଅଧିକ ସମୟ ଜେଲରେ ଅଛନ୍ତି, ୫,୫୪,୦୦୦ କଏଦୀଙ୍କ ମଧ୍ୟରୁ ୪,୨୭,୦୦୦ ବିଚାରକୁ ଅପେକ୍ଷା କରିଥିଲେ, ସେଥିମଧ୍ୟରୁ ୨୪,୦୩୩ ବିଚାରାଧୀନ ଅବସ୍ଥାରେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଜେଲରେ ଥିଲେ। ଜେଲ୍ ଗୁଡିକର କ୍ଷମତା ଠାରୁ ଢେର ଅଧିକ ବ୍ୟକ୍ତିଙ୍କୁ ଜେଲ୍ ଭିତରେ ପୋକ ମାଛି ସଦୃଶ ରଖା ଯାଉଛି । ଜେଲ୍/ କାରାଗାର ଏବଂ ସେମାନଙ୍କର ପ୍ରଶାସନର ଦାୟିତ୍ୱ ହେଉଛି ବିଭିନ୍ନ ରାଜ୍ୟ ସରକାରଙ୍କ ବିଷୟ ଯାହାକି ଭାରତର ସମ୍ବିଧାନର ସପ୍ତମ ସୂଚୀରେ ରାଜ୍ୟ ତାଲିକା ଅନ୍ତର୍ଗତ ବିଷୟ ୪ ଦ୍ୱାରା ଅନ୍ତର୍ଭୁକ୍ତ । ଜେଲ୍ ଗୁଡିକର ପରିଚାଳନା ଏବଂ ପ୍ରଶାସନ କେବଳ ରାଜ୍ୟ ସରକାରଙ୍କ ଅଧୀନରେ ଥାଏ ଏବଂ ଜେଲ୍ ନିୟମ ୧୮୯୪ ଏବଂ ସଂପୃକ୍ତ ରାଜ୍ୟ ସରକାରଙ୍କ ଜେଲ୍ ମାନୁଆଲ ଦ୍ୱାରା ପରିଚାଳିତ । ତେଣୁ ବର୍ତ୍ତମାନର ଜେଲ୍ ରେ ପ୍ରଚଳିତ ନିୟମ ଏବଂ ନିୟମାବଳୀକୁ ପରିବର୍ତ୍ତନ କରିବା ପାଇଁ ରାଜ୍ୟ ମାନଙ୍କର ପ୍ରାଥମିକ ଭୂମିକା, ଦାୟିତ୍ୱ ଏବଂ ଅଧିକାର ରହିଛି । ଜେଲ୍ ଗୁଡିକର ସୁରକ୍ଷା, ପୁରାତନ କାରାଗାରର ମରାମତି ତଥା ନବୀକରଣ, ବନ୍ଦୀ ମାନଙ୍କ ଚିକିତ୍ସା ସୁବିଧା, ଜେଲ ବିଦ୍ୟାଳୟର ବିକାଶ, ମହିଳା ଅପରାଧୀଙ୍କୁ ସୁବିଧା, ଯୋଗ ତାଲିମ, ଆଧ୍ୟାତ୍ମିକ ମାର୍ଗ ପ୍ରତି ଆକର୍ଷଣ, ଧନ୍ଦାମୂଳକ ତାଲିମ, ଜେଲ୍ ଭିତରେ ଥିବା ଶିଳ୍ପ ଗୁଡିକର ଆଧୁନିକୀକରଣ, ଜେଲ୍ କର୍ମଚାରୀଙ୍କୁ ପର୍ଯ୍ୟାପ୍ତ ତାଲିମ ଦେବା ପାଇଁ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ସହାୟତା ପ୍ରଦାନ କରୁଛନ୍ତି। ଜେଲ୍ ଗୁଡିକରେ କିଛିଟା ପରିବର୍ତ୍ତନ ସହିତ ଉଚ୍ଚ ସୁରକ୍ଷା ପ୍ରାଚୀର ଅତ୍ୟାଧୁନିକ ଯନ୍ତ୍ରପାତି ସି:ସି: କ୍ୟାମେରା, ମୋବାଇଲ ଜାମର, ସୁରକ୍ଷା କର୍ମୀଙ୍କ ପାଇଁ ବେତାର ଯନ୍ତ୍ର ତଥା ଉଚ୍ଚ ଶକ୍ତି ସମ୍ପନ୍ନ ଆଗ୍ନେୟାସ୍ତ୍ର ଯୋଗାଣ, ଜେଲ୍ ମଧ୍ୟରେ ନୂତନ ସକାରାତ୍ମକ ବାତାବରଣ ସୃଷ୍ଟି ପାଇଁ ଅନେକ ରାଜ୍ୟ ସରକାର ଚେଷ୍ଟିତ ଅଛନ୍ତି କିନ୍ତୁ କିଛି ଆସାଧୁ କର୍ମଚାରୀ ନିଜ ସ୍ୱାର୍ଥ ପାଇଁ ଜେଲ୍ ସୁଧାର ବଦଳରେ ବନ୍ଦୀ ମାନଙ୍କ ଉପରେ ଅସହ୍ୟ ଅତ୍ୟାଚାର କରୁଛନ୍ତି, ଏପରିକି ଜେଲ୍‌କୁ ଆସୁଥିବା କିଛି ବିଚାରାଧୀନ ବନ୍ଦୀ ମୃତ୍ୟୁ ମୁଖରେ ପଡିଛନ୍ତି ଏବଂ ଏହାକୁ ଆତ୍ମହତ୍ୟାର ରୂପ ଦେଇ ସରକାରୀ ଭାବେ ଚପାଇ ଦିଆ ଯାଇଛି । ଜେଲ୍ ପ୍ରଶାସନର ବିଭିନ୍ନ ଦିଗ ଉପରେ ବିଚାର କରି ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଜେଲ୍ ସମ୍ବନ୍ଧରେ ତିନୋଟି ନୀତି ପ୍ରଣୟନ କରିଛନ୍ତି ସେଗୁଡିକ ହେଲା : ପ୍ରଥମ, ଜେଲରେ ଥିବା ଜଣେ ବ୍ୟକ୍ତି ଅଣ-ବ୍ୟକ୍ତି ହୁଅନ୍ତି ନାହିଁ, ଦ୍ୱିତୀୟ, ଜେଲରେ ଥିବା ବ୍ୟକ୍ତି କାରାଗାରର ସୀମା ମଧ୍ୟରେ ସମସ୍ତ ମାନବିକ ଅଧିକାର ପାଇବାକୁ ହକଦାର ଅଟନ୍ତି, ତୃତୀୟ, କାରାଗାର ପ୍ରକ୍ରିୟାରେ କଏଦୀଙ୍କୁ ପୂର୍ବରୁ ଦିଆଯାଇଥିବା ଯନ୍ତ୍ରଣାକୁ ଆଉ ବଢାଇବାର ଯଥାର୍ଥତା ନାହିଁ । ବର୍ତ୍ତମାନ୍ ନ୍ୟାୟପାଳିକାଙ୍କ ନିର୍ଦ୍ଦେଶ କେବଳ ନିର୍ଦ୍ଦେଶ ରେ ସୀମିତ ଖୁବ୍ କମ୍ ସ୍ଥାନର ଏହା କାର୍ଯ୍ୟକାରୀ ହୁଏ ଏହାର କାରଣ ସରକାରୀ ଉଦାସୀନତା, ଅହଂ ଭାବ, ସରକାରୀ କର୍ମଚାରୀ ମାନଙ୍କ ଚାକିରୀରେ ଶୃଙ୍ଖଳା ର ଘୋର୍ ଅଭାବ, ରାଜନୈତିକ ହସ୍ତକ୍ଷେପ ଇତ୍ୟାଦି।

ଭାରତରେ କାରାଗାର/ଜେଲ୍ ଗୁଡିକ ତିନୋଟି ସ୍ତରରେ ବିଭକ୍ତ - ତାଲୁକା ସ୍ତର, ଜିଲ୍ଲା ସ୍ତର ଏବଂ କେନ୍ଦ୍ରୀୟ ସ୍ତର, ଏହି ସ୍ତରର ଜେଲ୍ ଗୁଡ଼ିକୁ ଯଥାକ୍ରମେ ସବ୍ ଜେଲ୍, ଜିଲ୍ଲା ଜେଲ୍ ଏବଂ ସେଣ୍ଟ୍ରାଲ୍/ କେନ୍ଦ୍ରୀୟ ଜେଲ୍ କୁହାଯାଏ । ସାଧାରଣତଃ, ସବ୍ ଜେଲ୍‌ରୁ ସେଣ୍ଟ୍ରାଲ୍ ଜେଲ୍ ପର୍ଯ୍ୟନ୍ତ ଭିତ୍ତିଭୂମି, ସୁରକ୍ଷା ଏବଂ କଏଦୀଙ୍କ ସୁବିଧା ଯଥା ଚିକିତ୍ସା, ଶିକ୍ଷା ଏବଂ ପୁନର୍ବାସ ଭଳି ଉନ୍ନତିମୂଳକ କାର୍ଯ୍ୟ ରାଜ୍ୟ ସରକାରଙ୍କ ଦ୍ୱାରା ହୋଇଥାଏ । ଅନ୍ୟ ପ୍ରକାରର ଜେଲ୍ ପ୍ରତିଷ୍ଠାନ ଗୁଡ଼ିକ ହେଉଛି ମହିଳା ଜେଲ୍, ବାଳ ସୁଧାର ସ୍କୁଲ, ଉନ୍ମୁକ୍ତ ଜେଲ୍ ଏବଂ ସ୍ୱତନ୍ତ୍ର ଜେଲ୍ । ସଂଗୃହିତ ତଥ୍ୟ ଅନୁଯାୟୀ ୩୧ ଡିସେମ୍ବର ୨୦୧୬ ସୁଦ୍ଧା ସମଗ୍ର ଭାରତରେ ଜେଲ୍ ସଂଖ୍ୟା ଏବଂ ଉପଲବ୍ଧ କଏଦୀ କ୍ଷମତା ନିମ୍ନରେ ଦର୍ଶାଯାଇଛି କେନ୍ଦ୍ରୀୟ ଜେଲ୍ ୧୩୭ ଗୋଟି କଏଦୀ କ୍ଷମତା ୧୬୫,୭୫୦, ଜିଲ୍ଲା ଜେଲ୍ ୩୯୪-- କଏଦୀ କ୍ଷମତା ୧୪୭,୦୦୩ ଜଣ , ସବ୍ ଜେଲ୍ ୭୩୨ -- ୪୫,୫୬୯ ଜଣ, ମହିଳା ଜେଲ୍ ୨୦ -- ୫,୧୯୭ ଜଣ, ବୋର୍ଷ୍ଟାଲ୍ ସ୍କୁଲ୍ / ସୁଧାର ଗୃହ ୨୦ -- ୧,୬୩୦ ଜଣ, ଉନ୍ମୁକ୍ତ ଜେଲ୍ ୬୪ -- ୫,୪୧୨ ଜଣ,ସ୍ୱତନ୍ତ୍ର ଜେଲ୍ ୪୨ -- ୧୦,୧୪୫ ଜଣ, ଅନ୍ୟ ଜେଲ୍ ୩ -- ୧୭୦ଜଣ,ସମୁଦାୟ ୧,୪୧୨ ଗୋଟି ଜେଲ ଏବଂ ଏହାର କଏଦୀ କ୍ଷମତା ୩,୮୦,୮୭୬ ଜଣ । ବର୍ତ୍ତମାନ ପରିସ୍ଥିତିରେ ଆଉ ଅଧିକ ଜେଲ ବଢାଇବାର ଆବଶ୍ୟକତା ଅଛି ନା' ତୃଣମୂଳ ସ୍ତରରୁ ଅପରାଧ କମାଇ ଜେଲ୍ ଗୁଡିକର କ୍ଷମତା ଠାରୁ କମ କଏଦୀଙ୍କ ଉପସ୍ଥିତିକୁ ସ୍ୱାଗତ କରିବାର ଅଛି ? ଯଦି ଆମେ ସମସ୍ତେ ଅନ୍ତରରୁ ଚେଷ୍ଟା କରିବା ହୁଏତ ଆମ ପଡୋଶୀ ରାଷ୍ଟ୍ର ଭୁଟାନ ପରି ଧୀରେ ଧୀରେ ଜେଲ୍ ଗୁଡିକ କଏଦୀ ଶୂନ୍ୟ ହୋଇ ଶେଷରେ ଅନ୍ୟ କାର୍ଯ୍ୟରେ ବ୍ୟବହୃତ ହେବ । ଏକଥା ସମାଜର ସବୁ ସ୍ତରର ବ୍ୟକ୍ତି ବିଶେଷ ନିଜ ଅନ୍ତରରୁ ଚିନ୍ତା କରନ୍ତୁ, ପଞ୍ଜୁରୀ ଭିତରେ ପକ୍ଷୀଟିଏ ଯେପରି ମାନସିକ, ଶାରୀରିକ ଯନ୍ତ୍ରଣା ପାଏ ତଥା ତା'ର ସ୍ୱାଧୀନତାକୁ ସେ ପଞ୍ଜୁରୀର ଶକ୍ତ ବଳୟ ଭିତରେ ହରାଇ ଦେଇଥାଏ ସେହିପରି ଜଣେ କଏଦୀ ତା'ର ସମସ୍ତ ସ୍ୱାଧୀନତାରୁ ବଂଚିତ ହୋଇ ଅମଣିଷ ପରି ବଞ୍ଚି ରହିବାକୁ ବାଧ ହୋଇଥାଏ । ପୁରାଣରେ ବର୍ଣ୍ଣିତ ଯମପୁରୀ ଏବଂ ଯମ ଦଣ୍ଡର ଅବିକଳ ନକଲ ଜେଲ୍ ଗୁଡିକରେ ଦେଖିବାକୁ ମିଳେ, କେବଳ ଭାରତବର୍ଷ ନୁହେଁ ପୃଥିବୀର ୯୦ ପ୍ରତିଶତ ଦେଶର ଜେଲ୍ ଗୁଡିକ ଖୁବ୍ ଭୟାନକ, ଅସ୍ୱାସ୍ଥ୍ୟକର ପରିବେଶ ଜେଲ୍‌ର ଅନ୍ତେବାସୀ ମାନେ ପଶୁଠାରୁ ମଧ ହୀନ ଅବସ୍ଥାରେ କାଳାତିପାତ କରୁଛନ୍ତି । ଆମ ମାନବିକତା ଏବଂ ମାନସିକତାକୁ ଅବିଳମ୍ବେ ବଦଳାଇବାକୁ ଆମେ ଚେଷ୍ଟିତ ହେବା ଉଚିତ, ତାହା ଦ୍ୱାରା ଅପରାଧ କମିବ ଏବଂ ଅପରାଧୀ ମଧ ସଚେତନ ହେବେ । କେବଳ ଦଣ୍ଡ ବିଧାନ କରି ସମାଜରୁ ଅପରାଧୀ କମାଇବା ଆଦୌ ସମ୍ଭବ ନୁହେଁ, ତୃଣମୂଳ ସ୍ତରରୁ ଯଦି ଚେଷ୍ଟା କରାଯାଇ ପରିବ ତେବେ ଆଗାମୀ ଦଶନ୍ଧି ବେଳକୁ ହୁଏତ ଅପରାଧୀଙ୍କ ସଂଖ୍ୟା ୭୦ ପ୍ରତିଶତ କମିଯିବ, ଏଥିପାଇଁ ମହାମହିମ ରାଷ୍ଟ୍ରପତିଙ୍କ ଠାରୁ ଆରମ୍ଭ କରି ଅତି ସଧାରଣ ସରକାରୀ କର୍ମଚାରୀ, ନେତା, ମନ୍ତ୍ରୀ, ସମାଜର ଗନ୍ୟ ମାନ୍ୟ ବ୍ୟକ୍ତି, ସମାଜ ସୁଧାରକ, ଶିକ୍ଷକ, ପିତାମାତା ସମସ୍ତେ ହୃଦୟରୁ ଚେଷ୍ଟିତ ହେବା ଶୁଭଙ୍କର ସାବ୍ୟସ୍ତ ହେବ ବୋଲି ହୃଦବୋଧ ହେଉଛି । ନିକଟ ଅତୀତରେ ମହାମହିମ ରାଷ୍ଟ୍ରପତି ଏକ ଭାବପ୍ରବଣ ଭାଷଣ ସହିତ ଖୁବ୍ ସୁନ୍ଦର ଭାବେ ଜେଲ ବିଷୟରେ ନିଜର ଅନ୍ତରର କଥାକୁ ଉପସ୍ଥାପନା କରିଥିଲେ । ସଭାରେ ଉପସ୍ଥିତ ଥିବା ଭାରତୀୟ ନ୍ୟାୟିକ ବ୍ୟବସ୍ଥାର କର୍ମକର୍ତ୍ତା, ସାରା ଭାରତର ନ୍ୟାୟାଧୀଶ, ଉଚ୍ଚତମ ନ୍ୟାୟାଳୟର ପ୍ରଧାନ ବିଚାରପତି ଏବଂ ଆଇନ ମନ୍ତ୍ରୀ ମାନଙ୍କୁ ଅନୁରୋଧ ଛଳରେ ଜେଲ୍ ଅନ୍ତେବାସୀଙ୍କ ଦୁଃଖକୁ ବଖାଣି ବସିଥିଲେ, ଏହା ତା'ଙ୍କର ହୃଦୟର ବ୍ୟଥା ଥିଲା । ଅନେକ ନିରୀହ, ଆଇନ ଜାଣି ନ'ଥିବା ବ୍ୟକ୍ତି, ଛୋଟ ଛୋଟ ଅପରାଧିକ ଘଟଣାରେ ଜଡିତ ହୋଇ କିପରି ଆମ ପରି ଶିକ୍ଷିତ ବ୍ୟକ୍ତି ମାନଙ୍କ କୂଚକ୍ରରେ ପଡି ବର୍ଷ ବର୍ଷ ଧରି ଜେଲ୍ ଭିତରେ ସଢୁଛନ୍ତି ।


(କ୍ରମଶଃ)



(ବରିଷ୍ଠ ନାଗରିକ)
ସ୍ନେହ କୁଟୀର , ଝାଞ୍ଜିରୀ ମଙ୍ଗଳା
କଟକ ୭୫୩୦୦୯
ମୋ : ୯୯୩୭୧୭୪୦୯୭





### ଦେହାତୀତ

**ପ୍ରିୟନାଥ ପାଣି**

ବୁଦ୍ଧଙ୍କ ବିନୟ ମୁଦ୍ରାରେ
ଥୋଇଦେଲି ଦେହଟାକୁ
ଇନ୍ଦ୍ରିୟଙ୍କୁ ବନ୍ଦୀ କରି
ଶାସନର ଭାର ନେଲି
କାମହୀନ,ଭୋକହୀନ,
ତୃଷାହୀନ
ଚପଳ ଇଚ୍ଛାମାନଙ୍କୁ
ଦେହାତୀତର ଗପ ଶୁଣେଇଲି ।

ହେ ଇନ୍ଦ୍ରିୟର ଦାସ !
ଦେହର ଦହନ ଦରଜ ସବୁ
ପଣବନ୍ଦୀ କର
କାମନାର ଜତୁଘରେ
ଅଗ୍ନିସଂଯୋଗ କର

ଜଣେ ବି କେହି
ବର୍ତ୍ତି ନ ଯାଉ
କେତେ କଠୋର ସତେ ନିର୍ବାଣ
ସଂଯମ ଶାସନ
ଜିତିବାକୁ ଇଚ୍ଛା ବାର ବାର
ବୁଦ୍ଧଙ୍କ ଆସନ।

ଇନ୍ଦ୍ରିୟଗଣ କଡମୋଡା ଦେଲେ
ହାଁ ଭୋକ ହାଁ ଭୋକ କହି
ରଣକ୍ଷେତ୍ରୁଁ ଛତ୍ରଭଙ୍ଗ ଦେଲେ
ବିକଟାଳ ହସର ଲହଡିରେ
କେବେ କେବେ ଚିତ୍କାରରେ
କିଛି ଦାବି ରଖୁଥିଲେ
ଏ ଦୁଷ୍କର ବ୍ରତ ପାଳିବାକୁ
ସମସ୍ତେ ଯେମିତି ଅସମର୍ଥ ଥିଲେ ।


କଦଳିଆ, ବୈଶିଙ୍ଗା,ମୟୂରଭଞ୍ଜ
ମୋ- ୯୯୩୭୧୨୫୧୫୧


### ନାଆଁ ମୋ ପ୍ରେମିକଟିଏ

**ଜୟନ୍ତ କୁମାର ମଲ୍ଲିକ୍**

ପ୍ରେମ ଦୁନିଆଁରେ କରିଛି ମୁଁ ଘର
ନାଆଁ ମୋ ପ୍ରେମିକ ଟିଏ -

ଉପରେ ଉପରେ ହସୁଥାଏ ସିନା
ଭିତରେ ମୁଁ ଲୁହ ପିଏ,
ମିଛ ସପନରେ ରାତି ବିତିଯାଏ
ମାପିଚୁପି କଥା କହେ -

ଦରମା ଟଙ୍କାକୁ ପ୍ରେମିକାକୁ ଦେଇ
ଏଣୁ ତେଣୁ ଖାଇ ରହେ,
ଜନ୍ମ କଲା ବାପା ବୋଉଙ୍କ ପାଖରେ
ମିଛ ମୁଁ ତ କହିଥାଏ -

ରୋଜଗାରକୁ ମୋ ବଢ଼େଇବା ପାଇଁ
ରାତି କାମକୁ ବି ଯାଏ,
ପ୍ରେମିକାର ସବୁ ଖର୍ଚ୍ଚ ମୁଁ ତୁଲାଏ
ତା' ସାଥେ ପାଆର୍କ ଯାଏ -

ଡାଆର୍କ ହୋଇଲେ ଫେରିବା ସମୟେ
ଦାମୀ ହୋଟେଲରେ ଖାଏ,
ବାଇକି ଥୋଇ ମୁଁ କାଆର କିଣିଛି
କେବଳ ବୁଲିବା ପାଇଁ -

ପ୍ରେମ ଅଭିଯାନ ଭଲରେ ଚାଲିଛି
ସାହା ମୋ ଜଗତ ସାଇଁ।


ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭


### ସମୟ

**ମହେଶ୍ୱର ବିଶ୍ୱାଳ**

'ଦର୍ଶନ'ରୁ ପଦେ ଛାଟିକି ଗାଇଲା
ମାଧିଆ ମାଇପ ବୁଢ଼ୀ
ତାଳି ମାରି ମାରି ପାଳି ଧରୁଥିଲା
ଆର ଗାଁ ଗେହ୍ଲେଇ ଖୁଡ଼ି

'ସମୟ' ଧାଇଂଚି ଲୁଚି ଲୁଚିକା ଲୋ
କେଉଁଠି ଧରା ନପଡ଼ି
ଆଖି କାନ ନାକ ନୟାନ୍ତ ହେଲେଣି
ଖୋଜୁଥା ପଗଡ଼ି ଭିଡ଼ି

ଖୁଡ଼ି କହେ ବୁଢ଼ୀ କି ଗୀତ ଗାଇଲୁ
ଅକଲ ଯାଉଛି ହୁଡ଼ି
ମହା ମହା ରଥି ମୁଣ୍ଡ ବିଗାଡ଼ିଲୁ
ହୋଅସ ଗଲାଣି ଉଡ଼ି

ବୁଝିବା ପାଇଁ କି ବାଟ ମିଳୁନାହିଁ
ମୁଣ୍ଡ ଯାଉଛି ବିଗିଡ଼ି
ଚାଉଳ ନୁହେଁ କି ମସଲା ନୁହେଁ ଯେ
ଶିଳରେ ଦେବି ରଗଡ଼ି

'ସମୟ' ଦର୍ଶନ ବୁଝିବାକୁ ଯାଇ
କେତେ ରଥି ଗଲେ ଗଡ଼ି
କାନ ଝାଇଁ ମାରେ, ମୁଣ୍ଡ ବିନ୍ଧିଯାଏ
ସତେ ମାରିଛି ବିରୁଡ଼ି

ଚୁନା ମାଛ ଯେହ୍ନେ ଖସି ଚାଲିଯାନ୍ତି
ଜାଲରେ ଧରା ନପଡ଼ି
'ସମୟ' କି ଅବା ବିଚାରିବା ଆମେ
ମଗଜୁ ପଡ଼େ ଉଜୁଡ଼ି

'ସମୟ' ମଞ୍ଜକୁ ପରଖିବା ପାଇଁ
ପାଏନି ମାପ ଦଉଡ଼ି
ନିର୍ଯ୍ୟାସ ନଥାଇ ଆଲୋଚନା ହୁଏ
କଥା ଖାଲି ଗଡ଼ା ଗଡ଼ି

ବଧିର ଯେସନ ଶବଦ ବାରେନି
ହେଉ ଯେତେ ଘଡ଼ଘଡ଼ି
ଅନ୍ଧ ସତେ ଆମେ ଦେଖି ଯେ ନପାରୁ
ହଜେଇଲେ ଆଶା ବାଡ଼ି

ବୁଢ଼ୀ ନୁହେଁ ସେ ତ ଅକଲ ସର୍ଦ୍ଦାର
ଚିପୁଛି ଆମର ନାଡ଼ି
ଅଣନିଶ୍ୱାସିଆ ହେଲୁଣି କି ସତେ
ପାଣିରେ ରହିଛୁ ବୁଡ଼ି ।

# କିସମିସ୍ ପାଣି ପିଇଲେ ହ୍ରାସପାଏ ଓଜନ ?

ବର୍ତ୍ତମାନ ସମୟରେ ଡ୍ରାଏ ଫ୍ରୁଟ୍ସର ଚାହିଦା ଅନେକ। ବିଭିନ୍ନ ଡ୍ରାଏ ଫ୍ରୁଟ୍ସକୁ ଭିଜାଇ ପାଣି ପିଇବା ଦ୍ୱାରା ଅନେକ ଲାଭ ମିଳିଥାଏ ବୋଲି ବିଶ୍ୱାସ କରାଯାଏ। ଏହି ସବୁ ଡ୍ରାଏ ଫ୍ରୁଟ୍ସ ମଧ୍ୟରୁ କିସମିସ୍ ଅନ୍ୟତମ। ଏଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଥାଏ। କିସମିସ୍ ପାଣି ପିଇବା ଦ୍ୱାରା ମଧ୍ୟ ଅନେକ ଉପକାରିତା ମିଳିଥାଏ ବୋଲି ବିଶ୍ୱାସ କରାଯାଏ।

ବାସ୍ତବରେ କିସମିସ ପାଣିରେ ଉପକାରୀ ଗୁଣ ରହିଛି, କିନ୍ତୁ ବେଳେବେଳେ ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ। କିସମିସ୍ ପାଣିରି କି କି ଉପକାରୀ ଓ ଅପକାରୀ ଗୁଣ ରହିଛି, ଜାଣନ୍ତୁ...



### କିସମିସ୍ ପାଣିର ଉପକାରିତା:

ଓଜନ ହ୍ରାସ କରିବାରେ ସହାୟକ ହୁଏ: କିସମିସ୍ ପାଣିରେ କମ୍ ପରିମାଣର ପ୍ରାକୃତିକ ଶର୍କରା ରହିଥାଏ, ଯାହା ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ।

ଅନ୍ତନଳୀକୁ ସଫା ରଖେ: କିସମିସରେ ଫାଇବର ଥାଏ, ଯାହା ଅନ୍ତନଳୀକୁ ସଫା ଏବଂ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।

ଶରୀରକୁ ଶକ୍ତି ଯୋଗାଏ: କିସମିସରେ ଥିବା ପ୍ରାକୃତିକ ଶର୍କରା ଶରୀରକୁ ଶକ୍ତି ଯୋଗାଇଥାଏ। ଏହି ଡ୍ରାଏ ଫ୍ରୁଟ୍ସ ଖାଇବା ଦ୍ୱାରା ଦୁର୍ବଳତା ଦୂର ହୋଇଥାଏ।

### କିସମିସ୍ ପାଣିର ଅପକାରିତା:

ଅତ୍ୟଧିକ କ୍ୟାଲୋରୀ: କିସମିସରେ ଶର୍କରା ସହିତ ଅଧିକ ପରିମାଣର କ୍ୟାଲୋରୀ ଥାଏ। ତେଣୁ ଆବଶ୍ୟକତାଠାରୁ ଅଧିକ କିସମିସ୍ ପାଣି ପିଇଲେ କ୍ୟାଲୋରୀ ସ୍ତର ବୃଦ୍ଧି ପାଇପାରେ। ଯାହା ଫଳରେ ମେଦବହୁଳତା ସମସ୍ୟା ଦେଖାଯିବାର ଆଶଙ୍କା ଅଧିକ।

ଉଚ୍ଚ ଗ୍ଲାଇସେମିକ୍ ଇଣ୍ଡେକ୍ସ: କିସମିସ୍ ପାଣିରେ ଅଧିକ ଗ୍ଲାଇସେମିକ୍ ଇଣ୍ଡେକ୍ସ ରହିଛି, ଯାହା ମଧୁମେହ ରୋଗୀଙ୍କ ପାଇଁ ପରିଚାଳନା କରିବା କଷ୍ଟକର ହୋଇପାରେ। ତେଣୁ ମଧୁମେହ ରୋଗୀ କିସମିସ୍ ପାଣି ପିଇବାରେ ସତର୍କତା ଅବଲମ୍ୱନ କରିବା ଉଚିତ୍।

# ଘରେ ତିଆରି କରନ୍ତୁ ମୁଢ଼ିର ଏହି ରେସିପି



ଆବଶ୍ୟକ ସାମଗ୍ରୀ: ମୁଢ଼ି, ଗାଜର, କ୍ୟାପିସମ,ପିଆଜ,ଲୁଣ, ହଳଦୀ , ବେସନ, ଧଳା ରାଶି, କଟା କଞ୍ଚା ଲଙ୍କା, ଧନିଆ ପତ୍ର, ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ମୁଢ଼ିକୁ ଏକ ପାତ୍ରରେ ନେଇ ତାକୁ କିଛି ସମୟ ପାଇଁ ଭିଜାଇ ରଖନ୍ତୁ। ଏହା ଭିଜିଗଲା ପରେ ତାକୁ ଭଲ ଭାବରେ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ପରେ ସେଥିରେ କଟା ଗାଜର, କ୍ୟାପିସମ ଓ ପିଆଜ ମିଶାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ପରେ ସେଥିରେ ଆବଶ୍ୟକ ଅନୁସାରେ ଲୁଣ, ହଳଦୀ , ବେସନ, ଧଳା ରାଶି, କଟା କଞ୍ଚା ଲଙ୍କା ଓ ଧନିଆ ପତ୍ର ପକାଇ ଗୋଳାଇ ଦିଅନ୍ତୁ। ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବାପରେ ଗୋଳାଇ ରଖିଥିବା ମିଶ୍ରଣ ପକୁଡି ଆକାରରେ ଛାଣନ୍ତୁ। ପକୁଡିର ଦୁଇ ପାର୍ଶ୍ୱ ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ମୁଢ଼ି ପକୁଡି। ଏହାକୁ ଟମାଟୋ ଚଟଣି ଓପୁଦିନା ଚଟଣି ସହ ଖାଇପାରିବେ।

# ଦିନ ବେଳା ଶୁଅନ୍ତୁ ନାହିଁ

ଗବେଷକଗଣ ବିଭିନ୍ନ ବର୍ଗର ଓ ପ୍ରାନ୍ତର ୩ଲକ୍ଷ ବ୍ୟକ୍ତିଙ୍କୁ ନେଇ ୨ବର୍ଷ ଗବେଷଣା କରିବା ପରେ ଏକ ଜରୁରୀ ତଥ୍ୟ ପ୍ରକାଶ କରିଛନ୍ତି । ସେମାନଙ୍କ ତଥ୍ୟରୁ ପ୍ରକାଶିତ ଯେ ଦିନବେଳା ଲୋକେ ଶୋଇବା ସ୍ୱାସ୍ଥ୍ୟ ପାଇଁ ସମ୍ପୂର୍ଣ୍ଣ କ୍ଷତିକାରକ । ଯଦିଓ ବୟସ୍କ ଲୋକଙ୍କୁ ଥକାପଣ ଲାଗୁଛି କିମ୍ବା ନିଦ ଦିନେବେଳା ଅଧିକ ଲାଗୁଛି, ତେବେ ସେମାନେ ପୁସ୍ତକ ପଢ଼ିବା ଉଚିତ ନଚେତ ଅନ୍ୟ କୌଣସି କାମରେ ନିଜକୁ ବ୍ୟସ୍ତ ରଖିବା ଆବଶ୍ୟକ । କାରଣ ଦିନବେଳା ଶୋଉଥିବା ବ୍ୟକ୍ତିଙ୍କୁ ମଧୁମେହ ଆକ୍ରାନ୍ତ ହେବାର ସମ୍ଭାବନା ସର୍ବାଧିକ ।

# ପାଦ ସୁନ୍ଦର ଦିଶିବା ପାଇଁ ଆପଣାନ୍ତୁ ଏହି ସବୁ ଟିପ୍ସ

ଅଧିକାଂଶ ଲୋକେ ସୁନ୍ଦରତା ପ୍ରତି ଧ୍ୟାନ ଦିଅନ୍ତି, ହେଲେ ସୁସ୍ଥତା ପ୍ରତି ନୁହେଁ। ହାତ, ମୁହଁ, ଚର୍ମ, କେଶ ଓ ତ୍ୱଚାର ଯତ୍ନ ନିଅନ୍ତି, କିନ୍ତୁ ପାଦର ସ୍ୱଚ୍ଛତାକୁ ଭୁଲି ଯାଆନ୍ତି। ଏହି କାରଣରୁ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଏ। ବିଶେଷ କରି ପାଦର ଯତ୍ନ ନ ନେବା ଦ୍ୱାରା ଫଙ୍ଗଲ ସଂକ୍ରମଣ ହୋଇପାରେ। ତେଣୁ ଏହାକୁ ଏଡାଇବା ପାଇଁ ଘରୋଇ ଉପାୟରେ କିପରି ପାଦର ଯତ୍ନ ନେବେ, ଜାଣନ୍ତୁ...

ପ୍ରତିଦିନ ପାଦର ସ୍ୱଚ୍ଛତା ଯାଞ୍ଚ କରନ୍ତୁ:

ନିୟମିତ ଭାବରେ ଯେପରି ତ୍ୱଚା ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଉଛନ୍ତି, ସେହିପରି ପାଦ ପ୍ରତି ମଧ୍ୟ ଧ୍ୟାନ ଦିଅନ୍ତୁ। କୌଣସି କଟା, ଦାଗ, ଫୁଲା କିମ୍ବା ଲାଲ୍ ପଡିଯିବା ଭଳି ଅସ୍ୱାଭାବିକତା ଅଛି କି ନାହିଁ ନୀରିକ୍ଷଣ କରନ୍ତୁ। ମଧୁମେହ କିମ୍ବା ପେରିଫେରାଲ୍ ନ୍ୟୁରୋପାଥି ରୋଗୀଙ୍କ ପାଇଁ ଏହା ସବୁଠୁ ଗୁରୁତ୍ୱପୂର୍ଣ୍ଣ, କାରଣ ସେମାନେ ପାଦରେ କୌଣସି ଯନ୍ତ୍ରଣା ଅନୁଭବ କରିପାରନ୍ତି ନାହିଁ। ତେଣୁ ନିୟମିତ ଭାବେ ପାଦକୁ ଯାଞ୍ଚ କରନ୍ତୁ।



ସର୍ବସାଧାରଣ ସ୍ଥାନରେ ଖାଲି ପାଦରେ ଚାଲନ୍ତୁ ନାହିଁ:

ଖାଲି ପାଦରେ ଚାଲିବା ସ୍ୱାସ୍ଥ୍ୟ ପାଇଁ ଭଲ କୁହାଯାଏ ସତ, କିନ୍ତୁ ସବୁ ସ୍ଥାନ ପାଇଁ ଏହା ପ୍ରଯୁଜ୍ୟ ନୁହେଁ। ତେଣୁ ସର୍ବଦା ପରିଷ୍କାର-ପରିଚ୍ଛନ୍ନ ଥିବା ସ୍ଥାନରେ ଚାଲିବାକୁ ଚେଷ୍ଟା କରନ୍ତୁ। ସର୍ବସାଧାରଣ ସ୍ଥାନରେ ଆଦୌ ଖାଲି ପାଦରେ ଚାଲନ୍ତୁ ନାହିଁ।

ଦିନକୁ ଦୁଇଥର ପାଦ ଧୋଇ ଦିଅନ୍ତୁ :

ଯେପରି ଦାନ୍ତ ଘଷିବା ଏକ ନିତ୍ୟକ୍ରମ, ସେହିପରି ପାଦ ଧୋଇବା ମଧ୍ୟ ନିତ୍ୟକ୍ରମ। କିନ୍ତୁ ଅନେକ ଲୋକ ଏଥିରେ ଅବହେଳା କରନ୍ତି। ବାହାରୁ ଆସିବା ପରେ ନିଶ୍ଚିତ ରୂପରେ ପାଦ ଧୁଅନ୍ତୁ। ଅତି କମରେ ଗୋଟିଏ ଦିନରେ ନିଶ୍ଚିତ ରୂପେ ଦୁଇ ଥର ପାଦ ଧୋଇବା ଅଭ୍ୟାସ ରଖନ୍ତୁ। ଏହା ଫଳରେ ମଇଳା, ଜୀବାଣୁ ଆଦି ସଫା ହୋଇଯାଇଥାଏ।

ପାଦକୁ ସଠିକ୍ ଭାବରେ ଶୁଖାନ୍ତୁ:

ପାଦ ଧୋଇ ସାରିବା ପରେ ଓଦା ପାଦରେ ଅଧିକ ସମୟ ରୁହନ୍ତୁ ନାହିଁ। ବିଶେଷ କରି ଓଦା ପାଦରେ ସ୍ଲିପ୍ର୍, ସକ୍ସ କିମ୍ବା ବୁଟ୍ ପିନ୍ଧନ୍ତୁ ନାହିଁ। ଆଙ୍ଗୁଠି ସନ୍ଧିରେ ବେଶି ସମୟ ପାଣି ରହିବାକୁ ଦିଅନ୍ତୁ ନାହିଁ।

ମଶ୍ଚରାଇଜର:

ଶରୀରର ସୁସ୍ଥତା ପାଇଁ ଯେପରି ଅନ୍ୟାନ୍ୟ ଅଙ୍ଗର ଯତ୍ନ ନେଉଛନ୍ତି, ଠିକ୍ ସେହିପରି ପାଦର ଧ୍ୟାନ ନିଅନ୍ତୁ। ପାଦକୁ ନିୟମିତ ଭାବେ ମଶ୍ଚରାଇଜ୍ କରନ୍ତୁ। ଏପରି କରିବା ଦ୍ୱାରା ଶୁଷ୍କ ଏବଂ ଫଟା ପାଦ ସମସ୍ୟାକୁ ଦୂର କରାଯାଇ ପାରିବ।

ଭଲ ସକ୍ସ ପିନ୍ଧନ୍ତୁ:

ସୁନ୍ଦର ସକ୍ସ ଅପେକ୍ଷା ପରିଷ୍କାର-ପରିଚ୍ଛନ୍ନ ଥିବା ସକ୍ସ ପିନ୍ଧିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଗୋଟିଏ ସକ୍ସକୁ ସଫା ନକରି ବାରମ୍ବାର ପିନ୍ଧନ୍ତୁ ନାହିଁ। ସର୍ବଦା ବୁଟ୍ ଓ ସକ୍ସକୁ ସଫା ରଖନ୍ତୁ। ସଚେତ୍ ସଂକ୍ରମଣଜନିତ ସମସ୍ୟା ହୋଇପାରେ।

# ମାଇକ୍ରୋୱେଭରେ ଭୁଲରେ ବି ଏସବୁ ଖାଦ୍ୟକୁ ଦ୍ୱିତୀୟ ଥର ଗରମ କରନ୍ତୁ ନାହିଁ

ବର୍ତ୍ତମାନର ବ୍ୟସ୍ତ ଜୀବନଶୈଳୀରେ ଲୋକେ ଗୋଟିଏ ଥର ରୋଷେଇ କରି ଏହାକୁ ଗରମ କରି ଖାଇବାରେ ଅଭ୍ୟସ୍ତ। ଏଥିପାଇଁ ମାଇକ୍ରୋୱେଭର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଛି। ହେଲେ ଜାଣନ୍ତି କି, ମାଇକ୍ରୋୱେଭରେ ଖାଦ୍ୟକୁ ବାରମ୍ବାର ଗରମ କରିବା ଦ୍ୱାରା ଏହାର ସ୍ୱାଦ ଏବଂ ପୁଷ୍ଟିକର ଉପାଦାନ ନଷ୍ଟ ହୋଇଯାଏ ? ଆଜ୍ଞା ହଁ, ଅନେକ ପ୍ରକାର ଖାଦ୍ୟ ଅଛି, ଯେଉଁଗୁଡିକୁ ଏକାଧିକ ଥର ମାଇକ୍ରୋୱେଭରେ ଗରମ କରିବା ଦ୍ୱାରା ଏହାର ପୁଷ୍ଟିକର ଉପାଦାନ ନଷ୍ଟ ହୋଇଯାଏ। ତେବେ ଏସବୁ ଖାଦ୍ୟ କଣ, ଜାଣନ୍ତୁ...



ମାଇକ୍ରୋୱେଭରେ କ'ଣ ଗରମ କରିବା ଉଚିତ୍ ନୁହେଁ?

ଅଣ୍ଡା ଏବଂ ଏଥିରୁ ତିଆରି ଖାଦ୍ୟ - ସିଝା ଅଣ୍ଡାକୁ ଆଦୌ ମାଇକ୍ରୋୱେଭରେ ଗରମ କରନ୍ତୁ ନାହିଁ। ଏହା ବ୍ୟତୀତ, ମାଇକ୍ରୋୱେଭରେ ଅଣ୍ଡାରୁ ନିର୍ମିତ ଖାଦ୍ୟକୁ ମଧ୍ୟ ଗରମ କରି ଗରମ କରି ଖାଆନ୍ତୁ ନାହିଁ।

ମାଂସ- ଅଧିକାଂଶ ଲୋକ ନନଭେଜ ଖାଦ୍ୟକୁ ଗରମ କରି ଖାଇବା ପାଇଁ ପସନ୍ଦ କରନ୍ତି। ବାସ୍ତବରେ ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଓଭେନରେ ଏହି ପ୍ରକାର ଖାଦ୍ୟ ଗରମ କରିବା ଦ୍ୱାରା ସ୍ୱାଦରେ ପରିବର୍ତ୍ତନ ଆସିଥାଏ। ଏହା ମଧ୍ୟ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ।

ସବୁଜ ପତ୍ରଯୁକ୍ତ ପନିପରିବା - ସବୁଜ ପତ୍ରଯୁକ୍ତ ପନିପରିବାକୁ ଓଭେନରେ ଗରମ କରିବାକୁ ବାରଣ କରାଯାଏ। ପାଳଙ୍ଗ ଓ ଅନ୍ୟାନ୍ୟ ପ୍ରକାର ଶାଗକୁ ଓଭେନରେ ଦ୍ୱିତୀୟ ଥର ଗରମ କରିବା ଅନୁଚିତ୍। ସବୁଜ ପନିପରିବାରେ ନାଇଟ୍ରେଟ୍ ଥାଏ, ଦ୍ୱିତୀୟ ଥର ଗରମ କରିବା ଦ୍ୱାରା ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ପାଲଟିଯାଏ, ଯାହା କ୍ୟାନସର ଭଳି ମାରାତ୍ମକ ରୋଗ ବିପଦ ଆଶଙ୍କାକୁ ବୃଦ୍ଧି କରିପାରେ।

ଫ୍ରାଏଡ୍ ଖାଦ୍ୟକୁ- ମାଇକ୍ରୋୱେଭରେ ଫ୍ରେଞ୍ଚ୍ ଫ୍ରା ଏବଂ ପକୋଡା ପରି ଫ୍ରାଏଡ୍ ଖାଦ୍ୟକୁ ଗରମ କରିବା ଠାରୁ ଦୂରେଇ ରୁହନ୍ତୁ। ମାଇକ୍ରୋୱେଭରେ ଫ୍ରାଏଡ ଖାଦ୍ୟ ଗରମ କରିବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ।

ଚା'- ମାଇକ୍ରୋୱେଭରେ ଚା' ମଧ୍ୟ ଗରମ ନ କରିବା ଉଚିତ୍। ପ୍ରଥମତଃ ଚା ତିଆରି କରି ଦୀର୍ଘ ସମୟ ରଖିବା ଦ୍ୱାରା ଏହା ଖରାପ ହୋଇ ଯାଇଥାଏ, ଯଦି ପୁନର୍ବାର ଏହାକୁ ମାଇକ୍ରୋୱେଭରେ ଗରମ କରୁଛନ୍ତି ତେବେ ଏହା ସ୍ୱାସ୍ଥ୍ୟ ପାଇଁ ଆହୁରି ହାନିକରାକ ହୋଇପାରେ।

# ଭୁଲି ଯାଆନ୍ତୁ ଔଷଧ

ପ୍ରତିଦିନ ରାତିରେ ୫ଟି ପିସ୍ତା ବାଦାମକୁ ଭିଜାଇ, ସକାଳେ ଏହାକୁ ଖାଇ ଆପଣ ପିଅନ୍ତୁ । ଦେଖିବେ ଲୋ ବ୍ଲଡ ପ୍ରେସରରୁ ଆରାମ ମିଳିବା ସହ ସ୍ମରଣ ଶକ୍ତିକୁ ବି ପ୍ରଖର ହେବ ।

ଗଣ୍ଠି ଯନ୍ତ୍ରଣାରୁ ବ୍ୟସ୍ତ ଅଛନ୍ତି, ତା ହେଲେ ଅମୃତଭଣ୍ଡାର କୋମଳ ପତ୍ରକୁ ବାଟି ଯନ୍ତ୍ରଣା ହେଉଥିବା ସ୍ଥାନରେ ଲଗାନ୍ତୁ ଆରାମ ମିଳିବ ।

ତୁଳସୀ ମଞ୍ଜିକୁ ବଡ଼ ଦାନା ମୁକ୍ତ ଚିନି ଓ କ୍ଷୀର ସହିତ ମିଶାଇ ପିଇଲେ ମୂତ୍ରାଶୟରେ ଅଟକି ଥିବା ଷ୍ଟୋନ ଦୂର ହୋଇଥାଏ ।

ପ୍ରତିଦିନ ସକାଳୁ ଖାଲି ପେଟରେ ଅଧା ଚାମଚ ମେଥି ଚୂର୍ଣ୍ଣକୁ ନଖ ଉଷୁମ ପାଣିରେ ମିଶାଇ ସେବନ କଲେ ଗଣ୍ଠି ଯନ୍ତ୍ରଣାରୁ ଉପଶମ ମିଳିବ ।



# ଗ୍ରୀଷ୍ମଋତୁରେ ଉଚ୍ଚ ରକ୍ତଚାପ ରୋଗୀ କିପରି ନେବେ ସ୍ୱାସ୍ଥ୍ୟର ଯତ୍ନ, ଜାଣନ୍ତୁ

ହାଇପରଟେନସନ ବା ଉଚ୍ଚ ରକ୍ତଚାପ ଆଉ ଏକ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା। ସମଗ୍ର ବିଶ୍ୱରେ ୧୨୮ କୋଟିରୁ ଅଧିକ ହାଇ ବିପି ରୋଗୀ ଅଛନ୍ତି, ଯେଉଁମାନଙ୍କ ମଧ୍ୟରୁ ପ୍ରାୟ ୪୬% ରୋଗୀ ଜାଣନ୍ତି ନାହିଁ ଯେ ସେମାନଙ୍କୁ ଏହି ରୋଗ ହୋଇଛି ବୋଲି। ଯଦି ଠିକ୍ ସମୟରେ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରାନଯାଏ, ତେବେ ବ୍ରେନ୍ ଷ୍ଟ୍ରୋକ୍, ହାର୍ଟ ଓ କିଡନୀ ଫେଲ୍ ଭଳି ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ। ତେଣୁ ପ୍ରାଥମିକ ପର୍ଯ୍ୟାୟରୁ ରୋଗ ଚିହ୍ନଟ ଓ ଚିକିତ୍ସାର ଆବଶ୍ୟକତା ରହିଛି। ବିଶେଷ କରି ଉଚ୍ଚ ରକ୍ତଚାପ ରୋଗୀଙ୍କୁ ଗ୍ରୀଷ୍ମଋତୁରେ ଅଧିକ ଯତ୍ନବାନ ହେବା ଉଚିତ୍। କାରଣ ଉତ୍ତାପ ବୃଦ୍ଧି ସହ ରକ୍ତଚାପ ବୃଦ୍ଧି ପାଇବାର ଆଶଙ୍କା ଥାଏ। ତେବେ ଉଚ୍ଚ ରକ୍ତଚାପ ବୃଦ୍ଧିର କାରଣ, ଲକ୍ଷଣ ଏବଂ ଏହାକୁ କିପରି ନିୟନ୍ତ୍ରଣରେ ରଖିବେ, ଜାଣନ୍ତୁ...

*ଉଚ୍ଚ ବିପି ରୋଗୀଙ୍କ ସଂଖ୍ୟା କାହିଁକି ବଢୁଛି ?*

- ♦ଖରାପ ଖାଦ୍ୟ।
- ♦ବ୍ୟାୟାମର ଅଭାବ।
- ♦ମେଦବହୁଳତା।
- ♦ମଧୁମେହ।
- ♦ମଦ୍ୟପାନ।
- ♦ସିଗାରେଟ୍ ଓ ତମାଖୁ ସେବନ।

*ଉଚ୍ଚ ରକ୍ତଚାପର ଲକ୍ଷଣ*

- ♦ବାରମ୍ବାର ମୁଣ୍ଡ ବିନ୍ଧିବା।
- ♦ନିଶ୍ୱାସ ନେବାରେ ସମସ୍ୟା।
- ♦ମୁଣ୍ଡ ବୁଲାଇବା।

*ଉଚ୍ଚ ରକ୍ତଚାପକୁ କିପରି ଏଡାଇବେ*

- ♦ସୁସ୍ଥ ଖାଦ୍ୟ ବଜାୟ ରଖନ୍ତୁ।
- ♦ଓଜନ ନିୟନ୍ତ୍ରଣ କରନ୍ତୁ।
- ♦ଲୁଣ ଖାଇବା ହ୍ରାସ କରନ୍ତୁ।
- ♦ଯୋଗ କିମ୍ବା ଧ୍ୟାନ କରନ୍ତୁ।
- ♦ମଦ୍ୟପାନ ଭଳି ନିଶା ସେବନଠାରୁ ଦୂରେଇ ରୁହନ୍ତୁ।

*କିପରି ନିୟନ୍ତ୍ରିତ ହୁଏ ଉଚ୍ଚ ରକ୍ତଚାପ*

- ♦ପ୍ରଚୁର ପାଣି ପିଅନ୍ତୁ।
- ♦ଚାପ ଏବଂ ଟେନସନରୁ ଦୂରେଇ ରୁହନ୍ତୁ।
- ♦ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ।
- ♦ଜଙ୍କ ଫୁଡରୁ ଖାଆନ୍ତୁ ନାହିଁ।
- ♦୬-୮ ଘଣ୍ଟା ଶୋଇବା ଅଭ୍ୟାସ ରଖନ୍ତୁ।
- ♦ବେଶି ସମୟ ପେଟ ଖାଲି ରଖନ୍ତୁ ନାହିଁ।



# ଜଙ୍ଗଲ ଉଜୁଡ଼ିବାର ଆଉ ଏକ ନଗ୍ନ ଚିତ୍ର: ହ୍ରାସ ପାଉଛି କେନ୍ଦୁପତ୍ର ଉତ୍ପାଦନ



ଝାରସୁଗୁଡ଼ା, ୦୭/୫ (ନି.ପ୍ର): ଏକଦା ପତ୍ରା ଜଙ୍ଗଲ ପାଇଁ କେନ୍ଦୁପତ୍ର ଉତ୍ପାଦନର ପେଣ୍ଡସ୍ଥଳୀ ଥିବା ଝାରସୁଗୁଡ଼ା ଜିଲ୍ଲାରେ ଏବେ ଉତ୍ପାଦନ ବହୁ ପରିମାଣରେ ହ୍ରାସ ପାଇବାରେ ଲାଗିଛି। ଗତ ୭ ବର୍ଷର ତଥ୍ୟକୁ ହିସାବକୁ ନେଲେ ଝାରସୁଗୁଡ଼ା କେନ୍ଦୁଲିଫ ଡିଭିଜନ୍‌ରେ ଉତ୍ପାଦନ ୫୦ ପ୍ରତିଶତରୁ ତଳକୁ ଖସି ଆସିଲାଣି। ଏହି ସ୍ଥିତି ଲାଗି ରହିଲେ ଆଗାମୀ ଦିନରେ ଝାରସୁଗୁଡ଼ା କେନ୍ଦୁଲିଫ୍ ଡିଭିଜନ୍ ଉଠିଯିବାର ଆଶଙ୍କା କରାଗଲାଣି। ସେପରି ହେଲେ ବିଭିନ୍ନ ସରକାରୀ ଯୋଜନା ଓ ବର୍ଦ୍ଧିତ ପାରିଶ୍ରମିକରୁ କେନ୍ଦୁପତ୍ର ତୋଳାଳିମାନେ ବଞ୍ଚିତ ହେବେ ବୋଲି ଉଦ୍‌ବେଗ ପ୍ରକାଶ ପାଇଛି। ତଥ୍ୟ ଅନୁସାରେ, ୨୦୧୭ ମସିହାରେ ଝାରସୁଗୁଡ଼ା କେନ୍ଦୁଲିଫ୍ ଡିଭିଜନ୍‌ରେ ୧୧୮୦୦.୮୦ କୁଇଣ୍ଟାଲ, ୨୦୧୮ ରେ ୮୩୮୦.୮୦ କୁଇଣ୍ଟାଲ, ୨୦୧୯ ରେ ୫୯୮୮.୬୦ କୁଇଣ୍ଟାଲ, ୨୦୨୦ ରେ ୫୦୮୨.୬୦ କୁଇଣ୍ଟାଲ, ୨୦୨୧ରେ ୮୦୫୯.୨୦ କୁଇଣ୍ଟାଲ କେନ୍ଦୁପତ୍ର ଉତ୍ପାଦନ ହୋଇଥିଲା। ୨୦୨୨ ଓ ୨୦୧୩ରେ ୧୦ ହଜାର କୁଇଣ୍ଟାଲ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ଯଥାକ୍ରମେ ୮୬୩୨.୮ ଓ ୫୨୦୪ କୁଇଣ୍ଟାଲ ଉତ୍ପାଦନ ହୋଇଥିଲା। ଚଳିତ ବର୍ଷ ଫେବ୍ରୁଆରି ୨୦ ତାରିଖରୁ ଗୋଛାକଟା ଆରମ୍ଭ ହୋଇ ପତ୍ର ଶୁଖିବାକୁ ଛାଡ଼ି ଦିଆଯାଇଥିଲା। ଏପ୍ରିଲ ୨୨ ତାରିଖରୁ କେନ୍ଦୁପତ୍ର ତୋଳା ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଆସନ୍ତା ୩୧ ତାରିଖ ଯାଏ ଏହା ଜାରି ରହିବ। ଝାରସୁଗୁଡ଼ା କେନ୍ଦୁଲିଫ୍ ଡିଭିଜନ୍‌ର ୭ଟି ସ୍ଥାନରୁ କେନ୍ଦୁପତ୍ର ଉତ୍ପାଦନ ହୋଇଥାଏ। ଏହା ମଧ୍ୟରୁ ଡୁଡୁକା ରେଞ୍ଜରେ ସର୍ବାଧିକ କେନ୍ଦୁପତ୍ର ଉତ୍ପାଦନ ହେଉଥିବା ବେଳେ କନିକା ରେଞ୍ଜରେ ଉତ୍ପାଦନ ସର୍ବନିମ୍ନ ହେଉଛି। ଏହି ବନଖଣ୍ଡ ଅଧୀନରେ ଝାରସୁଗୁଡ଼ା, ବେଲପାହାଡ଼, କଦମଡିହି, ଡୁଡୁକା, ଗୋପାଳପୁର ରେଞ୍ଜ ମଧ୍ୟ ରହିଛି। ୨୦୧୦ ମସିହା ବେଳକୁ ଝାରସୁଗୁଡ଼ା ବନଖଣ୍ଡ ଅଧୀନରେ ଫଡ଼ି ସଂଖ୍ୟା ୩୫୦ରୁ ଅଧିକ ରହିଥିଲା। ମାତ୍ର କେନ୍ଦୁପତ୍ର ଉତ୍ପାଦନ ନିୟମିତ ଭାବେ ହ୍ରାସ ପାଇବା ସହିତ ଫଡ଼ି ସଂଖ୍ୟା ମଧ୍ୟ ହ୍ରାସ ପାଇଚାଲିଛି। ୨୦୨୦ ମସିହାରେ ଏହି ବନଖଣ୍ଡରେ ଫଡ଼ି ସଂଖ୍ୟା ୩୩୦ ରହିଥିଲା। କିନ୍ତୁ ଗତବର୍ଷ ଏହା ହ୍ରାସ ପାଇ ୩୦୭ରେ ପହଞ୍ଚିଥିଲା। ଚଳିତ ବର୍ଷ ୩୦୩ଟି ଫଡ଼ି କାର୍ଯ୍ୟକ୍ଷମ ହେଉଛି। କେନ୍ଦୁପତ୍ର ତୋଳା କାମରେ ଝାରସୁଗୁଡ଼ା ଜିଲ୍ଲାର ହଜାର ହଜାର ପରିବାର ନିୟୋଜିତ ହୋଇ ଆର୍ଥିକ ସ୍ୱଚ୍ଛଳ ହୋଇପାରୁଥିଲେ। କିନ୍ତୁ ଗତ ୨ ଦଶନ୍ଧି ମଧ୍ୟରେ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ହୁହୁ ହୋଇ ବଢ଼ି ଚାଲିଥିବାବେଳେ ଖଣି ଖନନ ଯୋଗୁ ଜଙ୍ଗଲ ନଷ୍ଟ ହେବାରେ ଲାଗିଛି। ଫଳସ୍ୱରୂପ କେନ୍ଦୁପତ୍ର ଉତ୍ପାଦନ ହ୍ରାସ ପାଇବା ସାଙ୍ଗକୁ ଏହା ଉପରେ ନିର୍ଭରଶୀଳ ପରିବାରଗୁଡ଼ିକ ମଧ୍ୟ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି।

# ବିଜେପିର କାର୍ଯ୍ୟକର୍ତ୍ତା ସମ୍ମିଳନୀ

କେନ୍ଦ୍ରାପଡ଼ା, ୦୭/୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବିଜେପି ଶାଖାର ୬ନଂ ଜୋନର କାର୍ଯ୍ୟକର୍ତା ସମ୍ମିଳନୀ ସ୍ଥାନୀୟ ଗୌରୀ ଶଙ୍କର ହୋଟେଲ ଠାରେ ଅନୁଷ୍ଠିତ ହୋଇଯାଇଛି । ସଂଯୋଜକ ଉପୀନ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨୦୨୪ ନିର୍ବାଚନରେ କାର୍ଯ୍ୟକର୍ତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି । ଗାଁରେ ବୁଲି ବୁଲି ଛକମାନଙ୍କରେ ପହଁଚି ଭାରତୀୟ ଜନତା ପାର୍ଟିର ପ୍ରଚାର କରିବାରେ କେନ୍ଦ୍ରାପଡା ଜିଲ୍ଲା ୬ନଂ ଜୋନ ଏହି ନିର୍ବାଚନରେ ଆଗଧାଡିର ସୈନିକ ଭାବରେ ପରିଣତ ହୋଇଛି । ଏହି ସଭାରେ ମୋଦୀ ଗ୍ୟାରେଂଟି, ଆପକି ବାର ୪୦୦ ପାର ର ନାରା ମୋଦୀଜୀଙ୍କ ବିକାଶ ଧାରାକୁ ଆଗକୁ ନେବା ସହ ଓଡିଶା ଓ କେନ୍ଦ୍ରାପଡା କୁ ସିଧା ସଳଖ ଯୋଡିବା ନିମନ୍ତେ ଆମେ ସମସ୍ତେ ଯୋଦ୍ଧା ଭାବରେ ଆଗକୁ ବାହାରି ବିଜେପି ପ୍ରାର୍ଥୀଙ୍କୁ ଜୟଯୁକ୍ତ କରାଇବା ପାଇଁ କାର୍ଯ୍ୟ କରିବା। ଏହି ବୈଠକରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଶ୍ରୀ ବୈଜୟନ୍ତ ପଣ୍ଡା, ବୈଦନାଥ ଚାଟାର୍ଜୀ, ଗୀତାଞ୍ଜଳୀ ସେଠୀ, ସୁନାକର ବେହେରା, ଅଭିମନ୍ୟୁ ଗୋଛାୟତ, ସଚ୍ଚିଦାନନ୍ଦ ବେହେରା, ନେହେରୁ ସାହୁଙ୍କ ସହ ବୁଥର ସଭାପତି, ଉପ ସଭାପତି ଓ କାର୍ଯ୍ୟକର୍ତାମାନେ ଉପସ୍ଥିତ ଥିଲେ।

# ଦୁଇଦିନ ହେଲା ଜଳୁଛି ଗନ୍ଧମାର୍ଦ୍ଦନ: ବନ ବିଭାଗ ନାକେଦମ୍



ଧଣ୍ଡାମୁଣ୍ଡା, ୦୭/୫ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍‌ରେ ଥିବା ହରିଶଙ୍କର ବନାଞ୍ଚଳ ଅଧୀନ ଗନ୍ଧମାର୍ଦ୍ଦନ ପାହାଡ଼ ଗତ ଦୁଇ ଦିନ ହେଲା ଜଳୁଛି। ବନ ବିଭାଗ ନିଆଁକୁ ଆୟତ୍ତ କରିବାକୁ ନାକେଦମ୍ ହେଉଛି। ବିଭାଗର ୩୦ ଜଣ ଫାୟାର ସ୍କ୍ୱାଡ୍ ନିଆଁଲିଭା କାମରେ ଲାଗିଥିଲେ ମଧ୍ୟ ସୋମବାର ସନ୍ଧ୍ୟା ଯାଏଁ ନିଆଁ ଆୟତ୍ତ ହୋଇ ନ ଥିବା ଜଣାଯାଇଛି। ରବିବାର ଗନ୍ଧମାର୍ଦ୍ଦନ ପାହାଡ଼ରେ ନିଆଁ ଲାଗିଥିବା ହରିଶଙ୍କର ମନ୍ଦିର ପାଖ, ନୂଆପାଲି ଗାଁ ଉପରପଟ, କନ୍ଦରାଭଟା, ମହୁଲପାଲି ଉପର ପଟେ ଏବଂ ତୁର୍ଲା ଗାଁ ଉପର ପଟେ ଜଙ୍ଗଲରେ ନିଆଁ ଲାଗିଥିବା ଜଣାଯାଇଛି। ନିଆଁକୁ ଆୟତ୍ତ କରିବାକୁ ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେସନ୍‌ର ସ୍ୱେଚ୍ଛାସେବୀମାନେ ମଧ୍ୟ ସହଯୋଗ କରିଥିବା ଜଣାଯାଇଛି। ଏନେଇ ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକଙ୍କୁ ପଚାରିବାରୁ କହିଥିଲେ, ହରିଶଙ୍କର ବନପାଳ, ବନରକ୍ଷୀ ସମେତ ୩୦ଜଣ ସ୍କ୍ୱାଡ୍ ନିଆଁ ଲିଭାଇବାକୁ ଦୁଇଦିନ ହେଲା ଲାଗିଛନ୍ତି। ଅନେକ ସ୍ଥାନରେ ନିଆଁ ଆୟତ୍ତ ହେଲାଣି। ଏବେ ବି ପାହାଡ଼ରେ ନିଆଁଲିଭା କାମ ଚାଲିଛି ବୋଲି ସେ ପ୍ରକାଶ କରିଥିଲେ। ପ୍ରବଳ ଗରମ ସହ ଅସାମାଜିକ ବ୍ୟକ୍ତି ନିଆଁ ଲଗାଇ ଦେଉଥିବାରୁ ଜଙ୍ଗଲ ଜଳୁଛି।

# ପୁରୀରେ ହେବ ଓଡ଼ିଶା କୁସ୍ତି ଏକାଡେମୀ

ପୁରୀ, ୦୭/୫ (ନି.ପ୍ର): କ୍ରୀଡ଼ା ପାଇଁ ବଢ଼ିଛି ଭିତ୍ତିଭୂମି। ନୂଆ ଷ୍ଟାଡିୟମ୍ ନିର୍ମାଣ ହୋଇଛି। ଇନ୍‌ଡୋର ଆଥଲେଟିକ୍ସ ହଲ୍ ପ୍ରତିଷ୍ଠା ଚାଲିଛି। କିଶୋର ଜେନା, ଜୟନ୍ତୀ ବେହେରା ଓ ତପନ ମହାନ୍ତିଙ୍କ ଭଳି କ୍ରୀଡ଼ାବିତ୍ ପୁରୀକୁ କ୍ରୀଡ଼ା ଜଗତରେ ଉଚ୍ଚ ସୋପାନକୁ ନେଇଛନ୍ତି। ଅଥଚ କୁସ୍ତିରେ ପୂର୍ବରୁ ଯେଉଁ ସୁନାମ ଥିଲା, ଅନ୍ତତଃ ତାହା ନିମ୍ନଗାମୀ ହୋଇଛି। ତେବେ ଏହି ଅଭାବବୋଧ ବି ଯଥାଶୀଘ୍ର ଦୂର ହେବାକୁ ଯାଉଛି। ପୁରୀରେ ପ୍ରତିଷ୍ଠା ହେବାକୁ ଯାଉଛି ଓଡ଼ିଶା କୁସ୍ତି ଏକାଡେମି। ଏନେଇ କ୍ରୀଡ଼ା ବିଭାଗର ବୈଠକରେ ଆଲୋଚନା ସରିଛି। ୨୦୨୧ ମସିହାର ଏହି ପରିକଳ୍ପନା ବାସ୍ତବ ରୂପ ନେବା ନେଇ ପୁଣି ଆଶା ଜାଗିଛି। ମଙ୍ଗଳବାରର 'ବିଶ୍ୱ ଆଥଲେଟିକ୍ସ ଦିବସ' ପୂର୍ବରୁ ଏଭଳି ଖବର ରାଜ୍ୟ କୁସ୍ତି ଜଗତରେ ଖୁସିର ଲହରି ଖେଳାଇ ଦେଇଛି। ରାଜ୍ୟରେ ପୁରୀ କୁସ୍ତିର ଗଡ଼ ଭାବେ ଅଭିହିତ। ଏଠାରୁ ବୈଦ୍ୟନାଥ ମହାପାତ୍ର, ଲକ୍ଷ୍ମୀନାରାୟଣ ମହାସୁଆର, ଶ୍ୟାମସୁନ୍ଦର ମହାପାତ୍ର, ନରସିଂହ ଲେଙ୍କା, ଉମାଶଙ୍କର ପ୍ରତିହାରୀ, ଝାଡୁ ଖୁଣ୍ଟିଆ, ରାମଚନ୍ଦ୍ର ପାଢ଼ୀ ଓ କୃଷ୍ଣଚନ୍ଦ୍ର ପ୍ରତିହାରୀଙ୍କ ଭଳି ପ୍ରତିଭାବାନ କୁସ୍ତି ଖେଳାଳି ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରି ସମ୍ମାନ ସାଉଁଟିଛନ୍ତି। ତେବେ ଜାଗା ଆଖଡ଼ାରେ କୁସ୍ତି ପାଇଁ ଉଦ୍ଦିଷ୍ଟ ମାଟିର ଖଳା ତଥା ଖେଳ ଜାଗାଗୁଡ଼ିକର ଏବେ ରକ୍ଷଣାବେକ୍ଷଣ କରାଯାଉନାହିଁ। ବାସ୍ତବରେ ମାଟିରେ ଆଉ କୁସ୍ତି ଖେଳିବାର ମାନସିକତା ଦେଖିବାକୁ ମିଳୁନାହିଁ। କେବଳ ପଣା ସଂକ୍ରାନ୍ତିକୁ ବାଦ୍ ଦେଲେ ଅନ୍ୟ ଦିନମାନଙ୍କରେ ମାଟିରେ କୁସ୍ତି କସ୍‌ରତ କରିବା ଆଉ ଦେଖିବାକୁ ମିଳୁନି। ହେଲେ ନିକଟରେ ୩୫ଟି ଜାଗାଘରର ଭିତ୍ତିଭୂମି ବିକାଶ ପାଇଁ ସରକାର ଅର୍ଥ ଯୋଗାଇ ଦେଇଛନ୍ତି। ମକରଧ୍ୱଜ, ମାଜଣା, ହିଞ୍ଜଳ, ପଞ୍ଚାୟତ, ଗୁରୁଜଙ୍ଗ, ଦୁବେଇ, ଖୁଣ୍ଟିଆ, ଦୀକ୍ଷିତ ବଡ଼ପୋଖରୀ, ମଲ୍ଲୀଗଡ଼, ବଡୁମହାପାତ୍ର, ଚମ୍ପାଗଡ଼, ନୂଆତୋଟା, ଜଗୁ ତିଆଡ଼ି, ଅଡ଼ଗ ତିଆଡ଼ି, ଯମନଗଡ଼, ଖାସ, କୁସନ ଖୁଣ୍ଟିଆ, ମୁଦୁଲି, ଧ୍ୱଜଗଡ଼, ଜମିଖୁଣ୍ଟିଆ, ବାରବାଟୀ, ନୃସିଂହବଲ୍ଲଭ, ଶଙ୍ଖକୋଟ, ତାପଙ୍ଗ, ସୁନ୍ଦରା, ଗଡ଼ମଲ୍ଲ, ରାଜବଲ୍ଲଭ, ବଡ଼ଆଖଡ଼ା, ପାଣ୍ଡ, ସାତବଖରା, ଭଙ୍ଗ, ରାହାସ ମହାନ୍ତି, ବିଶୁନି ଓ ଗୋପାଳବଲ୍ଲଭ ଜାଗାଘରକୁ ୨୩ ଲକ୍ଷ ଟଙ୍କା ଲେଖାଏଁ ଯୋଗାଇ ଦେଇଛନ୍ତି। ଏଥିରେ ଜିମ୍ ଘର ସହ କୁସ୍ତି ପାଇଁ ମ୍ୟାଟ୍‌ର ବ୍ୟବସ୍ଥା କରାଯିବ। ଅର୍ଥାତ୍ ଏଥର ମାଟି ଅପେକ୍ଷା କ୍ରୀଡ଼ାବିତ୍‌ମାନେ ମ୍ୟାଟ୍‌ରେ କୁସ୍ତି ଅଭ୍ୟାସ କରିବାର ବ୍ୟବସ୍ଥା କରାଯାଇଛି। ଏନେଇ ପୁରୀ ଦୌଡ଼କୁଦ ସଂଘର ପୂର୍ବତନ ସମ୍ପାଦକ ରବିଶଙ୍କର ପ୍ରତିହାରୀ କହିଛନ୍ତି, ଓଡ଼ିଶାରେ ପୁରୀକୁ କୁସ୍ତିର ଗଡ଼ କୁହାଯାଏ। ଏଠାରୁ ଶ୍ରୀଜଗନ୍ନାଥଙ୍କ ବହୁ ସେବକ କୁସ୍ତିରେ ସୁନାମ ଆଣିଛନ୍ତି। ଶ୍ରୀଜଗନ୍ନାଥ ଷ୍ଟାଡିୟମ୍ ନିକଟରେ ଥିବା ଖାଲି ଜାଗାରେ ଓଡ଼ିଶା କୁସ୍ତି ଏକାଡେମି ପ୍ରତିଷ୍ଠା ହେବ। କୁସ୍ତି ଏକାଡେମି ପ୍ରତିଷ୍ଠା ହେଲେ କୁସ୍ତିରେ ପୁରୀର ଯେଉଁ ପୂର୍ବ ସୁନାମ ଥିଲା ତାହା ଫେରିବ। ସଂପ୍ରତି ପୁରୀରୁ ପ୍ରତିବର୍ଷ କନିଷ୍ଠ, ସର୍ବକନିଷ୍ଠ ଓ ବରିଷ୍ଠ ବର୍ଗରେ ୪୦ରୁ ଅଧିକ ପ୍ରତିଯୋଗୀ କୁସ୍ତିରେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଉଛନ୍ତି। କିନ୍ତୁ ଏକାଡେମି ପ୍ରତିଷ୍ଠା ହେଲେ, ଉନ୍ନତମାନର ପ୍ରଶିକ୍ଷକ ନିଯୁକ୍ତ ହେବେ। ଫଳରେ କୁସ୍ତିର ବୈଷୟିକ ଦିଗ ବାବଦରେ ଆମ କୁସ୍ତି ଖେଳାଳିମାନେ ନିଜକୁ ଆହୁରି ମଜଭୁତ କରିପାରିବେ ବୋଲି ସେ କହିଛନ୍ତି। ଶ୍ରୀଜଗନ୍ନାଥ ଷ୍ଟାଡିୟମ୍ ବ୍ୟତୀତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍‌ରେ ସିନ୍‌ଥେଟିକ ଟ୍ରାକ୍ କରିବା ପାଇଁ ବ୍ୟବସ୍ଥା କରାଯାଉଛି। ଖୋଖୋ, କୁସ୍ତି ଓ ବକ୍ସିଂ ହଲ୍ ସ୍ୱତନ୍ତ୍ର ଭାବେ ନିର୍ମିତ ହୋଇଛି। କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାରୁ ଖୁବ୍‌ଶୀଘ୍ର ଏହାର ଉପଯୋଗରେ ବହୁ ସଫଳ କ୍ରୀଡ଼ାବିତ୍ ସୃଷ୍ଟି କରିବାରେ ପୁରୀ ସଫଳ ହେବ ବୋଲି ସେ କହିଛନ୍ତି।

# ମଇ ୧୦ ତାରିଖରେ ଭଗବାନ ପର୍ଶୁରାମଙ୍କ ଜନ୍ମୋତ୍ସବ ବଲାଙ୍ଗୀରରେ ପାଳନ ହେବ

ବଲାଙ୍ଗୀର, ୦୭/୫ (ନି.ପ୍ର): ମହାସମାରୋହରେ ପାଳିତ ହେବ ଆସନ୍ତା ୧୦ ତାରିଖ ଦିନ ଭଗବାନ ପର୍ଶୁରାମଙ୍କ ଜନ୍ମୋତ୍ସବ। ଏ ସଂକ୍ରାନ୍ତରେ ଆଜି ବଲାଙ୍ଗୀର ଜିଲ୍ଲା ବ୍ରାହ୍ମଣ ମହାସଭା ପକ୍ଷରୁ ସୂଚନା ଦିଆଯାଇଛି। ବଲାଙ୍ଗୀର ସହର ସ୍ଥିତ ନୃସିଂହ ମନ୍ଦିର ପରିସରରେ ଆୟୋଜନ ହେବାକୁ ଥିବା ଭଗବାନ ପର୍ଶୁରାମଙ୍କ ଜନ୍ମୋତ୍ସବ ଅବସରରେ ସେଦିନ ପୂର୍ବାହ୍ନରେ ପୂଜାର୍ଚ୍ଚନା ହେବ ଏବଂ ଆର୍‌ଟିଓ ଅଫିସ୍ ନିକଟରେ ରହିଥିବା ପର୍ଶୁରାମ ଛକରେ ଧ୍ୱଜା ସ୍ଥାପିତ ହେବ ବୋଲି ସୂଚନା ଦିଆଯାଇଛି। ଭଗବାନ ପର୍ଶୁରାମଙ୍କ ଜନ୍ମୋତ୍ସବ ପାଳନ ସଂପର୍କରେ ଆଲୋଚନା ପାଇଁ ଜିଲ୍ଲା ବ୍ରାହ୍ମଣ ମହାସଭା ପକ୍ଷରୁ ଆୟୋଜିତ ବୈଠକରେ ସଭାପତି ଧନଂଜୟ ମିଶ୍ର, ସଂପାଦକ ଜୟରାମ ମିଶ୍ର, ସହର ସଭାପତି ନରେନ୍ଦ୍ର ଆଚାର୍ଯ୍ୟ, କୋଷାଧ୍ୟକ୍ଷ ପର୍ଶୁରାମ ନାୟକ, କିଶୋର ପୁରୋହିତ, ସଂକୀର୍ତନ ତ୍ରିପାଠୀ, ଦାମୋଦର ଓତା, ଶିବନାରାୟଣ ରଥ, ସୁବାସ ଶତପଥୀ, ଶ୍ୟାମସୁନ୍ଦର ଦାଶ, ସୁଧୀର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ୧୦ ତାରିଖ ଦିନ ସଂଧ୍ୟା ୬ଟା ସମୟରେ ନୃସିଂହ ମନ୍ଦିର ଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଦୁର୍ଗା ମନ୍ଦିର, ଶିବ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର, ଜଗନ୍ନାଥ ମନ୍ଦିର, ସମଲେଶ୍ୱରୀ ମନ୍ଦିର, ଲକ୍ଷ୍ମୀ ମନ୍ଦିର, ଶ୍ରୀରାମ ମନ୍ଦିର, ସଂକଟମୋଚନ ହନୁମାନ ମନ୍ଦିର ଦର୍ଶନ ପରେ ଭାଗୀରଥି ଛକରୁ ପୁରୁଣା ବସ୍‌ଷ୍ଟାଣ୍ଡ ଦେଇ ପୁଣି ନୃସିଂହ ମନ୍ଦିରରେ ପହଂଚିବ ବୋଲି ସୂଚନା ଦିଆଯାଇଛି।

# କଟକରେ ଖୋଲିଲା ଅରୁନ୍ଧତୀ ଜୁଏଲର୍ସ: ଯୋଗଦେଲେ ରବିନା ଟଣ୍ଡନ



କଟକ, ୦୭/୫ (ନି.ପ୍ର): କଟକରେ ଅରୁନ୍ଧତୀ ଜୁଏଲର୍ସର ଅଷ୍ଟମ ଶାଖା ଖୋଲିଛି। ଓଡ଼ିଶାର ଅନ୍ୟତମ ବୃହତ ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ତରଫରୁ କ୍ୟାଣ୍ଟନମେଣ୍ଟ ରୋଡ ନିକଟରେ ଖୋଲିଥିବା ଏହି ଶାଖାକୁ ଅରୁନ୍ଧତୀ ଗ୍ରୁପ୍‌ର ଗୌରାଙ୍ଗ ମେହେର, ଲକ୍ଷ୍ମୀ ମେହେର ଓ ବଲିଉଡ଼ ଅଭିନେତ୍ରୀ ରବିନା ଟଣ୍ଡନ ଉଦଘାଟନ କରିଛନ୍ତି। ଅତ୍ୟାଧୁନିକ ୭ ହଜାର ବର୍ଗଫୁଟ ପରିମିତ ଫ୍ଲାଗସିପ୍ ଗହଣା ସୋ'ରୁମର ଉଦଘାଟନ ଅବସରରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ଓ ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର କହିଛନ୍ତି ଯେ ଦୀର୍ଘ ୨୪ବର୍ଷ ହେବ ଗ୍ରାହକଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଓ ଅରୁନ୍ଧତୀ ଉପରେ ଥିବା ବିଶ୍ୱାସକୁ ପାଥେୟ କରି ଅରୁନ୍ଧତୀ ଆଜି ସାରା ଓଡିଶାର ଏକ ପ୍ରତିଷ୍ଠିତ ସୁନା ଓ ହୀରା ଗହଣା ବ୍ରାଣ୍ଡ ଭାବରେ ମାନ୍ୟତା ପାଇଛି। ଏଥିରେ ୧୦ ହଜାରରୁ ଅଧିକ ଅତ୍ୟାଧୁନିକ ଡିଜାଇନ୍ ଓ ସଂପୂର୍ଣ ହଲ୍‌ମାର୍କ ଶୁଦ୍ଧତାଯୁକ୍ତ ସୁନା ଗହଣା, ହୀରା ଗହଣା, ସତନ୍ତ୍ର ଭାବେ ପ୍ରସ୍ତୁତ ରୁପା ଗହଣା ଓ କଳାକୃତି ସହ ପ୍ରିମିୟମ ହାଣ୍ଡଲୁମ ସିଲ୍କ ଶାଢିର ସମ୍ଭାର ରହିଛି। ଅରୁନ୍ଧତୀ ଜୁଏଲର୍ସ ତରଫରୁ ରାଜ୍ୟର ସର୍ବ ପ୍ରଥମ ଗହଣା ବ୍ରାଣ୍ଡ ଭାବରେ ଗ୍ରାହକ ପଞ୍ଚ ତାରକା ସେବା ପାଇପାରିବେ। ଉଦ୍‌ଘାଟନୀ ଅଫର ସହ ଅକ୍ଷୟ ତୃତୀୟା ଅଫର ଘୋଷଣା କରାଯାଇଛି। ଏହି ଅଫର ମାଧ୍ୟମରେ ଏଚ୍‌ୟୁଆଇଡି ହଲମାର୍କ ସୁନା ଗହଣାର ପ୍ରତି ଗ୍ରାମ ଗଢା ମଜୁରୀ ପିଛା ଫ୍ଲାଟ ୭୯୯ ଟଙ୍କା ରହିଥିବା ବେଳେ ପ୍ରତ୍ୟେକ କ୍ରୟ ଉପରେ ମାଗଣା ସ୍ୱର୍ଣ୍ଣ ଓ ରୌପ୍ୟ ମୁଦ୍ରା ସହ ଆକର୍ଷଣୀୟ ଉପହାର, ୩୫ ଜଣ ଲକ୍ଷପତି ହେବାର ସୁଯୋଗ ସହ ଯେକୌଣସି ପୁରୁଣା ହଲମାର୍କ ଗହଣା ଉପରେ ଶହେ ପ୍ରତିଶତ ଏକ୍ସଚେଞ୍ଜ ମୂଲ୍ୟ ଦିଆଯିବ।

# ପାଣି ସମସ୍ୟାକୁ ନେଇ ଚିତ୍ରକୋଣ୍ଡା ବ୍ଲକ ସମ୍ମୁଖରେ ମହିଳାଙ୍କ ବିକ୍ଷୋଭ

ମାଲକାନଗିରି, ୦୭/୫ (ନି.ପ୍ର): ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସଦର ମହକୁମାରେ ପାଣି ସମସ୍ୟାକୁ ନେଇ ମହିଳା ମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଚିତ୍ରକୋଣ୍ଡାରେ ଥିବା ବାଲିମେଳା ଡ୍ୟାମ ସହ ସିଲେରୁ ନଦୀ ବହି ଯାଇଥିଲେ ସୁଦ୍ଧା ଦୀପ ତଳ ଅନ୍ଧାର ଭଳି ଦୀର୍ଘ ବର୍ଷ ହେଲା ପାଣି ସମସ୍ୟା ଲାଗି ରହିଛି। ଚଳିତବର୍ଷ ପ୍ରଚଣ୍ଡ ଖରାରେ ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ସୋମବାର ଚିତ୍ରକୋଣ୍ଡାର ସ୍ଥାନୀୟ ମହିଳାମାନେ ଉତକ୍ଷିପ୍ତ ହୋଇ ସକାଳେ ପ୍ରଥମେ ମୁଖ୍ୟ ରାସ୍ତାରେ ଥିବା ବିଜେଡି ଅସ୍ଥାୟୀ କାର୍ଯ୍ୟାଳୟ ଆଗରେ ରାସ୍ତା ଅବରୋଧ କରିଥିଲେ। ପୋଲିସ ପ୍ରଶାସନ ତଥା ବିଜେଡି ବ୍ଲକ ସଭାପତି ରଘୁ ଖରା ଓ ଅମିତ ଅଗ୍ରୱାଲ ବୁଝାସୁଝା କରି ଆଜି ପାଇଁ ପାଣି ଟ୍ୟାଙ୍କର ପହଂଚାଇଥିଲେ। ମାତ୍ର ମହିଳାମାନେ ପାଣି ନେଇ ନ ଥିଲେ ଆଜି ଗୋଟିଏ ଦିନ ପାଇଁ ପାଣିଟାଙ୍କି ଦେଇଦେଲେ କ'ଣ ଆମ ପାଣି ସମସ୍ୟା ସମାଧାନ ହୋଇଯିବ ବୋଲି ସେମାନେ ପ୍ରଶ୍ନ କରିଥିଲେ। ଅଧିକ ସଂଖ୍ୟାରେ ମହିଳାମାନେ ହାଣ୍ଡି ମାଠିଆ ଧରି ଚିତ୍ରକୋଣ୍ଡା ବ୍ଲକ କାର୍ଯ୍ୟାଳୟ ଆଗ ଗେଟରେ ତାଲା ପକାଇଥିଲେ। ଗେଟ ଆଗରେ ହାଣ୍ଡି ମାଠିଆ ରଖି ଘେରାଉ କରି ବସି ରହିଥିଲେ। ପାଣି ସମସ୍ୟାର ତୁରନ୍ତ ସମାଧାନ କରିବାକୁ କହିଥିଲେ ଏବଂ ଚଳିତ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଥିଲେ । ପ୍ରକାଶ ଥାଉକି ଚିତ୍ରକୋଣ୍ଡା ଜନସାଧାରଣଙ୍କ ମୁଖ୍ୟ ସମସ୍ୟା ପାଣି ଏନେଇ ବାରମ୍ବାର ମାଲକାନଗିରି ଜିଲ୍ଲା ପ୍ରଶାସନ ତଥା ନେତା ମନ୍ତ୍ରୀଙ୍କୁ ଜଣାଇ ଆସୁଥିଲେ ମଧ୍ୟ ଆଜି ସୁଦ୍ଧା ସମାଧାନ ହୋଇପାରିଲା ନାହିଁ । ମାଲକାନଗିରି ଜିଲ୍ଲା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ଚିତ୍ରକୋଣ୍ଡାର ପାଣି ସମସ୍ୟା ସମାଧାନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ କେବଳ ରାସ୍ତାଘାଟ ଖୋଳି ନଷ୍ଟ କରି ଠିକାଦାରଙ୍କୁ ପୋଷା ଯାଉଥିବା ଅଭିଯୋଗ ହେଉଛି । ତେବେ ଚିତ୍ରକୋଣ୍ଡା ପାଣି ସମସ୍ୟା ନ ସୁଧୁରିଲେ ମହିଳାମାନେ ହଟିବେନି ବୋଲି ଜିଦ୍ ଧରି ବସିଛନ୍ତି । ତେବେ କେବେ ସମାଧାନ ହେବ ତାହା ଦେଖିବାକୁ ବାକି ରହିଲା ।

# ନିର୍ବାଚନ ଖର୍ଚ୍ଚ ତଦାରଖ ପାଇଁ କନ୍ଧମାଳ ଜିଲ୍ଲା ମିଡିଆ ସାର୍ଟିଫିକେସନ୍ ଓ ମନିଟରିଂ କମିଟି(ଏମ୍.ସି.ଏମ୍.ସି.) ଗଠନ

କନ୍ଧମାଳ, ୦୭/୫ (ନି.ପ୍ର): ଆଗାମୀ ସାଧାରଣ ନିର୍ବାଚନ-୨୦୨୪ କୁ ଅବାଧ ଏବଂ ନିରପେକ୍ଷ ଭାବେ ପରିଚାଳନା କରିବା ସହିତ ସମସ୍ତ ଦଳ ଏବଂ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀଙ୍କ ପାଇଁ ସମାନ ସୁଯୋଗ ପ୍ରଦାନ କରିବା ଉଦ୍ଦେଶ୍ୟରେ ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ନିର୍ବାଚନ ଘୋଷଣା ହେବା ଦିନଠାରୁ ନିର୍ବାଚନ ଶେଷହେବା ପର୍ଯ୍ୟନ୍ତ ଆଦର୍ଶ ଆଚରଣ ବିଧି ଲାଗୁ କରିବା ସହିତ ନିର୍ବାଚନ ଖର୍ଚ୍ଚ ତଦାରଖ ପାଇଁ ଜିଲ୍ଲା ଓ ରାଜ୍ୟସ୍ତରରେ ମିଡିଆ ସାର୍ଟିଫିକେସନ୍ ଓ ମନିଟରିଂ କମିଟି(ଏମ୍.ସି.ଏମ୍.ସି.) ଗଠନ କରାଯାଇଛି । କନ୍ଧମାଳ ଜିଲ୍ଲାପାଳ ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଏମ୍.ସି.ଏମ୍.ସି. ସେଲ୍ କାର୍ଯ୍ୟକରୁଛି । ଏହି ସେଲ୍ ର ମୁଖ୍ୟକାର୍ଯ୍ୟ ହେଲା, ରାଜନୈତିକ ବିଜ୍ଞାପନର ପ୍ରାକ୍ ସାର୍ଟିଫିକେସନ୍, ପେଡ୍ ନ୍ୟୁଜ୍ ଉପରେ ତଦାରଖ ଓ କାର୍ଯ୍ୟାନୁଷ୍ଠାନ ଏବଂ ନିର୍ବାଚନ ପ୍ରକ୍ରିୟା ସମୟରେ ଗଣମାଧ୍ୟମ ଦ୍ୱାରା ହେଉଥିବା ଉଲଂଘନ ଉପରେ ନଜର ରଖିବା ସହିତ କାର୍ଯ୍ୟାନୁଷ୍ଠାନ ନେବା । ଯେ କୌଣସି ପଞ୍ଜିକୃତ ରାଜନୈତିକ ଦଳ/ଗୋଷ୍ଠୀ/ସଂଗଠନ/ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସୋସିଆଲ୍ ମିଡିଆ ସମେତ ଇଲେକ୍ଟ୍ରୋନିକ୍ ମିଡିଆରେ ରାଜନୈତିକ ବିଜ୍ଞାପନକୁ ପ୍ରସାରଣ କରିବା ପୂର୍ବରୁ ଏହି କମିଟିର ମଞ୍ଜୁରୀ ଆବଶ୍ୟକ । ପ୍ରାର୍ଥୀମାନଙ୍କର ପ୍ରାକ୍ ସାର୍ଟିଫିକେସନ୍ ଆବେଦନକୁ ଜିଲ୍ଲାସ୍ତରୀୟ ଏମ୍.ସି.ଏମ୍.ସି. ଗ୍ରହଣ କରିବାବେଳେ ପଞ୍ଜିକୃତ/ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରାକ୍ ସାର୍ଟିଫିକେସନ୍ ଆବେଦନକୁ ରାଜ୍ୟସ୍ତରୀୟ ଏମ୍.ସି.ଏମ୍.ସି. ଗ୍ରହଣ କରିବ । ପଞ୍ଜିକୃତ ଜାତୀୟ ଓ ରାଜ୍ୟ ଦଳ ଏବଂ ପ୍ରତ୍ୟେକ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀଙ୍କ ପାଇଁ ବିଜ୍ଞାପନ ପ୍ରସାରଣର ପ୍ରସ୍ତାବିତ ତାରିଖର ୩ ଦିନରୁ ଅଧିକ ଦିନ ପୂର୍ବରୁ ଏବଂ ଅନ୍ୟ କୌଣସି ବ୍ୟକ୍ତି ବା ଅଣ ପଞ୍ଜିକୃତ ରାଜନୈତିକ ଦଳ କ୍ଷେତ୍ରରେ ଏହାର ପ୍ରସ୍ତାବିତ ପ୍ରସାରଣ ତାରିଖର ୭ ଦିନରୁ ଅଧିକ ଦିନ ପୂର୍ବରୁ ଆବେଦନ କରିବା ଆବଶ୍ୟକ । ପ୍ରାକ୍ ସାର୍ଟିଫିକେସନ୍ ପାଇଁ ପ୍ରସ୍ତାବିତ ବିଜ୍ଞାପନର ଦୁଇଟି କପି ଇଲେକ୍ଟ୍ରୋନିକ୍ ଆକାରରେ ଏବଂ ଉପଯୁକ୍ତ ଆଟେଷ୍ଟେଡ୍ ଟ୍ରାନ୍ସକ୍ରିପ୍ଟ, ବିଜ୍ଞାପନର ଉତ୍ପାଦନ ଖର୍ଚ୍ଚ, ଟେଲିଭିଜନ୍ ଚ୍ୟାନେଲ୍ କିମ୍ବା କେବୁଲ୍ ନେଟ୍‌ୱାର୍କରେ ଏଭଳି ପ୍ରସ୍ତାବିତ ପ୍ରସାରଣର ଅନୁମାନିକ ମୂଲ୍ୟ ଏବଂ ଏହିପରି ପ୍ରତ୍ୟେକ ଥର ପ୍ରସାରଣ ପାଇଁ ଦରର ତାଲିକା ଇତ୍ୟାଦି ଦିଆଯିବ । ଯଦି କୌଣସି ରାଜନୈତିକ ଦଳ କିମ୍ବା ପ୍ରାର୍ଥୀଙ୍କ ବ୍ୟତିତ ଅନ୍ୟ କୌଣସି ବ୍ୟକ୍ତି ବିଜ୍ଞାପନ ଜାରି କରନ୍ତି ତେବେ ସେହି ବ୍ୟକ୍ତି ଶପଥରେ କହିବେ ଯେ, ଏହା ରାଜନୈତିକ ଦଳ କିମ୍ବା ପ୍ରାର୍ଥୀଙ୍କ ହିତ ପାଇଁ ନୁହେଁ ଏବଂ ସେମାନଙ୍କ ଦ୍ୱାରା ପ୍ରଯୋଜିତ କିମ୍ବା କାର୍ଯ୍ୟକ୍ଷମ କିମ୍ବା ପ୍ରଦାନ କରାଯାଇ ନାହିଁ । ସମସ୍ତ ଦେୟ ଚେକ୍ କିମ୍ବା ଡ୍ରାଫ୍ଟ ମାଧ୍ୟମରେ କରାଯିବ ବୋଲି ଏକ ବିବୃତି କିମ୍ବା ଘୋଷଣାନାମା ଦେବେ । ଲୋକସଭା ପ୍ରାର୍ଥୀଙ୍କ ଖର୍ଚ୍ଚ ସୀମା ୯୫ ଲକ୍ଷ ଟଙ୍କା ଓ ବିଧାନସଭା ପ୍ରାର୍ଥୀଙ୍କ ଖର୍ଚ୍ଚ ସୀମା ୪୦ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି । ଜନ ପ୍ରତିନିଧି ଆଇନ, ୧୯୫୧ର ଧାରା ୭୭(୧) ରେ କୁହାଯାଇଛିଯେ, ପ୍ରତ୍ୟେକ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବା ତାରିଖ ଠାରୁ ନିର୍ବାଚନ ଫଳାଫଳ ଘୋଷଣା ତାରିଖ ପର୍ଯ୍ୟନ୍ତ ତାଙ୍କ ଦ୍ୱାରା କିମ୍ବା ତାଙ୍କ ନିର୍ବାଚନ ଏଜେଣ୍ଟଙ୍କ ଦ୍ୱାରା ହୋଇଥିବା କିମ୍ବା ଅନୁମୋଦିତ ହୋଇଥିବା ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ଖର୍ଚ୍ଚର ଏକ ପୃଥକ ଏବଂ ସଠିକ୍ ହିସାବ ରଖିବା ଆବଶ୍ୟକ । ରାଜନୈତିକ ଦଳଗୁଡ଼ିକ ମଧ୍ୟ ନିର୍ବାଚନ ଖର୍ଚ୍ଚର ବିବରଣୀ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିବେ ।

# ବନାଗ୍ନି ପାଇଁ ଶିମିଳିପାଳ ଛାରଖାର: ରାତିରେ ଅଧିକ ସ୍ଥାନରେ ଲାଗୁଛି ନିଆଁ



ବାରିପଦା, ୦୭/୫ (ନି.ପ୍ର): ଶିମିଳିପାଳକୁ ଛାରଖାର କରୁଛି ଜଙ୍ଗଲ ନିଆଁ। ପ୍ରତିବର୍ଷ ବନାଗ୍ନି ଯୋଗୁଁ ଏସିଆ ମହାଦେଶର ଏହି ସର୍ବବୃହତ ଜେ?ବମଣ୍ଡଳରେ ବ୍ୟାପକ କ୍ଷୟକ୍ଷତି ହେଉଛି। ଶହଶହ ବର୍ଷର ପୁରୁଣା ବୃକ୍ଷରାଜି ପୋଡ଼ି ପାଉଁଶ ହୋଇ ଯାଉଥିବା ବେଳେ ବନ୍ୟଜନ୍ତୁଙ୍କ ବାସସ୍ଥାନ ଉଜୁଡ଼ିଯାଉଛି। ଯଦିଓ ୨୦୨୧ର ଭୟାବହ ବନାଗ୍ନି ପରଠୁ ଜଙ୍ଗଲ ନିଆଁକୁ ଆୟତ୍ତ କରିବା ନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି; ହେଲେ ସ୍ଥାୟୀ ସମାଧାନର ବାଟ ବାହାରିପାରୁନି। ପୂର୍ବଥର ଭଳି ଏଥର ବି ଜଳୁଛି ଶିମିଳିପାଳ। ଗତ ୨ ମାସରେ ଏହି ଜୈବ ମଣ୍ଡଳର ୧୨୦୦ ସ୍ଥାନରେ ନିଆଁ ଲାଗିଲାଣି। ଫଳରେ ଜୈବିକ ସନ୍ତୁଳନ ନଷ୍ଟ ହେବା ସହ ଶିମିଳିପାଳ ଛାଡ଼ି ଜନବସତିକୁ ପ୍ରାଣବିକଳରେ ପଶି ଆସୁଛନ୍ତି ବନ୍ୟଜନ୍ତୁ। ଜଙ୍ଗଲ ନିଆଁକୁ ବନ ବିଭାଗ ମୁଖ୍ୟତଃ ମନୁଷ୍ୟକୃତ ଦର୍ଶାଉଥିବା ବେଳେ ଏଥର କିନ୍ତୁ ପ୍ରଚଣ୍ଡ ଖରା ଓ ତାତି କାରଣରୁ ଅଧିକାଂଶ ସ୍ଥାନରେ ନିଆଁ ଲାଗିଛି। ବନ ବିଭାଗ ଗୋଟିଏ ସ୍ଥାନରେ ନିଆଁକୁ ଆୟତ୍ତ କଲେ ଅନ୍ୟ ପଟେ ହୁହୁ ହୋଇ ଜଳୁଛି ଜଙ୍ଗଲ। ଚଳିତବର୍ଷ ମୟୂରଭଞ୍ଜରେ ତାପମାତ୍ରା ସର୍ବକାଳୀନ ରେକର୍ଡ ଅତିକ୍ରମ କରିଛି। ତାତି ପ୍ରକୋପ ଅଧିକ ଥିବାରୁ ବନାଗ୍ନି ରୋକିବା ପାଇଁ ୧ ହଜାରରୁ ଅଧିକ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏଥିରେ ବନ ବିଭାଗ, ପୁଲିସ, ସ୍ୱତନ୍ତ୍ର ସ୍କ୍ୱାଡ୍ ସହ ଓଡ୍ରାଫ୍ ଟିମ୍ ବି ରହିଛି। ଏହି ଟିମ୍‌ର କର୍ମଚାରୀ ଦିନବେଳା ଜଙ୍ଗଲରୁ ଜଙ୍ଗଲ ପଇଁତରା ମାରି ନିଆଁ ଲାଗୁଥିବା ସ୍ଥାନ (ଫାୟାର ପଏଣ୍ଟ)କୁ ଚିହ୍ନଟ କରୁଛନ୍ତି। ଏଥିରେ ଡ୍ରୋନ୍ କ୍ୟାମେରା ଓ କୃତ୍ରିମ ବୁଦ୍ଧିମତା (ଏଆଇ)ର ସାହାଯ୍ୟ ମଧ୍ୟ ନିଆଯାଉଛି। ଗତ କିଛିଦିନର ସ୍ଥିତିକୁ ଅନୁଧ୍ୟାନ କଲେ ଏବେ ଦିନ ବଦଳରେ ରାତିରେ ଅଧିକ ସ୍ଥାନରେ ନିଆଁ ଲାଗୁଛି। ଶିମିଳିପାଳ ଉତ୍ତର ଓ ଦକ୍ଷିଣ ଡିଭିଜନରୁ ଏହି ଚିତ୍ର ସାମ୍ନାକୁ ଆସିଛି। ଏହାକୁ ନେଇ ବନ ବିଭାଗ ମଧ୍ୟ ଚିନ୍ତାରେ ପଡ଼ିଯାଇଛି। ରାତିସାରା ଜଙ୍ଗଲ ଜଳିଲେ କ୍ଷୟକ୍ଷତି ଅଧିକ ହେବ। ତେଣୁ ରାତିରେ ଲାଗୁଥିବା ନିଆଁ ସେହି ରାତିରେ ହିଁ ପ୍ରଶମିତ କରିବା ପାଇଁ ଆଜିକୁ ୨ ଦିନ ହେଲା ରାତ୍ରିକାଳୀନ ପାଟ୍ରୋଲିଂ ଆରମ୍ଭ ହୋଇଛି। ଏଥିପାଇଁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ରାତିରେ ବନ୍ୟଜନ୍ତୁଙ୍କ ଭୟ ଥିଲେ ମଧ୍ୟ ପରିବେଶର ସୁରକ୍ଷା ପାଇଁ ପଣ କରିଥିବା କର୍ମଚାରୀ ନିଜ ଜୀବନକୁ ବାଜି ଲଗାଇ ଏହି ଦୁଃସାହସିକ କାମରେ ଲାଗି ପଡ଼ିଛନ୍ତି। ଶିମିଳିପାଳର ସୁରକ୍ଷା ନିମନ୍ତେ ଆମେ ସବୁପ୍ରକାର ବ୍ୟବସ୍ଥା କରୁଛୁ। ଏଥିରେ ଜିଲ୍ଲାବାସୀଙ୍କର ମଧ୍ୟ ସମ୍ପୂର୍ଣ୍ଣ ସହଯୋଗ ଦରକାର ବୋଲି କହିଛନ୍ତି ଶିମିଳିପାଳ କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶଚାନ୍ଦ ଗୋଗିନାନୀ।

# ବିଜୁ ଜନତା ଦଳ ପକ୍ଷରୁ ଦୁଧହଂସା ପଞ୍ଚାୟତରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ




ବସ୍ତା, ୦୭/୫ (ନି.ପ୍ର): ନିର୍ବାଚନ ତାରିଖ ଯେତେ ପାଖଉଛି ନିର୍ବାଚନୀ ଉତ୍ସାହ ସେତେ ବଢି ବଢି ଚାଲିଛି ! ଭୋଟର ଙ୍କୁ ମନେଇବା ପାଇଁ ରାଜନୈତିକ ଦଳଗୁଡିକ ବିଭିନ୍ନ ପ୍ରକାର ରଣକୌଶଳ ଆପଣା ଉଛନ୍ତି । ଦିନ ରାତି ଏକ କରି ନେତା ଓ କର୍ମୀ ପ୍ରଚାର ପ୍ରଶାର ରେ ଲାଗିପଡିଛନ୍ତି ! ବାଲେଶ୍ୱର ଜିଲ୍ଲା ବସ୍ତା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ରାଜନୈତିକ ଦଳ ପ୍ରଚାର ପ୍ରଶାର ରେ ପଛରେ ଥିଲା ବେଳେ ବିଜୁ ଜନତା ଦଳ ଆଗରେ ଥିବା ଦେଖିବାକୁ ମିଳିଛି । ବିଧାୟକ ପ୍ରାର୍ଥୀନୀ ସୁବାସିନୀ ଜେନା ଆଜି ଦୁଧହଂସା ପଞ୍ଚାୟତ ସୁନ୍ଦରହତା ଗ୍ରାମରେ କର୍ମୀ ସମ୍ମିଳନୀ କରିଥିବା ଦେଖିବାକୁ ମିଳିଛି । ଏକ ବିଶାଳ ପଟୁଆର ରେ କର୍ମୀ ଓ ଶୁଭେଚ୍ଛୁକ ମାନେ ବିଧାୟକ ପ୍ରାର୍ଥୀନୀ କୁ ସଭାସ୍ଥଳ କୁ ପାଛୋଟି ଆଣିଥିଲେ । ଏହି ବୈଠକରେ ବ୍ଲକ ସଭାପତି ଅନିଲ କୁମାର ମାହାନ୍ତି ଙ୍କ ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ରବିନ୍ଦ୍ର କୁମାର ଜେନା , ଜିଲ୍ଲା ଉପସଭାପତି ସୁବ୍ରତ କୁମାର ପଣ୍ଡା, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ଦାସ ,ମହିଳା ସଭାପତି ଲିପିକା ରାଉଳ, ପୂର୍ବତନ ଜିଲ୍ଲା ପରିଷଦ ମହାଦେବ ଦାସ, ରାଉତପଡା ପଞ୍ଚାୟତ ର ସମିତି ସଭ୍ୟ ବାବୁ ପାଳ, ପୂର୍ଣ୍ଣଚନ୍ଦ୍ର ଜେନା, ସରପଞ୍ଚ ପ୍ରତିନିଧି ମନୋରଞ୍ଜନ ବିଶ୍ୱାଳ, ଦେବେନ୍ଦ୍ର ବେହେରା,ଗୋକୁଳାନନ୍ଦ ପରିଡ଼ା, ସମିତି ସଭ୍ୟ ରଘୁନାଥ ମାରାଣ୍ଡି , ପଞ୍ଚାୟତ ସଭାପତି ମନୋରଞ୍ଜନ ବିଶ୍ୱାଳ, ମହିଳା ସଭାପତି ସୁମତି ପରିଡ଼ା , ନାଇବ ସରପଞ୍ଚ ସସ୍ମିତା ବେଜ ଓ ୱ। ମେମ୍ବର ଯୋଗଦେଇଥିବା ବେଳେ ବହୁ କର୍ମୀ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ଉପସ୍ଥାପନ କରିବା ସହ ଆଗାମୀ ଦିନରେ ବସ୍ତା ନିର୍ବାଚନ ମଣ୍ଡଳୀର ଥିବା ସମସ୍ୟା ସମାଧାନ ହେବ ସେଥି ପାଇଁ ସଂକଳ୍ପ ବୋଧ ବୋଲି କହିଥିଲେ ! ଚଳିତ ଥର ଯୋଡ଼ା ଶଙ୍ଖରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ଅତିଥି ମାନେ ନିବେଦନ କରିଥିଲେ ।

# ରେଙ୍ଗାଲି ନିର୍ବାଚନ ମଣ୍ଡଳୀରେ କେନ୍ଦ୍ରମନ୍ତ୍ରୀଙ୍କ ପ୍ରଚାର



ରେଙ୍ଗାଲି, ୦୭/୫ (ନି.ପ୍ର): ଓଡ଼ିଶାରେ ଗଣତନ୍ତ୍ର ନାହିଁ, ସ୍ୱେଚ୍ଛାଚାରିତା ଚାଲିଛି । ପ୍ଲେନରେ ଗୁମାସ୍ତା ବିଜେପିର ସରକାର ମତକୁ ନେଇ ତାସଲ୍ୟ କରୁଥିବା ବେଳେ ମୁଖ୍ୟମନ୍ତ୍ରୀ ବିଜେପି ଦିନରେ ସ୍ୱପ୍ନ ଦେଖୁଥିବା କହୁଛନ୍ତି । ଏପରି ଦିନେ କଂଗ୍ରେସର ନେତାମାନେ ତାସଲ୍ୟ କରିଥିଲେ । କିନ୍ତୁ ଜନତା ସେମାନଙ୍କୁ ଠିକ ଜବାବ ଦେଲେ ବୋଲି ମଙ୍ଗଳବାର ସମ୍ବଲପୁର ଲୋକସଭା କ୍ଷେତ୍ର ଅନ୍ତର୍ଗତ ରେଙ୍ଗାଲି ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରଚାର କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି ପୁରମାନପୁରରେ ଆୟୋଜିତ ପଦଯାତ୍ରାରେ ରେଙ୍ଗାଲି ବିଧାୟକ ପ୍ରାର୍ଥୀ ନାଉରୀ ନାୟକଙ୍କ ପାଇଁ ପ୍ରଚାର କରିଛନ୍ତି । ରାଣୀଖଣ୍ଡା ଓ ଠେଲକୋଲୋଇରେ ଆୟୋଜିତ ଜନସଭାରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଦୀର୍ଘ ୨୪ ବର୍ଷର ସରକାରରେ ରେଙ୍ଗାଲି ଅବହେଳିତ । ଏଠାରେ ପିଇବା ପାଇଁ ବିଶୁଦ୍ଧ ପାଣି ମୁନ୍ଦିଏ ନାହିଁ । ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟସେବା ସବୁ ବିପର୍ଯ୍ୟସ୍ତ । ଯୁବକ ଯୁବତୀ ମାନଙ୍କୁ ରୋଜଗାର ମିଳୁନାହିଁ । ଅପରପକ୍ଷରେ ଦୀର୍ଘ ୧୦ ବର୍ଷ ଧରି ଦେଶରେ ନରେନ୍ଦ୍ର ମୋଦୀ ଲୋକଙ୍କ ସେବା କରୁଛନ୍ତି । ଗରିବ କଲ୍ୟାଣ ଅନ୍ନ ଯୋଜନାରେ ରେଙ୍ଗାଲିର ୧ ଲକ୍ଷ ୮୦ ହଜାର ଲୋକଙ୍କୁ ୫ କେଜି ଲେଖାଏ ମାଗଣା ଚାଉଳ ଦିଆଯାଇଛି । ୧୫ ହଜାର ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପ୍ରଦାନ କରାଯାଇଛି । ସ୍ୱଚ୍ଛ ଭାରତ ଯୋଜନାରେ ୪୦ ହଜାର ଘରେ ଶୌଚାଳୟ ତିଆରି ହୋଇଛି । ଉଜ୍ଜ୍ୱଳା ଯୋଜନାରେ ୩୦ ହଜାର ଘରେ ରନ୍ଧନ ଗ୍ୟାସ ସଂଯୋଗ ହୋଇଛି । ୧୨ ହଜାର ଲୋକଙ୍କୁ ବିଧବା, ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଯାଉଛି ।

ଆଜି ସରକାରୀ ଦଳ ବିଜେପି କ୍ଷମତାକୁ ଆସିଲେ ଏସଏଚଜିକୁ ବନ୍ଦ କରିଦେବାର ଅପପ୍ରଚାର କରୁଛନ୍ତି । ଏସଏଚଜି ବିଜେଡି ନୁହେଁ ମୋଦୀ ସରକାରଙ୍କ କାର୍ଯ୍ୟକ୍ରମର ଅଂଶବିଶେଷ । ଏସଏଚଜିଙ୍କୁ ବ୍ୟାଙ୍କରୁ ଋଣ ଦେବାର ବ୍ୟବସ୍ଥା ମୋଦୀ କରିଛନ୍ତି । ସେହିପରି ମୋଦୀ ସରକାର ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଚାଉଳ ଦେବା ପରେ ବିଜେଡି ବ୍ୟାଗ୍ ଦେଇ ସେମାନେ ଚାଉଳ ଦେବାର ମିଛ କଥା କହିବା ଦୁର୍ଭାଗ୍ୟଜନକ। ବିଜେପିର ସଂକଳ୍ପ ପତ୍ର ଉପରେ ମଧ କେନ୍ଦ୍ରମନ୍ତ୍ରୀ ଅବଗତ କରାଇବା ସହ ପଦ୍ମଫୁଲରେ ଭୋଟ୍ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ । ସେ କହିଥିଲେ ବିଜେପିର ସଂକଳ୍ପ ପତ୍ର ଓଡ଼ିଶାବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରାଯାଇଛି । ଏଥିରେ ସାଧାରଣ ଲୋକଙ୍କ ଆର୍ଥିକ ସମ୍ପନ୍ନତା ଉପରେ ମୋଦୀ ଗ୍ୟାରେଣ୍ଟି ଦେଇଛନ୍ତି । ବିଜେପି ସରକାରରେ ଓଡ଼ିଶାର ସେବା କରାଯିବା ସହ ଭାରତବର୍ଷରେ ରାଜ୍ୟକୁ ୧ ନମ୍ବର କରାଯିବ । ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ରକ୍ଷା କରିବା ପାଇଁ ବିଜେପି ପ୍ରତିଶ୍ରୁତିବଦ୍ଧ । ସେହିପରି ରେଙ୍ଗାଲିରେ ଆଜି ପଦଯାତ୍ରାରେ ବିଜେପି ପ୍ରତି ଗୁରୁଜନ, ମାତୃଶକ୍ତି ଓ ଯୁବସାଥୀଙ୍କ ଉତ୍କଣ୍ଠାକୁ ବର୍ଣ୍ଣନା କରିହେବ ନାହିଁ । ଏ ଜନସମୁଦ୍ର ପ୍ରଧାନମନ୍ତ୍ରୀଙ୍କ ପ୍ରତି ଆସ୍ଥା ଓ ବିଶ୍ୱାସର ବଡ ପ୍ରମାଣ ଦେଉଛି । ଏଥର ଜନଆଶୀର୍ବାଦରୁ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ନିଶ୍ଚୟ ବିଜୟ ହେବ । କେନ୍ଦ୍ରମନ୍ତ୍ରୀ ରାଣୀଖଣ୍ଡା ସ୍ଥିତ ସମଲେଶ୍ୱରୀ ମନ୍ଦିର ଓ ସିନ୍ଦୁରପଙ୍କ ଠାରେ ପୀତାବଳୀ ମନ୍ଦିରରେ ଦର୍ଶନ କରିଥିବା ବେଳେ ବିଭିନ୍ନ ସ୍ଥାନରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।

# ଭାରତୀୟ ବନ୍ଦର ମଜଦୁର୍ ସଂଘର ବାର୍ଷିକ ସମ୍ମିଳନୀ: ସର୍ବଭାରତୀୟ ସଭାପତି ଭାବେ ଶ୍ରୀକାନ୍ତ ରାୟ ନିର୍ବାଚିତ




ପାରାଦୀପ, ୦୭/୫ (ନି.ପ୍ର): ଭାରତୀୟ ବନ୍ଦର ମଜଦୁର ସଂଘର ବାର୍ଷିକ ସମ୍ମିଳନୀ ପାରାଦୀପ ମଧୁବନସ୍ଥିତ କାର୍ଯ୍ୟାଳୟ ପରିସରରେ ସୋମବାର ସଂନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ସଂଘର ବନ୍ଦର ପ୍ରଭାରୀ ଚନ୍ଦ୍ରକାନ୍ତ ଆନ୍ନା ଧୂମାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପାରାଦୀପ ବନ୍ଦର ଟ୍ରଷ୍ଟ ବୋର୍ଡର ସଦସ୍ୟ ତଥା ଭାରତୀୟ ବନ୍ଦର ମଜଦୁର ସଂଘ ପାରାଦୀପର ସାଧାରଣ ସମ୍ପାଦକ ଶ୍ରୀକାନ୍ତ ରାୟ ଭାରତୀୟ ପୋର୍ଟ ଆଣ୍ଡ ଡକ୍ ମଜଦୁର ମହାସଂଘର ସର୍ବଭାରତୀୟ ସଭାପତି ଭାବେ ନିର୍ବାଚିତ ହୋଇଥିବା ଘୋଷଣା କରିଥିଲେ। ଏହି ସମ୍ମିଳନୀରେ ଭାରତୀୟ ପୋର୍ଟ ଆଣ୍ଡ ଡକ୍ ମଜଦୁର ମହାସଂଘର ସାଧାରଣ ସମ୍ପାଦକ ସୁରେଶ ପାଟିଲ୍, କୋଷାଧକ୍ଷ ସୁଧୀର ଘରତ ଯୋଗ ଦେଇଥିଲେ। ରାଜ୍ୟ ପ୍ରମୁଖ ବସନ୍ତ ସାହୁ, ଜିଲ୍ଲା ସଭାପତି ଅକ୍ଷୟ ଦାସ, ସାଧାରଣ ସମ୍ପାଦକ ଅବିନାଶ ଦାସ ଉପସ୍ଥିତ ଥିଲେ। ସମ୍ମିଳନୀରେ ପୌରହିତ୍ୟ କରିଥିଲେ ଭାରତୀୟ ବନ୍ଦର ମଜଦୁର ସଂଘ ପାରାଦୀପର ସଭାପତି ରାକେଶ ପଟ୍ଟନାୟକ। ଅତିଥିମାନଙ୍କୁ ଭାରତୀୟ ବନ୍ଦର ମଜଦୁର ସଂଘ ପାରାଦୀପ ଶାଖା ପକ୍ଷରୁ ଉପଢୌକନ ପ୍ରଦାହ କରାଯାଇ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଭବେନ୍ଦ୍ର ଦାଶ। ଏହି ଅବସରରେ ପାରାଦୀପ ଶାଖାର ଚଳିତ ବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତାମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା।


## DECLARATION ABOUT CRIMINAL CASES

(As per the Commission's directions issued in Pursuance of the Order dated 13.02.2020 of the Hon'ble Supreme Court in Contempt Petitions(C) no. 2192 of 2018 in WP (C) no. 536 of 2011.

Name of the Political Party : **INDIAN NATIONAL CONTRESS**
Name of Election : **GENERAL ASSEMBLY ELECTION 2024**
Name of State / UT : **ODISHA**
Name of Constituency : **39 - REMUNA (SC) ASSEMBLY CONSTITUENCY**
Name of candidate : **SUDARSHAN JENA**

I, **SRI SUDARSHAN JENA**, a candidate for the above mentioned election, declare for public information the following details about my criminal antecedents :

(1) **Criminal antecedents : (a) Name of the offences -** 188,427 JPC. (b) Case no. : C.T. 830 / 2009 **(c) Name of the Court -** JMFC (Rural), Balasore **(d) Whether charges have been framed or not (Yes / No) :** Yes **(e) Date of conviction, if any :** Not applicable **(f) Date of punishment undergone, if any :** Not applicable **(g) Any other information required to be given :** Not applicable

(2) **The reasons for the selection of the candidate. Selection shall be with reference to the qualifications, achievements and merit of the candidate, and not mere "winnabilit" at the.oils not more than 100 words) :** Long years in public life and public sevice. Known for his integrity and political probity

(3) **Reason as to why other individuals without criminal antecedents could not be selected as candidates (not more than 100 words) :** There was not such a candidate.

* In this case of election to Council of States or States or election to Legislative Council by MLAs, mentionthe election concerned in place of name of Constituency.

**Sd/- Sudarshan Jena**


# ଆଦର୍ଶ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ପାତ୍ରଙ୍କ ଏକାଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଲଙ୍ଗଳେଶ୍ୱର, ୦୭/୫ (ନି.ପ୍ର): ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅଧିନସ୍ଥ ଶ୍ରୀରାମପୁର ଗ୍ରାମର ଆଦର୍ଶ ଶିକ୍ଷକ ସ୍ୱର୍ଗତଃ ଗୋବିନ୍ଦ ଚନ୍ଦ୍ର ପାତ୍ରଙ୍କ ଏକାଦଶାହରେ ତାଙ୍କ ସେତପୁରାସ୍ଥିତ ବାସଭବନରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।



ସ୍ୱର୍ଗତଃ ପାତ୍ର ରେମୁଣାରେ ଶିକ୍ଷକତା ଆରମ୍ଭ କରି ସେହି ବିଦ୍ୟାଳୟରୁ ଅବସରଗ୍ରହଣ କରିଥିଲେ । ଏକାଦଶାହରେ ବସ୍ତା ନିର୍ବାଚନମଣ୍ଡଳୀ ବିଜେଡିର ବିଧାୟିକା ପ୍ରାର୍ଥିନୀ ତଥା ବିଶିଷ୍ଟ ସମାଜସେବୀ ଶ୍ରୀମତୀ ସୁବାସିନୀ ଜେନା,ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ,ପୂର୍ବତନ ସରପଞ୍ଚ ବିଜୟ କୃଷ୍ଣ ବେହେରା,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ବିଶ୍ୱାଳ,ବରିଷ୍ଠ ସାମ୍ବାଦିକ ଶୁଭେନ୍ଦୁ ଦାସ, ରାଧାକୃଷ୍ଣ ପାତ୍ର,ହରେକୃଷ୍ଣ ପାତ୍ର, ସୁବ୍ରତ କୁମାର ପାତ୍ର, ପରମାନନ୍ଦ ଜେନା, ଯୁଗଳ କିଶୋର ପାତ୍ର,ସଚ୍ଚିଦାନନ୍ଦ ଜେନା,ମୃତ୍ୟୁଞ୍ଜୟ ପାତ୍ର,ଧନଞ୍ଜୟ ପାତ୍ର ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତଃ ପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।ସମସ୍ତ କାର୍ଯ୍ୟକ୍ରମ ସ୍ୱର୍ଗତଃ ପାତ୍ରଙ୍କ ଏକମାତ୍ର ପୁତ୍ର ନିଗମାନନ୍ଦ ପାତ୍ର ପରିଚାଳନା କରିଥିଲେ । ସ୍ୱର୍ଗତଃ ପାତ୍ରଙ୍କ ୪ଜଣ ଝିଅ ଦିପ୍ତିମୟୀ, ତୃପ୍ତିମୟୀ, ପ୍ରିତିମୟୀ,ଜ୍ୟୋତିର୍ମୟୀ ଏବଂ ଜ୍ୱାଇଁ ,ପରିବାରବର୍ଗ ,ବନ୍ଧୁବାନ୍ଧବ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### କମିବାରେ ଲାଗିଛି ଭୋଟିଂ....

ଅହମଦାବାଦରେ ସପରିବାର ଭୋଟ ଦେଇଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ତା'ପୂର୍ବରୁ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ। ଗୁଜରାଟ ଗାନ୍ଧିନଗରରୁ ନିର୍ବାଚନ ରଣାଙ୍ଗନାକୁ ଓହ୍ଲାଇଛନ୍ତି ଶାହ। ତୃତୀୟ ପର୍ଯ୍ୟାୟରେ ୧୦ ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ୯୩ ଆସନରେ ଭୋଟଗ୍ରହଣ ହୋଇଛି। ସକାଳୁ ସକାଳୁ ବିଭିନ୍ନ ବୁଥରେ ଦେଖିବାକୁ ମିଳିଥିଲା ପ୍ରବଳ ଉତ୍ସାହ। ଯୁବ ଭୋଟରଙ୍କ ଭିତରେ ଜୋସ୍ ଭରି ରହିଥିଲା। ବୁଥ୍ ମୁହାଁ ହୋଇଥିଲେ ମହିଳା, ବୟସ୍କ, ଦିବ୍ୟାଙ୍ଗ ଭୋଟର। ବିଭିନ୍ନ ଦଳର ବହୁ ହାଇପ୍ରୋଫାଇଲ୍ ନେତା ବି ମତଦାନ କରିଥିଲେ। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ, ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ, ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ, କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ, ଏନସିପି ଭେଟେରାନ୍ ଶରଦ ପାୱାର, ଝିଅ ସୁପ୍ରିୟା ସୁଲେଙ୍କ ଭଳି ବିରୋଧୀ ହେଭିୱେଟ୍ ଭୋଟ୍ ଦେଇଛନ୍ତି। ପତ୍ନୀ ତଥା ମୈନପୁରୀରୁ ପ୍ରାର୍ଥୀ ଡିମ୍ପଲ ଯାଦବଙ୍କ ସହ ଆସି ଭୋଟ୍ ଦେଇଥିଲେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ। ଏମାନଙ୍କ ବ୍ୟତୀତ ଅହମଦାବାଦରେ ମତାଧିକାର ସାବ୍ୟସ୍ତ କରିଛନ୍ତି ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦୀବେନ ପଟେଲ, ଦିଲ୍ଲୀ ଉପରାଜ୍ୟପାଳ ଭି କେ ସାକ୍ସେନା, ଆଦାନୀ ଗ୍ରୁପ ଅଧକ୍ଷ ଗୌତମ ଅଦାନୀ ଓ ପରିବାର। ମହାରାଷ୍ଟ୍ର ଲାଟୁରରେ ଭୋଟ ଦେଇଛନ୍ତି ସେଲିବ୍ରିଟୀ କପୁଲ ରିତେଶ ଦେଶମୁଖ ଓ ଜେନିଲିଆ ଡିସୁଜା। କ୍ରିକେଟ ତାରକା ରବୀନ୍ଦ୍ର ଜାଡେଜା ଓ ତାଙ୍କ ପତ୍ନୀ ରେଭବା ଗୁଜରାଟରେ ଭୋଟ ଦେଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଗୁଜରାଟରେ ଗୋଡ଼ରେ ଭୋଟ୍ ଦେଇଛନ୍ତି ଜଣେ ଦିବ୍ୟାଙ୍ଗ ଭୋଟର। ମତଦାନ ପ୍ରକ୍ରିୟାରେ ନିଜକୁ ସାମିଲ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ଅଙ୍କିତ ସୋନି। ୨୦ ବର୍ଷ ତଳେ ବିଦ୍ୟୁତ ଆଘାତରେ ଦୁଇ ହାତ ହରାଇଥିଲେ।

### ଖସିଲା ତାତି: ୩୫ ....

୩୭.୪ ଡିଗ୍ରୀ, ବୌଦ୍ଧରେ ୩୬.୮ ଡିଗ୍ରୀ, ଝାରସୁଗୁଡ଼ାରେ ୩୬.୩ ଡିଗ୍ରୀ, ରାଉରକେଲାରେ ୩୬.୨ ଡିଗ୍ରୀ, ଦେବଗଡ଼ରେ ୩୬.୨ ଡିଗ୍ରୀ, ସୋନପୁରରେ ୩୬ ଡିଗ୍ରୀ, ଖୋର୍ଦ୍ଧାରେ ୩୬ ଡିଗ୍ରୀ, ଅନୁଗୋଳରେ ୩୫.୭ ଡିଗ୍ରୀ, ତାଳଚେରରେ ୩୫.୪ ଡିଗ୍ରୀ, ଛତ୍ରପୁରରେ ୩୫.୪ ଡିଗ୍ରୀ, ହୀରାକୁଦରେ ୩୫.୧ ଡିଗ୍ରୀ, ବରଗଡ଼ରେ ୩୫ ଡିଗ୍ରୀ, ବଲାଙ୍ଗିରରେ ୩୪.୫ ଡିଗ୍ରୀ, ଢେଙ୍କାନାଳରେ ୩୪.୫ ଡିଗ୍ରୀ ଓ ବାରିପଦାରେ ତାପମାତ୍ରା ୩୪.୨ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଟିଟିଲାଗଡ଼ରେ ତାପମାତ୍ରା ୩୪ ଡିଗ୍ରୀ, ଜଗତସିଂହପୁରରେ ୩୩.୪ ଡିଗ୍ରୀ, ଭବାନୀପାଟଣାରେ ୩୩.୫ ଡିଗ୍ରୀ, କଟକରେ ୩୩ ଡିଗ୍ରୀ, ଗୋପାଳପୁରରେ ୩୨.୮ ଡିଗ୍ରୀ, ଚାନ୍ଦବାଲିରେ ୩୨.୭ ଡିଗ୍ରୀ, ରାୟଗଡ଼ାରେ ୩୨.୬ ଡିଗ୍ରୀ, ଭୁବନେଶ୍ୱରରେ ୩୨.୫ ଡିଗ୍ରୀ, ବାଲେଶ୍ୱରରେ ୩୨.୫ ଡିଗ୍ରୀ, କେନ୍ଦୁଝରରେ ୩୨ ଡିଗ୍ରୀ,ପାରାଦୀପରେ ୩୨ ଡିଗ୍ରୀ, ପାରଳାଖେମୁଣ୍ଡିରେ ୩୦.୬ ଡିଗ୍ରୀ, ପୁରୀରେ ୩୦.୩ ଡିଗ୍ରୀ, ଭଦ୍ରକରେ ୨୯ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୨୮.୫ ଡିଗ୍ରୀ, କୋରାପୁଟରେ ୨୮.୫ ଡିଗ୍ରୀ ଓ ନବରଙ୍ଗପୁରରେ ତାପମାତ୍ରା ୨୫.୫ ଡିଗ୍ରୀ ରେକର୍ଡ କରାଯାଇଛି। ସେପଟେ କାଳବୈଶାଖୀର ପ୍ରଭାବରେ ରାଜଧାନୀ ଭୁବନେଶ୍ୱ ଓ କଟକରେ ପାଗ ପରିବର୍ତ୍ତନ ହୋଇଛି। ସକାଳେ ସକାଳେ ଆକାଶରେ କଳାହାଣ୍ଡିଆ ମେଘ ଘୋଟି ଆସିଥିଲା। ପରେ କିଛି ସ୍ଥାନରେ ପ୍ରବଳ ବର୍ଷିଥିଲା। ଏଥିସହ ବଜ୍ରପାତ ମଧ ହୋଇଥିଲା। ଆଜି ପ୍ରାୟତଃ ଦିନ ତମାମ ପାଗ କାଉଁଳିଆ ରହିଥିଲା। ଏମିତି ପାଗ ଆଗକୁ ଲାଗି ରହିବ ବୋଲି ଜଣାପଡ଼ିଛି।

### ରୁଦ୍ର ମହାରଥୀଙ୍କ ବିରୋଧରେ....

ପତ୍ନୀ ଜାଗୃତି ପଣ୍ଡା। ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତେବେ ଜାଗୃତି କାହିଁକି ସ୍ୱାଧୀନ ପ୍ରାର୍ଥୀ ଭାବେ ସ୍ୱାମୀଙ୍କ ବିରୋଧରେ ଲଢ଼ିବାକୁ ମନସ୍ଥ କଲେ, ସେ ନେଇ ମୁହଁ ଖୋଲିନାହାନ୍ତି। ସେହିଭଳି ଏନେଇ ରୁଦ୍ରଙ୍କ ପ୍ରତିକ୍ରିୟା ମଧ ମିଳି ନାହିଁ। ଜାଗୃତି ଗତକାଲି ନାମାଙ୍କନ ପତ୍ର ଦାଖଲ କରିଥିଲେ। ତେବେ ଏହା ହଠାତ୍ ସାମ୍ନାକୁ ଆସିପାରି ନଥିଲା। ଏ କଥା ଜଣାପଡ଼ିବା ପରେ ଏହାକୁ ନେଇ ଜୋର ଚର୍ଚ୍ଚା ଚାଲିଛି। କୁହାଯାଉଛି, ସ୍ୱାମୀ ରୁଦ୍ର ନାମାଙ୍କନ ପତ୍ରରେ କୌଣସି ତ୍ରୁଟି ଥିଲେ କାଳେ ନାକଚ ହୋଇଯିବ, ସେଥିପାଇଁ ଜାଗୃତି ସ୍ୱାଧୀନ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଆଉ ଯଦି ରୁଦ୍ରଙ୍କ ନାମାଙ୍କନ ପତ୍ର ନାକଚ ନହୁଏ, ତା'ହେଲେ ଜାଗୃତି ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେବେ ବୋଲି ଚର୍ଚ୍ଚା ହେଉଛି। ପିପିଲି ଆସନରୁ ରୁଦ୍ରଙ୍କ ବାପା ପ୍ରଦୀପ ମହାରଥୀ ୭ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେ ୧୯୮୫ ଓ ୧୯୯୦ରେ ଜନତା ଦଳ ଟିକେଟରେ ପିପିଲି ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିବା ବେଳେ ୨୦୦୦, ୨୦୦୪, ୨୦୦୯, ୨୦୧୪ ଓ ୨୦୧୯ରେ ବିଜେଡି ଟିକେଟରେ ନିର୍ବାଚିତ ହୋଇଥିଲେ। ତାଙ୍କ ମୃତ୍ୟୁ ପରେ ୨୦୨୧ରେ ହୋଇଥିବା ଉପ-ନିର୍ବାଚନରେ ତାଙ୍କ ପୁଅ ରୁଦ୍ର ପ୍ରତାପ ମହାରଥୀଙ୍କୁ ବିଜେଡି ପ୍ରାର୍ଥୀ କରିଥିଲା ଓ ସେ ବିଜୟୀ ହୋଇଥିଲେ।

### ୧୦ରେ ଭୁବନେଶ୍ୱରରେ....

ବ୍ରହ୍ମପୁର ଓ ନବରଙ୍ଗପୁରରେ ଆୟୋଜିତ ଜନସମାବେଶରେ ଯୋଗ ଦେଇ ମୋଦି ସିଧାସଳଖ ବିଜେଡି ସରକାରକୁ ଟାର୍ଗେଟ କରିଥିଲେ। ଜୁନ୍ ୪ ତାରିଖ ବିଜେଡିର ଏକ୍ସପାରୀ ଡେଟ। ଏହାପରେ ଜୁନ୍ ୧୦ ତାରିଖରେ ବିଜେପି ସରକାର ରାଜ୍ୟରେ ଶପଥ ଗ୍ରହଣ କରିବ ବୋଲି ବି ସେ ଦମ୍ଭୋକ୍ତି ପ୍ରକାଶ କରିଥିଲେ। ଏଥିସହ ଶପଥ ଗ୍ରହଣ ସମାରୋହରେ ଯୋଗ ଦେବାକୁ ସେ ଓଡ଼ିଶାବାସୀଙ୍କୁ ନିମନ୍ତ୍ରଣ ବି କରିଥିଲେ। ମୋଦିଙ୍କ ଭାଷଣ ସମଗ୍ର ରାଜ୍ୟ ରାଜନୀତିରେ କମ୍ପନ ସୃଷ୍ଟି କରିଥିବା ବେଳେ ଆସନ୍ତା ୧୦ ତାରିଖରେ ହେବାକୁ ଥିବା ରୋଡ ଶୋ'ରେ ମୋଦି କ'ଣ କହିବେ, ତାହା ଉପରେ ସମସ୍ତଙ୍କ ନଜର ରହିଛି। ସେହିପରି ବିଜେପି ଫୋକସରେ ଏବେ ଓଡ଼ିଶା । ଦଳର ବରିଷ୍ଠ ନେତାମାନେ ଏବେ ଘନଘନ ଓଡ଼ିଶା ଗସ୍ତ କରି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରକୁ ଜୋରଦାର କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତକାଲି ଦୁଇଟି ସଭା କରି ଫେରିବା ପରେ ଆସନ୍ତାକାଲି ଓଡ଼ିଶାରେ ପ୍ରଚାର ମଇଦାନକୁ ଓହ୍ଲାଇବେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ । ସେହିପରି ଗୁରୁବାର କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଓ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ପ୍ରଚାର ମଇଦାନକୁ ଓହ୍ଲାଇବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି । ବିଜେପି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ଏନେଇ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ,ଦଳର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ ଆସନ୍ତାକାଲି ୮ତାରିଖରେ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାସ୍ଥିତ ଲାଲବାହାଦୂର ଷ୍ଟାଡ଼ିୟମଠାରେ ମଧ୍ୟାହ୍ନ ସାଢ଼େ ୧୨ଟାରେ ଏବଂ ରାୟଗଡ଼ାରେ ଅପରାହ୍ନ ସାଢ଼େ ୨ଟାରେ ବିଶାଳ ଜନସଭାକୁ ସମ୍ବୋଧନ କରିବା ସହ ଦଳୀୟ ପ୍ରାର୍ଥୀ ସପକ୍ଷରେ ପ୍ରଚାର କରିବେ । ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ମଧ ଆସନ୍ତାକାଲି ଓ ପରଦିନ ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ । ୮ତାରିଖରେ ମଧ୍ୟାହ୍ନ ୧୨.୧୦ରେ କୋଟପାଡ଼ଠାରେ ଏବଂ ଅପରାହ୍ନ ୨ଟାରେ ଉମରକୋଟଠାରେ ଜନସଭାରେ ଯୋଗ ଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ । ସେହିପରି ୯ ତାରିଖ ସକାଳ ୧୦ଟାରେ କୋରାପୁଟର ଲକ୍ଷ୍ମୀପୁର, ସାଢ଼େ ୧୧ଟାରେ ପଟାଙ୍ଗୀ ଏବଂ ଅପରାହ୍ନ ୧ଟାରେ କୋରାପୁଟଠାରେ ଜନସଭାକୁ ସମ୍ବୋଧିତ କରିବା ସହ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ । ଗୁରୁବାର ୯ ତାରିଖରେ କେନ୍ଦ୍ରମନ୍ତ୍ରୀ ନିତିନ୍ ଗଡ଼କରୀ ଦିଲ୍ଲୀରୁ ଭୁବନେଶ୍ୱରରେ ପହଂଚିବା ପରେ ସିଧାସଳଖ ପୁରୀ ଗସ୍ତ କରିବେ । ମଧ୍ୟାହ୍ନ ସାଢ଼େ ୧୨ଟାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପରେ ସେ ଅପରାହ୍ନ ୩ଟାରେ କୃଷ୍ଣପ୍ରସାଦ ଏବଂ ଅପରାହ୍ନ ୪ଟା ୧୫ମିନିଟରେ ପିପିଲିଠାରେ ବିଶାଳ ଜନସଭାକୁ ସମ୍ବୋଧିତ କରିବା ସହ ଦଳୀୟ ପ୍ରାର୍ଥୀ ସପକ୍ଷରେ ପ୍ରଚାର କରିବେ ।

### ଜମ୍ମୁ କଶ୍ମୀରରେ...

ଦୀର୍ଘ ସମୟ ଧରି ଉଭୟ ପକ୍ଷରୁ ଗୁଳିମାଡ଼ କରାଯାଇଥିଲା। ଏଥିରେ ତିନି ଜଣ ଆତଙ୍କବାଦୀ ନିପାତ ହୋଇଥିବା ସୂଚନା ମିଳିଛି। ପ୍ରକାଶ ଥାଉକି, ନିକଟରେ ଜମ୍ମୁ କଶ୍ମୀରରେ ବାୟୁସେନା କନଭେୟ ଉପରେ ଆତଙ୍କୀ ହମଲା ହୋଇଥିଲା। ଏଥିରେ ଜଣେ ଯବାନ ଶହୀଦ ହୋଇଥିବା ବେଳେ ୪ ଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଅଞ୍ଚଳରେ ଆତଙ୍କବାଦୀ ଲୁଚିଥିବା ସୂଚନା ପାଇବା ପରେ ସର୍ଚ୍ଚ ଅପରେସନକୁ କଡାକଡି କରାଯାଇଛି।

### ଡାକ୍ତରୀ ଛାତ୍ର ଗିରଫ: ୧୦ ଲକ୍ଷ...

ଭଦ୍ରକର ଏକ ଘରୋଇ ସ୍କୁଲ୍‌ରେ ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା ନିଟ୍ ଅନୁଷ୍ଠିତ ହୋଇଥିଲା। ଶାଶ୍ୱତ ତ୍ରିପାଠୀ ନାମକ ଜଣେ ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା ଦେବାକୁ ଯାଇଥିଲେ ଡାକ୍ତରୀ ଛାତ୍ର ଅଙ୍କିତ ରାଜ୍। ସେ ନେଇଥିବା ଆଡ୍‌ମିଟ୍ କାର୍ଡରେ ତାଙ୍କ ଫଟୋ ଥିଲା। ତେବେ ପରୀକ୍ଷା ପରିଚାଳନା କରୁଥିବା ଅଧିକାରୀଙ୍କର ତାଙ୍କ ଉପରେ ସନ୍ଦେହ ହୋଇଥିଲା। ଆଧାର କାର୍ଡ ଯାଞ୍ଚ ବେଳେ ବାୟୋମେଟ୍ରିକ୍‌ରେ ତାଙ୍କ ଫିଙ୍ଗର ପ୍ରିଣ୍ଟ୍ ମ୍ୟାଚ୍ କରି ନଥିଲା। ଏନେଇ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଭଦ୍ରକ ଗ୍ରାମାଞ୍ଚଳ ଥାନାକୁ ଖବର ଦେଇଥିଲେ। ପୁଲିସ୍ ଅଙ୍କିତ ରାଜ୍‌ଙ୍କୁ ପଚରାଉଚରା କରିବା ପରେ ଜଣାପଡ଼ିଲା ଯେ ସେ ମୟୂରଭଞ୍ଜ ଜିଲ୍ଲାର ଶାଶ୍ୱତ ତ୍ରିପାଠୀ ନାମକ ଜଣେ ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା ଦେବାକୁ ଆସିଥିଲେ। ଭଦ୍ରକ ଏସ୍‌ଡିପିଓ ସୌରଭ ଓତାଙ୍କ ସୂଚନା ଅନୁଯାୟୀ, ନିଜ ପାଇଁ ଜଣେ ନକଲି ପରୀକ୍ଷାର୍ଥୀ ଯୋଗାଡ଼ କରିବା ପାଇଁ ଶାଶ୍ୱତ ତ୍ରିପାଠୀ ଜଣେ ମଧ୍ୟସ୍ଥିଙ୍କୁ ଯୋଗାଯୋଗ କରିଥିଲେ। ସେହି ମଧ୍ୟସ୍ଥି ଜଣେ ଓଡ଼ିଆ ଲୋକ। ସେହି ମଧ୍ୟସ୍ଥି ଯୋଗାଯୋଗ କରିଥିଲେ ରାଜେଶ କୁମାର ମଧୁକରଙ୍କୁ, ଯିଏ ଭୁବନେଶ୍ୱରରେ ରହନ୍ତି। ଏହା ପରେ ରାଜେଶ କୁମାର ମଧୁକର ବିହାରରେ ଥିବା ତାଙ୍କର ଚିହ୍ନା ପରିଚିତ ଆଦିତ୍ୟ କୁମାରଙ୍କୁ ଯୋଗାଯୋଗ କରିଥିଲେ। ଆଦିତ୍ୟ କୁମାର ହେଉଛନ୍ତି ଜଣେ ଆୟୁର୍ବେଦିକ ଡାକ୍ତର। ସେ ବିଏଏମ୍‌ଏସ୍ ପାସ୍ କରିଛନ୍ତି। ତାଙ୍କ ସାଙ୍ଗ ହେଉଛନ୍ତି ଅଙ୍କିତ ରାଜ। ଅଙ୍କିତ ରାଜ ମଧ ଆଦିତ୍ୟଙ୍କ ସହିତ ବିଏଏମ୍‌ଏସ୍ ପଢୁଥିଲେ। ୨୦୨୦ରେ ବିଏଏମ୍‌ଏସ୍‌ର ଛାତ୍ର ଥିବା ଅଙ୍କିତ ରାଜ ୨୦୨୧ରେ ନିଟ୍‌ରେ ଉତ୍ତୀର୍ଣ୍ଣ ହୋଇଥିଲେ ଓ ଏବେ କୋଲକାତାର ଏକ ମେଡିକାଲ କଲେଜରେ ଏମ୍‌ବିବିଏସ୍‌ର ତୃତୀୟ ବର୍ଷରେ ପଢୁଛନ୍ତି। ଅଙ୍କିତ ରାଜ୍‌ଙ୍କ ଆର୍ଥିକ ସ୍ଥିତି ଭଲ ନଥିବାରୁ ସେ ୧୦ ଲକ୍ଷ ଟଙ୍କା ନେଇ ଶାଶ୍ୱତ ତ୍ରିପାଠୀଙ୍କ ପାଇଁ ନିଟ୍ ଦେବାକୁ ରାଜି ହୋଇଯାଇଥିଲେ। ପରେ ଅଭିଯୁକ୍ତମାନେ ଟେକ୍ନୋଲୋଜି ସହାୟତାରେ ଶାଶ୍ୱତ ତ୍ରିପାଠୀଙ୍କ ଆଡ୍‌ମିଟ୍ କାର୍ଡରେ ଅଙ୍କିତ ରାଜ୍‌ଙ୍କ ଫଟୋ ଲଗାଇଥିଲେ। ଏହି ମାମଲାରେ ୩ ଜଣଙ୍କୁ ଗିରଫ କରାଯାଇଛି।

### ପତଞ୍ଜଳି ପରେ ଆଇଏମଏ...

ପତଞ୍ଜଳି ଉପରେ ବର୍ଷିଥିଲେ। ଉଭୟ ବାବା ରାମଦେବ ଓ ଆଚାର୍ଯ୍ୟ ବାଳକୃଷ୍ଣ ଏନେଇ କୋର୍ଟରେ ବ୍ୟକ୍ତିଗତ ଭାବେ କ୍ଷମା ମାଗିଥିଲେ। ଏଥିସହ ଖବର କାଗଜରେ ଏକ କ୍ଷମା ପ୍ରାର୍ଥନା ମଧ ଦେଇଥିଲେ। ତେବେ ଏହି ମାମଲା ବିଷୟରେ ଆଇଏମ୍‌ଏ ଅଧକ୍ଷ ଡଃ. ଆରବି ଅଶୋକନ୍ ଏକ ସାକ୍ଷାତକାରରେ ବୟାନ ଦେଇଥିଲେ। ଏହାକୁ ନେଇ ଏବେ ସେ ଟାର୍ଗେଟ୍‌କୁ ଆସିଛନ୍ତି। ତାଙ୍କର ଏହି ବୟାନକୁ ବିରୋଧ କରି ପତଞ୍ଜଳି ଏମ୍‌ଡି ଆଚାର୍ଯ୍ୟ ବାଳକୃଷ୍ଣ କୋର୍ଟରେ ଆବେଦନ କରିଥିଲେ। ଏହି ଆବେଦନର ଆଜି ଶୁଣାଣି ହୋଇଛି। ଜଷ୍ଟିସ ହିମା କୋହଲି ଓ ଜଷ୍ଟିସ ଅମନୁଲ୍ଲାଙ୍କ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରି ଆଇଏମ୍‌ଏ ଉପରେ ବର୍ଷିଛନ୍ତି।

ବୁଧବାର, ମଇ ୦୮, ୨୦୨୪

ଧ୍ୱନି ପ୍ରତିଧ୍ୱନି

# ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ ବି.ଜେ.ପି ପ୍ରାର୍ଥୀ ପରିବର୍ତ୍ତନ ପାଇଁ ତୀବ୍ର ଦାବି

ବାରିପଦା, ୦୭/୫ (ନି.ପ୍ର): ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ ବି.ଜେ.ପି ପକ୍ଷରୁ ସଞ୍ଜଳି ମୁର୍ମୁ ଙ୍କୁ ବିଧାୟକ ପ୍ରାର୍ଥୀନୀ ଭାବେ ଘୋଷଣା ସରିଛି। କିନ୍ତୁ ବି.ଜେ.ପି ର ଏକ ଅସନ୍ତୁଷ୍ଟ ଗୋଷ୍ଠୀ ସଞ୍ଜଳି ଙ୍କ ପ୍ରାର୍ଥୀତ୍ୱକୁ ତୀବ୍ର ବିରୋଧ କରିଛନ୍ତି। ବି.ଜେ.ପି ର ଏଇ ଅସନ୍ତୁଷ୍ଟ ଗୋଷ୍ଠୀ ଅଭିଯୋଗ କରିଛନ୍ତି ଯେ ସଞ୍ଜଳି ମୁର୍ମୁ ଜଣେ ଅନଭିଜ୍ଞ ପ୍ରାର୍ଥୀ ,ତାଙ୍କର ରାଜନୀତି ରେ କୈଣସି ଅଭିଜ୍ଞତା ନାହିଁ ବୋଲି ସେମାନେ ଯୁକ୍ତି ବାଢ଼ି ଛନ୍ତି। ବି.ଜେ.ପି ର ଏହି ଅସନ୍ତୁଷ୍ଟ ଗୋଷ୍ଠୀ ର ନେତାମାନେ ପ୍ରାର୍ଥୀ ପରିବର୍ତ୍ତନ ବାବଦରେ ରାଷ୍ଟ୍ରୀୟ ସାଧାରଣ ସଂପାଦକ ଓ ଓଡ଼ିଶାର ପ୍ରଭାରୀ ଶ୍ରୀ ସୁନୀଲ ବନ୍ସଲ୍ ଏବଂ ଲୋକସଭା ନିର୍ବାଚନ ପରିଚାଳନା କମିଟି ପ୍ରଭାରୀ ତଥା ଉତ୍ତରାଖଣ୍ଡ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ତ୍ରିବେନ୍ଦ୍ର ସିଂ ରାୱତ୍ ଙ୍କୁ ସାକ୍ଷାତ କରି ବିଷଦ୍ ଆଲୋଚନା କରିଥିଲେ।ଏଇ ପ୍ରାର୍ଥୀ ପରିବର୍ତ୍ତନ ନିମନ୍ତେ ପୂର୍ବତନ ସାଂସଦ ଶ୍ରୀ ଲକ୍ଷ୍ମଣ ଟୁଡୁ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ଉପ ସଭାପତି ଶ୍ରୀ ଫାଗୁ ହାଁସଦା,ଶ୍ରୀ ମକର ଧ୍ୱଜ ମୁର୍ମୁ, କାହ୍ନୁ ସିଂ,ଭୀମ ସୋରେନ୍, ବାସନ୍ତୀ ଟୁଡୁ, ଅଶ୍ୱିନୀ ମହାନ୍ତ, ଦେବେନ୍ଦ୍ର ସିଂ,ସଞ୍ଜୟ ଅଗ୍ରୱାଲ, ପ୍ରଦୀପ ମହାନ୍ତି ଏବଂ ବହୁ ବରିଷ୍ଠ ନେତା ଦଳର ରାଜ୍ୟସ୍ତରୀୟ ଓ ରାଷ୍ଟ୍ରୀୟ ନେତୃତ୍ୱ ଙ୍କୁ ସାକ୍ଷାତ କରି ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ପରିବର୍ତ୍ତନ ପାଇଁ ଅଭିଯୋଗ କରିଛନ୍ତି।





ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ରଙ୍ଗରାଗର ସମ୍ପାଦକ ପ୍ରଦୀପ୍ତ କୁମାର ମହାନ୍ତି, ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା ଓ ସମ୍ପାଦିକା ସୈରିନ୍ଧ୍ରୀ ସାହୁଙ୍କଠାରୁ ସମ୍ବର୍ଦ୍ଧନା ଗ୍ରହଣ କରୁଛନ୍ତି ଚଳିତ ବର୍ଷର ସମ୍ବର୍ଦ୍ଧିତ ପ୍ରତିଭା ବିଶିଷ୍ଟ କବି ତଥା ପ୍ରକାଶକ କାଳୀପଦ ପଣ୍ଡା।

# ମୋଦୀ ଗ୍ୟାରେଣ୍ଟି ଏବଂ ଓଡ଼ିଶା ସଂକଳ୍ପ ପତ୍ର ନେଇ ସମ୍ବଲପୁରରେ କେନ୍ଦ୍ରମନ୍ତ୍ରୀଙ୍କ ପ୍ରେସମିଟ୍

ସମ୍ବଲପୁର, ୦୭/୫ (ନି.ପ୍ର): ଓଡ଼ିଶାରେ ବିଜେପି ସରକାର ହେଲେ ସମ୍ବଲପୁର ବସ୍ତ୍ରର ଗୁଣବତ୍ତା ବଢାଇବା ପାଇଁ ପଦକ୍ଷେପ ନିଆଯିବା ସହ ବୁଣାକାରଙ୍କୁ ପ୍ରୋତ୍ସାହିତ କରାଯିବ। କୃଷି ପ୍ରାଧାନ୍ୟ ସମ୍ବଲପୁର ସହରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସହ ଖାଦ୍ୟ ପ୍ରକ୍ରିୟାକରଣର ଏକ ହବ୍ କରାଯିବ ବୋଲି ଆଜି ସେଠାରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଓଡ଼ିଶା ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି -୨୦୨୪ ଏବଂ ଓଡ଼ିଆଙ୍କ ପାଇଁ ଦଳ ପକ୍ଷରୁ ଉନ୍ମୋଚିତ ହୋଇଥିବା ଓଡ଼ିଶା ସଂକଳ୍ପ ପତ୍ର ଉପରେ ସାମ୍ବାଦିକ ଗଣମାଧ୍ୟମ ପ୍ରତିନିଧିଙ୍କ ଆଲୋଚନା କରିବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଜେପିର ସଂକଳ୍ପ ପତ୍ରରେ ସବୁ ବର୍ଗ ବିଶେଷତଃ ଗରିବ, କୃଷକ, ମହିଳା, ଯୁବବର୍ଗଙ୍କ କଲ୍ୟାଣ ସହ ସମ୍ବଲପୁରର ବୁଣାକାର ମାନଙ୍କ ବ୍ୟବସାୟକୁ ପ୍ରୋତ୍ସାହନ ଦେବା ଭଳି ଅନେକ ସଂକଳ୍ପ କରାଯାଇଛି । ଓଡ଼ିଶାରେ ବିଜେପି ସରକାର ହେଲେ ସବୁ ଘୋଷଣାକୁ ପାଳନ କରାଯିବା ସହ ଦୁର୍ନୀତିକୁ ରୋକିବା ପାଇଁ ଜିରୋ ଟେଲେରାନ୍ସ ନୀତି ଅବଲମ୍ବନ କରାଯିବ । ସମ୍ବଲପୁରକୁ ଭାରତର ପ୍ରମୁଖ ସହର ଭାବେ ତିଆରି କରାଯିବ । ସମ୍ବଲପୁରୀ ଟେକ୍ସଟାଇଲକୁ ବିଶ୍ୱରେ ପହଞ୍ଚାଇବାର କାମ ଆରମ୍ଭ ହୋଇଥିବା ବେଳେ ଏହାକୁ ପ୍ରାଥମିକତା ଦିଆଯିବ। ଲୋକଙ୍କୁ ସବୁ ସୁବିଧା ସହ ଶିକ୍ଷା ଆଧାରିତ ଅର୍ଥନୀତିର ପେଣ୍ଠସ୍ଥଳୀ ସହ ସବୁ ପ୍ରକାର ଯୁବ ପ୍ରତିଭାକୁ ପ୍ରାଥମିକତା ଦେଇ ସେମାନଙ୍କୁ ଆଗକୁ ବଢିବା ପାଇଁ ଦକ୍ଷ କରାଯିବ । ସମ୍ବଲପୁର ସମେତ ରାଜ୍ୟରେ ଉଚ୍ଚମାନର ଶିକ୍ଷା ପାଇଁ ସହରାଞ୍ଚଳ ସହ ପ୍ରତି ବ୍ଲକରେ ୨ଟି ଭାବରେ ୮୦୦ ପିଏମଶ୍ରୀ ସ୍କୁଲ ପ୍ରତିଷ୍ଠା ହେବ । କେନ୍ଦୁପତ୍ର ତୋଳାଳି ମାନଙ୍କୁ ୩୫ ପ୍ରତିଶତ, କେନ୍ଦୁପତ୍ର ବାନ୍ଧୁଥିବା ଲୋକଙ୍କୁ ୧୦ ପ୍ରତିଶତ ବୋନସ ଦିଆଯିବ । ସମ୍ବଲପୁର ପାଇଁ ଖୁବ୍ ଶୀଘ୍ର ବିଜେପି ଏକ ସଂକଳ୍ପ ପତ୍ର ଉନ୍ମୋଚନ କରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ବିଜେପିର ସଂକଳ୍ପ ପତ୍ରରେ କୃଷକ କଲ୍ୟାଣକୁ ଯୋର ଦିଆଯାଇଛି । ଧାନ କିଣା ଓଡ଼ିଶା କୃଷି ଅର୍ଥନୀତିର ମେରୁଦଣ୍ଡ । ବର୍ତ୍ତମାନ ଧାନ କ୍ୱିଣ୍ଟାଲ ପିଛା ୨୧୮୩ ଟଙ୍କା ଥିବା ବେଳେ ଓଡ଼ିଶାରେ ମୋଦୀଙ୍କ ସରକାର ହେଲେ ଛତିଶଗଡ ଭଳି ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ହେବ । ଧାନ କିଣିବାର ୪୮ ଘଣ୍ଟା ମଧ୍ୟରେ ବ୍ୟାଙ୍କ ଖାତାରେ ଏହି ଅର୍ଥ ଦିଆଯିବ । କଟନୀଛଟନୀ ନାଁରେ ଚାଷୀଙ୍କୁ ଯେଉଁ ଶୋଷଣ ହେଉଛି, ତାହାକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ । ଧାନରେ ପ୍ରଥମ ଥର ପାଇଁ ରାଜ୍ୟ ତରଫରୁ ବୋନସ ଦିଆଯିବ । ସବୁ ଚାଷ ଜମି ଜଳସେଚନ ହେବ। ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କା ମୂଲ୍ୟର ଭାଉଚର ଦିଆଯିବ । ଦୁଇ ବର୍ଷ ମଧ୍ୟରେ ଏହି ଟଙ୍କାକୁ ମହିଳାମାନେ ଏକକାଳୀନ କିମ୍ବା ଭିନ୍ନ ଭିନ୍ନ ସମୟରେ ଟଙ୍କା ଖର୍ଚ୍ଚ କରିପାରିବେ । ସବୁ ଗରିବଙ୍କୁ ପଟ୍ଟା ସହ ପକ୍କା ଘର ଦିଆଯିବ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆଉ ୧୫ ଲକ୍ଷ ଘର ଦିଆଯିବ । ରାଜ୍ୟର ଘରେ ଘରେ ନଳ ଯୋଗେ ପାନୀୟ ଜଳ ପହଞ୍ଚାଯିବ । ଶୌଚାଳୟ ଓ ଉଜ୍ଜ୍ୱଳା ଗ୍ୟାସ ସହ ସବୁ ପ୍ରକାର ସୁବିଧା ଦିଆଯିବ । ଓଡ଼ିଶାରେ ବକେୟା ଥିବା ୧.୫ ଲକ୍ଷ ସରକାରୀ ନିଯୁକ୍ତି ପୂରଣ ସହିତ ୩.୫ ଲକ୍ଷ ନୂଆ ନିଯୁକ୍ତି ଦିଆଯିବ । ଦାଦନ ଯନ୍ତ୍ରଣାରୁ ମୁକ୍ତି ଦିଆଯିବ । ପିଏମ ସୂର୍ଯ୍ୟଘର ଯୋଜନାରେ ସୌର ବିଦ୍ୟୁତ ସୁବିଧା ପ୍ରଦାନ କରାଯିବ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରାଯିବ । ୭୫ ହଜାର କିମି ନୂଆ ସଡକପଥ ନିର୍ମାଣ ହେବ । ଅସାଂଗଠନିକ କ୍ଷେତ୍ରରେ ଶ୍ରମିକ ମାନଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମା ସହ ଇ-ଶ୍ରମ ପୋର୍ଟାଲରେ ଯୋଡାଯିବ। ଦିବ୍ୟାଙ୍ଗ, ନିରାଶ୍ରୟ ଓ ବାର୍ଦ୍ଧକ୍ୟ ଭତ୍ତାକୁ ତିନି ହଜାର ଟଙ୍କା କରାଯିବ । ଶତକଡା ୮୦ ଭାଗ ଥିବା ଦିବ୍ୟାଙ୍ଗଙ୍କୁ ୩୫୦୦ ଟଙ୍କା ଭତ୍ତା ଦିଆଯିବ । ବିଜେପି ସରକାର ହେବାର ପ୍ରଥମ ମାସରେ ଆୟୁଷ୍ମାନ ଭାରତ ଯୋଜନା ଓଡ଼ିଶାରେ ଲାଗୁ ହେବ । ଏହା ବିଜେପିର କେବଳ ଦସ୍ତାବିଜ ନୁହେଁ, ମୋଦୀଙ୍କ ଗ୍ୟାରେଣ୍ଟି ଓ ଆଶ୍ୱାସନାର ପତ୍ର ଅଟେ ।



# ରାଂଚିର ବିଭିନ୍ନ ସ୍ଥାନରେ ଇଡି ଚଢାଉ କରି ୧.୫ କୋଟି ଟଙ୍କା କଳା ଜବତ

ରାଂଚି, ୦୭/୫ : ମଙ୍ଗଳବାର ଦିନ ରାଂଚିରେ ବିଭିନ୍ନ ସ୍ଥାନ ଉପରେ ଏନଫୋର୍ସମେଂଟ ନିର୍ଦ୍ଦେଶାଳୟ (ଇଡି) ଦଳ ଚଢାଉ କରିଛି । କୁହାଯାଉଛି ଯେ ଡୋରଣ୍ଡାର ରାଜୀବ ସିଂହ ନାମକ ଜଣେ କଂଟ୍ରାକ୍ଟରଙ୍କ ଘରୁ ୧.୫ କୋଟି ଟଙ୍କା ନଗଦ ଟଙ୍କା ଜବତ କରାଯାଇଛି। ଇଡି ଅନୁସନ୍ଧାନରୁ ଜଣାପଡିଛି ଯେ ଏହା ନିକଟ ଅତୀତରେ ୧୦ କୋଟି ଟଙ୍କା ମୂଲ୍ୟର କାରବାର କରିଛି। ଏହା ବ୍ୟତୀତ କାଙ୍କେ ପତ୍ରା ଟୋଲି ନିବାସୀ ସଡକ ନିର୍ମାଣ ବିଭାଗର ଏସଡିଓ ଅଜୟ ମୁଣ୍ଡାଙ୍କ ପୈତୃକ ଘରେ ଇଡି ରେଡ ଚାଲିଛି। ସିଂହ ମୋଡ ନିକଟରେ ରହୁଥିବା ଜଣେ ବିଲଡରଙ୍କ ସହ ରାଂଚିର ରାତୁ ଏବଂ ଆଇଟିଆଇ ବସଷ୍ଟାଣ୍ଡ ନିକଟରେ ରହୁଥିବା ଦୁଇ ବିଲଡରଙ୍କ ଉପରେ ମଧ୍ୟ ଚଢାଉ ଜାରି ରହିଛି। ସୂଚନାଯୋଗ୍ୟ ଯେ ଏହାପୂର୍ବରୁ ସୋମବାର ଇଡି ଚଢାଉ କରି ୩୫.୨୩ କୋଟି ଟଙ୍କା ଜବତ କରିଛି।

# ସାରସ୍ୱତ ସହର ଅଭିଯାନ କମିଟି ପକ୍ଷରୁ ସାହିତ୍ୟ ସଭା ଓ ସମ୍ବର୍ଦ୍ଧନା



ବାଲିଆପାଳ , ୦୭/୫ (ନି.ପ୍ର): ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟି ପକ୍ଷରୁ ମଙ୍ଗଳ ବାର କାଳୀ ପଦା ସ୍ଥିତ କବି ନଳିନୀ କାନ୍ତ ପାଢ଼ୀ ଙ୍କ ପାଠାଗାର କକ୍ଷ ରେ ସାହିତ୍ୟ ସଭା ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ଅଭିଯାନ କମିଟି ସଭାପତି ପ୍ରାକ୍ତନ ଡି ଆଇ ତଥା ସୁଲେଖକ ସୁବାସ ଚନ୍ଦ୍ର ଚୌଧୁରୀ ଏଥିରେ ପୌରହିତ୍ୟ କରିଥିବା ବେଳେ କମିଟି ର ଆବାହକ ଅଧ୍ୟାପକ ଡଃ ସୁକାନ୍ତ କୁମାର ଗିରି ଅତିଥି ପରିଚୟ ସ୍ୱାଗତ ଭାଷଣ, କବି ନଳିନୀ କାନ୍ତ ପାଢ଼ୀ ବିବରଣୀ ପାଠ କରି ଥିଲେ। ଅତିଥି ଭାବରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବୟିତ୍ରୀ ଡଃ ମନୋରମା ବିଶ୍ୱାଳ ମହାପାତ୍ର, କଥାକାର ନାରାୟଣ ବିଶ୍ୱାଳ , ସାମ୍ବାଦିକା ପ୍ରତିମା ଜେନା, ରଜେଶ୍ୱରୀ ପାଣିଗ୍ରାହୀ, ଶିକ୍ଷୟତ୍ରୀ ଅନନ୍ୟା ଗିରି ପ୍ରମୁଖ ଯୋଗ ଦେଇ ନିଦାଘ କବିତା ଓ ସାହିତ୍ୟର ଭୂମିକା ସମ୍ପର୍କ ରେ ଆଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଓମ୍ ପ୍ରକାଶ ପାତ୍ର, ଅନୁକ୍ଷା ପାଢ଼ୀ, ରାଜ କିଶୋର ବିଶ୍ୱାଳ, ସାଇ ଅନିତ ରାଜ, ଚନ୍ଦନ ଭଦ୍ର, ଅଲିଭା ନାୟକ, ଶୁଭଶ୍ରୀ ବାରିକ, ବନ ଲକ୍ଷ୍ମୀ ଦାସ ପ୍ରମୁଖ ଏଥିରେ ଅଂଶ ଗ୍ରହଣ କରିଥିଲେ। ସାହିତ୍ୟ ରେ ଅସାମାନ୍ୟ କୃତିତ୍ୱ ପାଇଁ କବୟିତ୍ରୀ ଡଃ ମନୋରମା ବିଶ୍ୱାଳ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ଓମ୍ ଶ୍ରୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ପ୍ରସ୍ତାବିତ ତିନି ପଞ୍ଚାୟତରେ ଜଳଛତ୍ର ବ୍ୟବସ୍ଥା




ପାରାଦ୍ୱୀପ , ୦୭/୫ (ନି.ପ୍ର): ଜେଏସଡବ୍ଲୁ ଉତ୍କଳ ଷ୍ଟିଲ ପକ୍ଷରୁ ପ୍ରସ୍ତାବିତ ଅଞ୍ଚଳର ତିନି ପଞ୍ଚାୟତରେ ଜଳଛତ୍ର ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି କମ୍ପାନୀ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଜେ ଏସ ଡ ବ୍ଲୁ ପ୍ରକଳ୍ପ ସହିତ ପାରାଦୀପର ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଦୈନିକ ଶତାଧିକ ଲୋକ ବିଭିନ୍ନ କାମ ପାଇଁ ଯାତାୟାତ କରିଥାନ୍ତି। ଏଥି ସହିତ ସ୍ଥାନୀୟ ଢ଼ିଙ୍କିଆ, ନୂଆଗାଁ ଏବଂ ଗଡ଼କୁଜଙ୍ଗ ଅଞ୍ଚଳରୁ ମଧ୍ୟ ବିଭିନ୍ନ ବର୍ଗର ଜନସାଧାରଣ, ଛାତ୍ରଛାତ୍ରୀ ସ୍ଥାନୀୟ ପାରାଦୀପରେ ଥିବା ବିଭିନ୍ନ କାର୍ଯ୍ୟାଳୟ, ସ୍କୁଲ, କଲେଜ ଓ ବ୍ୟବସାୟିକ ପ୍ରତିଷ୍ଠାନ ମାନଙ୍କୁ ଆସିଥାନ୍ତି। ବିଗତ ବର୍ଷ ଠାରୁ ଚଳିତ ବର୍ଷ ଅଧିକ ଗ୍ରୀଷ୍ମ ପ୍ରବାହ ହେଉଥିବାରୁ ଜେ ଏସ ଡ ବ୍ଲୁ ପକ୍ଷରୁ ସ୍ଥାନୀୟ ନୂଆଗାଁ ଛକ, ନୂଆଗାଁ ମହାବୀର ରାସ୍ତା, ଗୋବିନ୍ଦପୁର ରୁ ବାଲିତୁଠ ରାସ୍ତା, ଗଡ଼କୁଜଙ୍ଗ ରୁ ବାଲିତୁଠ ରାସ୍ତା ସହିତ ତ୍ରିଲୋଚନପୁର ବିଦ୍ୟୁତ କାର୍ଯ୍ୟାଳୟ ନିକଟରେ ଏହି ଜଳଛତ୍ର ବ୍ୟବସ୍ଥା କରାଯାଇଛି। ଏହି ସବୁ ସ୍ଥାନରେ ବିଶୁଦ୍ଧ ପାନୀୟ ଜଳ ଓ ଦହି ପାଣି ଦିଆଯାଉଛି। ଏହା ଗତ ଏପ୍ରିଲ ମାସ ୧୭ ତାରିଖରୁ ଆରମ୍ଭ ହୋଇଥିଲା ବେଳେ ଜୁନ୍ ମାସ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି କମ୍ପାନୀ ପକ୍ଷରୁ ସ୍ଥିର କରାଯାଇଛି।ଜେ ଏସ ଡ ବ୍ଲୁ ର ଏଭଳି ଜନହିତକର କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ଭୟାବହ ଅଗ୍ନିକାଣ୍ଡ: ଜଳିଗଲା ୧୯ ବଖରା



ବହସାହି, ୦୭/୫ (ନି.ପ୍ର): ବଡସାହି ବ୍ଲକ୍ ଅଧିନ କେନ୍ଦୁଡିହା ପଂଚାୟତ କୁଳିଅଣା(ବି) ଗ୍ରାମରେ ଭୟାବହ ଅଗ୍ନିକାଣ୍ଡରେ ୧୯ବଖରା ଘର ଜଳିପୋଡି ପାଉଁଶ ହୋଇ ଯାଇଛି । ଏହି ଗ୍ରାମର ହରିଆ ବିନ୍ଧାଣୀ, ସୁରିୟା ବିନ୍ଧାରୀ, ରବି ବିନ୍ଧାଣୀ, ପଚା ବିନ୍ଧାଣୀ, ମାହ୍ଲ ବିନ୍ଧାଣୀ, ଟୁନା ବିନ୍ଧାଣୀ, ସାବିତ୍ରୀ ବିନ୍ଧାଣୀ, ଜଟ ବିନ୍ଧାଣୀ, ଶଙ୍କର ବିନ୍ଧାଣୀ, ଭଟ ବିନ୍ଧାଣୀ, ଜିରା ବିନ୍ଧାଣୀ, ଶୁକ୍ରା ବିନ୍ଧାଣୀ, ପଦନ ବିନ୍ଧାଣୀ, ଶଂସା ବିନ୍ଧାଣୀ, ସିଂଘରାୟ ବିନ୍ଧାଣୀ, ରାଧା ବିନ୍ଧାଣୀ, ଶମ୍ଭୁ ବିନ୍ଧାଣୀ, କବିତା ବିନ୍ଧାଣୀ ଓ ପଦ୍ମିନୀ ବିନ୍ଧାଣୀଙ୍କର ମୋଟ ୧୯ବଖରା ଘର ସମ୍ପୂର୍ଣ୍ଣ ପୋଡି ଯାଇଛି । ଖବରପାଇ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବିଜୁ ଜନତା ଦଳର ସାଂସଦ ପ୍ରାର୍ଥିନୀ ଡ. ଲେଖାଶ୍ରୀ ସଂହସାମନ୍ତ ଓ ବିଧାୟିକା ପ୍ରାର୍ଥିନୀ ଅନସୂୟା ପାତ୍ର, ବ୍ଲକ୍ ଅଧକ୍ଷ୍ୟ ମିନତୀ ସିଂ, ଉପାଧକ୍ଷ୍ୟ କାଂଚନ କୁମାର ପ୍ରଧାନଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଓ କର୍ମକର୍ତାମାନେ ଘଟଣାସ୍ଥଳରେ ପଂହଚି ସେମାନଙ୍କୁ ସହାୟତା ପ୍ରଦାନ କରିଛନ୍ତି । ସମାଜ ରିଲିଫ୍ ଫଣ୍ଡ ପକ୍ଷରୁ  ମଧ୍ୟ ପ୍ରତି ପରିବାରକୁ ୨ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବାର ଜଣାଯାଇଛି । ଖବରପାଇ ଅତିରିକ୍ତ ତହସିଲଦାର, କୁରଡିହା ରାଜସ୍ୱ ନିରୀକ୍ଷିକା ଓ ବି.ଡି.ଓ ଘଟଣାସ୍ଥଳରେ ପଂହଚି ପିଡିତା ପରିବାରମାନଙ୍କୁ କିପରି ସରକାରୀ ସହାୟତା ଯୋଗାଇ ଦିଆଯିବ, ସେ ସମ୍ପର୍କରେ ଆଲୋଚନା କରିଛନ୍ତି । ଅଗ୍ନିକାଣ୍ଡର ଭୟାବହତା ପାଇଁ ଘର ଭିତରୁ କିଛି ଜିନିଷ କାଢିବା ପାଇଁ ପରିବାର ଲୋକେ ସମୟ ମଧ୍ୟ ପାଇ ନାହାନ୍ତି । ଘରର ଆସବାବପତ୍ର, ଧାନଚାଉଳ, ବାସନକୁସୁନ, ପିଲାଙ୍କ ପାଠପଢା ବହି, ଦାରକାରୀ କାଗଜପତ୍ର ଓ ସାଇକେଲଠୁ ଆରମ୍ଭ କରି ଗ୍ୟାସ ଟାଙ୍କି ପର୍ଯ୍ୟନ୍ତ ସବୁ ନଷ୍ଟ ହୋଇ ଯାଇଛି । ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନଙ୍କ ସମେତ ଅଜିତ କୁମାର ସେନାପତି, ଜ୍ଞାନ ରଂଜନ ଦାଶ, ରଣଜିତ ପାତ୍ର, ସରପଂଚ, ସମିତି ସଭ୍ୟ ଓ ଗ୍ରାମବାସୀମାନେ ଉପସ୍ଥିତ ହୋଇ ସହୟତା କରିଛନ୍ତି । ବଡସାହି ଓ ବେତନଟୀ ଦମକଳ ବାହିନୀ ଘଟଣାସ୍ଥଳରେ ପଂହଚି ନିଆଁକୁ ଆୟତ କରିଛି ।

# ଦଳବିରୋଧୀ କାର୍ଯ୍ୟ ପାଇଁ ବିଜେପିରୁ ୧୨ ଜଣ ବହିଷ୍କୃତ

ଭୁବନେଶ୍ୱର, ୦୭/୫ (ନି.ପ୍ର): ଦଳବିରୋଧୀ କାର୍ଯ୍ୟ ଏବଂ ଦଳୀୟ ଅନୁଶାସନ ଭଙ୍ଗ କାରଣରୁ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସାଧନା ପାଣ୍ଡେ, ବିରମିତ୍ରପୁରର ପୂର୍ବତନ କାଉନସିଲର ମହାଗଡଦେବୀ କୋଇଲି ଭଗତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରାୟ, ବିରମହାରାଜପୁରର ଆଶ୍ରୟ ମହାନନ୍ଦ, ଫୁଲବାଣୀର ଟିକେଶ୍ୱର କହଁର, କଂଟାମାଳର ସୁଧାଂଶୁ ଡାଙ୍ଗ, ଦଶପଲ୍ଲାର ରବିନ୍ଦ୍ରନାଥ ସେଠୀ, ନୟାଗଡ ଜିଲ୍ଲା ଉପସଭାପତି ଇନ୍ଦୁମତି ନାୟକ, ବ୍ରହ୍ମପୁରର ପୂର୍ବତନ ମେୟର ଶିବଶଂକର ଦାଶ, ମନୋଜ ପଟ୍ଟନାୟକ, କୋରାପୁଟ ଜିଲ୍ଲା ଏସସି ମୋର୍ଚ୍ଚା ସଭାପତି ଭାଗିରଥୀ ପାଟଣୀଆ ଏବଂ କୋ-ଅପରେଟିଭ ସେଲ ସଂଯୋଜକ କର୍ପୁର ହନ୍ତାଳଙ୍କୁ ଦଳରୁ ବହିଷ୍କାର କରାଗଲା ବୋଲି ରାଜ୍ୟ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ ବେଳେ ଡ୍ରୋନ୍ ଉଡ଼ାଣ ଉପରେ କଟକଣା

ଭୁବନେଶ୍ୱର, ୦୭/୫ (ନି.ପ୍ର): ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ସୁରକ୍ଷା ଦୃଷ୍ଟିରୁ ଡ୍ରୋନ୍ ଉଡ଼ାଣ ଉପରେ କଟକଣା ଲଗାଯାଇଛି। ନୋ ଫ୍ଲାଇଂ ଜୋନ୍ ସହ ଡ୍ରୋନ୍ ଉଡ଼ାଣ ବାରଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୧୦ ଓ ୧୧ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିବେ । ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ରୋଡ୍ ସୋ' କରିବା ସହ କନ୍ଧମାଳ, ବରଗଡ଼ ଓ ବଲାଙ୍ଗିରରେ ଆୟୋଜିତ ସଭାରେ ଯୋଗ ଦେବେ। ସଭାସ୍ଥଳକୁ ନୋ ଫ୍ଲାଇଂ ଜୋନ୍ ଘୋଷଣା ପାଇଁ ଗୁଇନ୍ଦା ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି।

# ଅବକାରୀ ବିଭାଗର ଚଢ଼ାଉ: ଚାରି ଜଣ ଗିରଫ

ବେତନଟୀ , ୦୭/୫ (ନି.ପ୍ର): ବେତନଟୀ ଅବକାରୀ ଥାନା ଅଧୀନ ବେତନଟୀ ଓ ବୈଶିଙ୍ଗା ଅଞ୍ଚଳ ରେ ଆଜି ଅବକାରୀ ବିଭାଗ ଚଢାଉ କରି ଦେଶୀ ମଦ ଜବତ କରି ଚାରି ଜଣ ଙ୍କୁ ଗିରଫ କରିଛି ଅବକାରୀ ପୁଲିସ। ଅଭିଯୁକ୍ତ ମାନେ ହେଲେ ବେତନଟୀ ଥାନା ଅଧୀନ ଭୋଗବାଟୀ ଗ୍ରାମର ସତ୍ୟମ ସୁନ୍ଦର ମାଝୀ(୭୮) ଓ ଆମ୍ବଯୋଡ଼ା ଗ୍ରାମର ଲାଲା ମାରାଣ୍ଡି (୩୯) ସେହିଭଳି ବୈଶିଙ୍ଗା ଥାନା ଅଧୀନ ପାଟପୁର ର ମଧୁ ମାରାଣ୍ଡି(୬୫) ଓ ସୁକୁଲ ଚନ୍ଦ୍ର ମାରାଣ୍ଡି(୬୦) ବୋଲି ଜଣାପଡିଛି। ଚଢ଼ାଉ ସମୟରେ ମୋଟ ତାଙ୍କ ପାଖରୁ ମୋଟ ୬୨ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଚଢାଉ ରେ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ସାହୁ, ଏସ.ଆଇ ସୁଧାଂଶୁ କୁମାର ବେହେରା, ଲିଜା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଅଜଣା ଡ଼ମ୍ଫର ଧକ୍କାରେ ନାବାଳକ ଛାତ୍ରର ମୃତ୍ୟୁ: କ୍ଷତିପୂରଣ ଦାବିରେ ରାସ୍ତାରୋକ

ନିଳଗିରି , ୦୭/୫ (ନି.ପ୍ର): ଆଉ କିଛିଦିନ ପରେ ମେଟ୍ରିକ୍ ପରୀକ୍ଷା ଫଳ ପ୍ରକାଶିତ ହେବାକୁ ଯାଉଥିବା ବେଳେ ପରୀକ୍ଷା ଫଳ ପ୍ରକାଶ ପୂର୍ବରୁ ଜଣେ ଛାତ୍ରର ମୃତ୍ୟୁ ହେବା ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁସାରେ ବରହମପୁର ଥାନା ଅନ୍ତର୍ଗତ ଅଁଳାପାଳ ଗ୍ରାମର ମୁନା ସାହୁର ପୁଅ କରନ୍ କୁମାର ସାହୁ (୧୫) ମଙ୍ଗଳବାର ଦିନ ପ୍ରାୟ ଦିନ ୧ଟା ସମୟରେ ଏକ ଇଲେକ୍ଟ୍ରି ସ୍କୁଟି ରେ ଦୁଇ ଜଣ ସାଙ୍ଗକୁ ନେଇ ମିତ୍ରପୁର ଅଭିମୁଖେ ଯାଉଥିବା ବେଳେ ଗୋପିନାଥପୁର ଲେବୁଲ କ୍ରସିଂ ପରେ ନୀଳଗିରିରୁ ମିତ୍ରପୁର୍ ଯାଉଥିବା ଏକ ଅଜଣା ଡମ୍ଫର ବାଇକଟିକୁ ପଛପଟୁ ଧକ୍କା ଦେବା ଫଳରେ ବାଇକ୍ ପଛରେ ବସିଥିବା ଦୁଇ ସାଙ୍ଗ ଡେଇଁ ପଡ଼ିଥିଲେ। ଚାଳକ କରନ ଉପରେ ଡ଼ମ୍ଫର ମାଡ଼ି ଯିବାରୁ ମୁଣ୍ଡଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଘଟଣା ସ୍ଥଳରେ ତାର ମୃତ୍ୟୁ ହୋଇଅଛି। ଅନ୍ୟ ଦୁଇଜଣ ସାଙ୍ଗ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ଘଟଣା ସ୍ଥଳରେ ଉତେଜନା ଲାଗିଥିବା ବେଳେ ସ୍ଥାନୀୟ ବାସିନ୍ଦା କ୍ଷତି ପୁରଣ ଦାବିରେ ରାସ୍ତା ଅବରୋଧ କରି ଥିଲେ। ନିଳଗିରି ଥାନା ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣ, ତହସିଲଦାର ଦିପ୍ତିମୟୀ ବେହେରା ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କଲାପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ସୂଚନା ଅନୁସାରେ କରନ ଚଳିତ ବର୍ଷ ମେଟ୍ରିକ୍ ପରୀକ୍ଷା ଦେଇଅଛି। ବାପା ବାହାର ରାଜ୍ୟରେ ରୋଷେୟା ଭାବେ କାର୍ଯ୍ୟ କରୁଥିବା ବେଳେ ମାଆ ଏକ ଟେଲର ଦୋକାନରେ କାର୍ଯ୍ୟ କରନ୍ତି। ଏନେଇ ପୋଲିସ ତଦନ୍ତ ଜାରି ରଖିଛି।

# କଂଗ୍ରେସ ଛାଡିଲେ ପୂର୍ବତନ ବିଧାୟକ ଚିତ୍ତ ଷଡ଼ଙ୍ଗୀ



ନୀଳଗିରି, ୦୭/୫ (ନି.ପ୍ର): ପୂର୍ବତନ ବିଧାୟକ, ନୀଳଗିରି ଉପଖଣ୍ଡ ଓକିଲ ସଂଘ ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ଚିତ୍ତରଞ୍ଜନ ଷଡ଼ଙ୍ଗୀ ଆଜି କଂଗ୍ରେସ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ ତାଙ୍କର ଇସ୍ତଫା ପତ୍ର ଏଆଇସିସି ସଭାପତି ନୂଆଦିଲ୍ଲୀ ଏବଂ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ପ୍ରଦାନ କରିଛନ୍ତି। ସେ କଂଗ୍ରେସ ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବରେ ଦୀର୍ଘଦିନ ଧରି ସେବା ଯୋଗାଇ ଆସିଥିବା ବେଳେ ବର୍ତ୍ତମାନର ବାଲେଶ୍ୱର କଂଗ୍ରେସ ଦଳର ଲୋକସଭା ପ୍ରାର୍ଥୀ ଶ୍ରୀକାନ୍ତ ଜେନା ସର୍ବ ସମ୍ମୁଖରେ ତାଙ୍କୁ ଅପମାନ କରିବା ଓ ନୀଳଗିରି ବିଧାନ ସଭା ଟିକେଟ ଚୟନ ରେ ଅନିୟମିତତା କରିଥିବା ନେଇ ସେ ଗଭୀର ମର୍ମାହତ ହୋଇ ଦଳ ଛାଡିଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଦୀର୍ଘ ୫୫ବର୍ଷ ଧରି ଜନସେବାକୁ ନିଜର ବ୍ରତ କରିଥିବା ଶ୍ରୀଯୁକ୍ତ ଷଡ଼ଙ୍ଗୀ ଛାତ୍ର ଜୀବନରୁ ବିଭିନ୍ନ ସଙ୍ଗଠନ ସହିତ ସାମିଲ ହୋଇଥିଲେ। ପରେ ରାଜନୀତିକୁ ଆସି ସ୍ୱାଧୀନ ପ୍ରାର୍ଥୀ ଭାବେ ୧୯୯୦ ମସିହାରେ ନୀଳଗିରି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ କଂଗ୍ରେସ ଦଳର ଜଣେ ସକ୍ରୀୟ କାର୍ଯ୍ୟକର୍ତ୍ତା ଭାବେ ନୀଳଗିରି ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକାରୀ ଆସୁଥିଲେ। ଚଳିତ ନିର୍ବାଚନରେ ସେ କଂଗ୍ରେସ ଦଳର ନୀଳଗିରି ବିଧାନସଭା ଟିକେଟ ପାଇବେ ବୋଲି ଆଶା ବାନ୍ଧିଥିବା ବେଳେ ସାଂସଦ ପ୍ରାର୍ଥୀଙ୍କର ଏ ପରି ତାଙ୍କ ପ୍ରତି ମନୋଭାବ କୁ ସେ ନାପସନ୍ଦ କରି ଦଳ ଛାଡିଛନ୍ତି। ତେବେ ଶ୍ରୀକାନ୍ତଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇ କହିଛନ୍ତି ଆଗାମୀ ନିର୍ବାଚନରେ ସେ ବାଲେଶ୍ୱର ଲୋକସଭା ପ୍ରାର୍ଥୀ ଆସନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢିବେ ଏବଂ ନୀଳଗିରିରୁ ତାଙ୍କଠାରୁ ଅଧିକ ଭୋଟ ପାଇବେ । ତେବେ ଆଜିର ଏହି ଘଟଣା ପରେ କଂଗ୍ରେସ ଦଳ ଭିତରେ ଥିବା କନ୍ଦଳ ଆଗାମୀ ନିର୍ବାଚନ ରେ ଦଳ ପାଇଁ ବୁମେରାଙ୍ଗ ସାଜିବନି ତ ?

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo